ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୪/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, September 4/2025 Page 14 ₹ 7.00 BALASORE
୫୧ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 280 ମୂଲ୍ୟ₹୭/-



ଲଗାଣ ବର୍ଷା ଯୋଗୁ ହିମାଚଳ ପ୍ରଦେଶର କୁଲୁରେ ବୁଧବାର ଏକ ବ୍ରିଜ୍ ଭୁଶୁଡିପଡ଼ିଛି।

# ବିନା ପାସ୍‌ପୋର୍ଟରେ ଭାରତରେ ରହିପାରିବେ ସଂଖ୍ୟାଲଘୁ ଶରଣାର୍ଥୀ

**୨୦୨୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ଆଫ୍‌ଗାନିସ୍ତାନ, ବାଂଲାଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନଙ୍କୁ ମିଳିବ ସୁବିଧା**

୨୦୨୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ଆଫ୍‌ଗାନିସ୍ତାନ ଓ ବାଂଲାଦେଶରୁ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ଶରଣାର୍ଥୀମାନେ ଦେଶରେ ବିନା ପାସ୍‌ପୋର୍ଟରେ ବସବାସ କରିପାରିବେ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଏକ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏହି ପଡ଼ୋଶୀ ଦେଶଗୁଡ଼ିକରୁ ଧର୍ମୀୟ ଅତ୍ୟାଚାର ସହି ନ ପାରି ଭାରତକୁ ଚାଲିଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କ ନିକଟରେ ପାସ୍‌ପୋର୍ଟ କିମ୍ବା ଅନ୍ୟ କୌଣସି ବୈଧ ଦସ୍ତାବିଜ ନ ଥିଲେ ମଧ୍ୟ ସେମାନଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। କିନ୍ତୁ ସେମାନେ କେତେଦିନ ଯାଏ ରହିବେ ଏବଂ ସେମାନଙ୍କୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅନୁଯାୟୀ ଭାରତର ନାଗରିକତ୍ୱ ମିଳିବ କି ନାହିଁ ତାହା ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ନାହିଁ। ଏଭଳିସ୍ଥଳେ ବିନା କୌଣସି ବୈଧ କାଗଜପତ୍ରରେ ବିଦେଶୀଙ୍କୁ ରହିବାକୁ ସୁଯୋଗ ଦିଆଯିବା ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି।

**ନୂଆଦିଲ୍ଲୀ,୩।୯**

୨୦୨୪ ମାର୍ଚ୍ଚ ୧୧ରୁ ସିଏଏ କାର୍ଯ୍ୟକାରୀ ହୋଇଛି। ତଦନୁସାରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତକୁ ଆସିଥିବା ସଂଖ୍ୟାଲଘୁ ଶରଣାର୍ଥୀଙ୍କୁ ଦେଶର ନାଗରିକତ୍ୱ ପ୍ରଦାନର ବ୍ୟବସ୍ଥା ରହିଥିବାବେଳେ ଏହି ସୁବିଧାରୁ ମୁସଲମାନମାନଙ୍କୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ନିକଟରେ ପ୍ରଣୀତ ଇମିଗ୍ରେଶନ୍ ଆଣ୍ଡ୍ ଫରେନର୍ସ ଆକ୍ଟ, ୨୦୨୫ ସୋମବାରଠାରୁ ଦେଶରେ କାର୍ଯ୍ୟକାରୀ ହୋଇଛି। ତଦନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଅର୍ଡରରେ ୨୦୨୪ ଡିସେମ୍ବର ସୁଦ୍ଧା ଆସିଥିବା ଲୋକଙ୍କୁ ଭାରତରେ ବିନା ପାସ୍‌ପୋର୍ଟରେ ରହିବାକୁ ଅନୁମତି ଦିଆଯାଇଥିବାବେଳେ ନାଗରିକତ୍ୱର ଗ୍ୟାରେଣ୍ଟି ପ୍ରଦାନ କରାଯାଇନାହିଁ। ତଥାପି ୨୦୧୪ ପରେ ପାକିସ୍ତାନରୁ ଭାରତକୁ ଆସିଥିବା ବହୁସଂଖ୍ୟକ ଲୋକ ବିଶେଷକରି ହିନ୍ଦୁମାନଙ୍କ ପାଇଁ ସଦ୍ୟ ନିର୍ଦ୍ଦେଶନାମା ଆଶ୍ୱସ୍ତି ଦେଇଛି। ସେମାନଙ୍କ ନିକଟରେ ପାସ୍‌ପୋର୍ଟ, ଭିଜା କିମ୍ବା ଯାତ୍ରା ସମ୍ପର୍କିତ କୌଣସି ବୈଧ ଦସ୍ତାବିଜ ନ ଥିଲେ କିମ୍ବା ଦସ୍ତାବିଜର ବୈଧତା ଅବଧି ଶେଷ ହୋଇଯାଇଥିଲେ ଭାରତରେ ବସବାସ ଲାଗି ଏଥିରେ ଅନୁମତି ଦିଆଯାଇଛି। ସୂଚନାଥାଉ କି ସିଏଏରୁ ମୁସଲମାନମାନଙ୍କୁ ବାଦ୍ ଦିଆଯିବା ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁକୁ ନେଇ ଦେଶରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା।

## ନାଗରିକତ୍ୱ ପ୍ରଦାନ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ

୨୦୨୪ ମାର୍ଚ୍ଚ ୧୧ରୁ ସିଏଏ କାର୍ଯ୍ୟକାରୀ ହୋଇଆସୁଛି। ସିଏଏ ବଳରେ ଅଦ୍ୟାବଧି ଅନେକ ହଜାର ବିଦେଶୀ ସଂଖ୍ୟାଲଘୁଙ୍କୁ ଦେଶର ନାଗରିକତ୍ୱ ପ୍ରଦାନ କରାଯାଇଥିବା ନେଇ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଦାବି କରିଥିବାବେଳେ ଏହାର ପ୍ରକୃତ ସଂଖ୍ୟା ସାମ୍ନାକୁ ଆସିପାରି ନାହିଁ। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ବିଭିନ୍ନ ରିପୋର୍ଟ ଅନୁଯାୟୀ ଗତବର୍ଷ ମେ'ରୁ ଭାରତ ସରକାର ସିଏଏ ଅଧୀନରେ ନାଗରିକତ୍ୱ ପ୍ରଦାନ କରୁଛନ୍ତି। ୨୦୨୪ ମେ'ରେ ୩୫୦ ଜଣଙ୍କୁ ଭାରତର ନାଗରିକତ୍ୱ ପ୍ରମାଣପତ୍ର ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ଦିଲ୍ଲୀରେ ରହିବାକୁ ଅନୁମତି ମିଳିଥିଲା। ସେହିପରି ପଶ୍ଚିମବଙ୍ଗରେ ଅନ୍ୟୁନ ୮ ହିନ୍ଦୁଙ୍କୁ ନାଗରିକତ୍ୱ ଦିଆଯାଇଛି। ଗତବର୍ଷ ଅଗଷ୍ଟରେ ୨୦ ଆଫ୍‌ଗାନ୍ ଶିଖ୍‌ଙ୍କୁ ମଧ୍ୟ ନାଗରିକତ୍ୱ ଦିଆଯାଇଛି। ୨୦୨୫ ମାର୍ଚ୍ଚରେ ଆସାମରେ ୨ ଜଣ ବ୍ୟକ୍ତି ଭାରତୀୟ ନାଗରିକତ୍ୱ ହାସଲ କରିଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩କୁ ଅପ୍‌ଡେଟ୍ କରାଯାଇଛି। ତେବେ କେନ୍ଦ୍ରର ଦାବି ସହ ପ୍ରକୃତ ତଥ୍ୟର ତାଳମେଳ ରହୁ ନ ଥିବାରୁ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି।

# ଚଳିତ ମାସରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ

**ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)**



ଚଳିତ ମାସରୁ ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ। ଏହି ବ୍ୟବସ୍ଥାକୁ ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ମଞ୍ଜୁରୀ ଦେଇଛି। ଦୀର୍ଘ ୧ବର୍ଷ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହ ଏବଂ ନୂତନ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ନୂତନ ସଦସ୍ୟମାନଙ୍କୁ ☞ପୃଷ୍ଠା-୪

# ବିଦ୍ୟୁତ୍ ସମସ୍ୟା: ୩ ମିନିଟ୍‌ରେ ଅଭିଯୋଗ ନ ଶୁଣିଲେ ଜରିମାନା

**ଭୁବନେଶ୍ୱର,୩।୯ (ରବିନାରାୟଣ ଜେନା)**

ରାଜ୍ୟରେ ବିଦ୍ୟୁତ୍ ସେବାରେ ଖୁବ୍‌ଶୀଘ୍ର ସଂସ୍କାର ଆସିବ। ଏନେଇ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ ଏକ ଚିଠା ବିଜ୍ଞପ୍ତି ଜାରି ହୋଇଛି। ସେଥିରେ ସେପ୍ଟେମ୍ବର ୨୨ ସୁଦ୍ଧା ରାଜ୍ୟର ପ୍ରାୟ ୧କୋଟି ଉପଭୋକ୍ତାଙ୍କଠାରୁ ସୁଚିନ୍ତିତ ମତାମତ ଲୋଡ଼ାଯାଇଛି। ତେବେ ଓଇଆର୍‌ସି ପକ୍ଷରୁ ଜାରି ବିଜ୍ଞପ୍ତିରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ବିଦ୍ୟୁତ୍ ସେବା ବ୍ୟାହତ କ୍ଷେତ୍ରରେ

### ଓଇଆର୍‌ସିର ବିଦ୍ୟୁତ୍ ସେବା ଚିଠା ବିଜ୍ଞପ୍ତି

ଉପଭୋକ୍ତା ଯଦି ଫୋନ୍ କରୁଛନ୍ତି, ତେବେ ୩ ମିନିଟ୍ ମଧ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ପକ୍ଷରୁ ତା'ର ପ୍ରତିଜବାବ ତଥା ରେସ୍‌ପଣ୍ଡ କରାଯିବାକୁ ରହିଛି। ଯଦି ଏହି ସମୟ ମଧ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ରେସ୍‌ପଣ୍ଡ ନ କରନ୍ତି ତେବେ ଜରିମାନା ହେବେ। ସେହିପରି ୫ ମିନିଟ୍ ମଧ୍ୟରେ ଯଦି ଅଭିଯୋଗଟି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବିପରୀତ ସିଦ୍ଧାନ୍ତ

# ଜଳବାୟୁ ପରିବର୍ତ୍ତନରୁ ଭାରତ ହେବ ସାପ କାମୁଡ଼ାର ହଟ୍‌ସ୍ପଟ୍

**ନୂଆଦିଲ୍ଲୀ, ୩।୯**

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଷାକ୍ତ ସାପଗୁଡ଼ିକ ପାଇଁ ଉତ୍ତର ଏବଂ ଉତ୍ତର-ପୂର୍ବ ଭାରତରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ, ଯାହାଫଳରେ ଉକ୍ତ ଅଞ୍ଚଳରେ ସାପ ସଂଖ୍ୟା ବୃଦ୍ଧି ପାଇବା ସହ ସାପକାମୁଡ଼ା ମାମଲା ମଧ୍ୟ ଦ୍ରୁତ ଗତିରେ ବଢ଼ିବ। ଦିବ୍ରୁ ସାଇଖୋଓ୍ୱା କଞ୍ଜରଭେଶନ୍ ସୋସାଇଟି, ଆସାମ ଏଗ୍ରିକଲଚର ୟୁନିଭର୍ସିଟି ଏବଂ ଦକ୍ଷିଣ କୋରିଆର ପୁକ୍‌ୟୋଙ୍ଗ୍ ନ୍ୟାଶନାଲ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସୁଛି। ସାଧାରଣତଃ ଉତ୍ତର ଏବଂ ଉତ୍ତର-ପୂର୍ବ ଭାରତୀୟ ଅଞ୍ଚଳର ପରିବେଶକୁ ସାପଗୁଡ଼ିକଙ୍କ ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଉଥିବାବେଳେ ଜଳବାୟୁ ପରିବର୍ତ୍ତନ ଏହି ଧାରାକୁ ପରିବର୍ତ୍ତନ କରୁଥିବା ଗବେଷକମାନେ କହିଛନ୍ତି। ଭାରତୀୟ ଉପମହାଦେଶରେ ଅଧିକାଂଶ ସାପକାମୁଡ଼ା ପାଇଁ ୪ ପ୍ରଜାତିର ବିଷାକ୍ତ ସାପ କମନ କ୍ରେଟ୍, ରସେଲ୍ସ ଭାଇପର, ଏଚିସ କାରିନାଟସ ଏବଂ ଇଣ୍ଡିଆନ କୋବ୍ରା ଦାୟୀ ବୋଲି ଅଧ୍ୟୟନରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ପନ୍ନ ହେଉଥିବା ପରିସ୍ଥିତି ମଧ୍ୟରେ ହରିୟାଣା, ରାଜସ୍ଥାନ ଏବଂ ଆସାମ ଏହି ୪ ପ୍ରଜାତିର ସାପଙ୍କ ପାଇଁ ଅନୁକୂଳ ହେବ ବୋଲି ଅଧ୍ୟୟନରେ ଆକଳନ କରାଯାଇଛି। ସାଧାରଣତଃ ମଣିପୁର, ମେଘାଳୟ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପରିବେଶ ସାପଗୁଡ଼ିକଙ୍କ ପାଇଁ ଅନୁପଯୁକ୍ତ ବୋଲି ବିଚାର କରାଯାଇଥାଏ। ତେବେ ପିଏଲ୍‌ଓଏସ୍ ନେଗଲେକ୍ଟଡ୍ ଟ୍ରପିକାଲ ଡିଜିଜ୍ ଜର୍ନାଲରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଆଗାମୀ ଦିନରେ ଉକ୍ତ ଅଞ୍ଚଳଗୁଡ଼ିକରେ ସାପ କାମୁଡ଼ା ମାମଲାରେ ୧୦୦%ରୁ ଅଧିକ ବୃଦ୍ଧି ଘଟିପାରେ।






## ସଂକ୍ଷେପରେ

### ସେନାର ବେଆଇନ ବ୍ୟବହାର: ଟ୍ରମ୍ପ୍‌ଙ୍କୁ ନିନ୍ଦା କଲେ ଆମେରିକା କୋର୍ଟ

ୱାଶିଂଟନ,୩।୯

କାଲିଫର୍ନିଆର ଦକ୍ଷିଣ ଭାଗରେ ଆପ୍ରବାସନ ଆଇନ କାର୍ଯ୍ୟକାରିତା ବିରୋଧୀ ବିକ୍ଷୋଭ ବେଳେ ଏହାକୁ ଦମନ କରିବା ପାଇଁ ନ୍ୟାଶନାଲ ଗାର୍ଡ ସୈନ୍ୟଙ୍କୁ ମୁତୟନ କରାଯାଇଥିବାରୁ ଏହା ସଂଘୀୟ ଆଇନର ଉଲ୍ଲଂଘନ ବୋଲି ସାନ୍ ଫ୍ରାନ୍ସିସ୍କୋର ଜିଲା ଜଜ୍ କାର୍ଲସ ବେୟେର କହିବା ସହ ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ନିନ୍ଦା କରିଛନ୍ତି। ଲସ୍ ଏଞ୍ଜେଲ୍ସରେ ସେନା ମୁତୟନ କରି ପ୍ରଶାସନ ଆଇନର ସୀମା ଅତିକ୍ରମ କରିଛି। ବିଚାରପତି ତୁରନ୍ତ ସୈନ୍ୟ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇ ନ ଥିଲାବେଳେ ତାଙ୍କ ନିଷ୍ପତ୍ତି ଶୁକ୍ରବାରଠାରୁ କାର୍ଯ୍ୟକାରୀ ହେବ। ଘରୋଇ ଆଇନ ପ୍ରବର୍ତ୍ତନ କାର୍ଯ୍ୟରେ ସେନା ବ୍ୟବହାରକୁ ପୋସେ କମିଟାଟ୍ସ ଆକ୍ଟରେ ନିଷେଧ କରାଯାଇଥିବାବେଳେ ଏହାର ଉଲ୍ଲଂଘନ କରାଯାଇ ଲସ୍ ଏଞ୍ଜେଲ୍ସରେ ସୈନ୍ୟଙ୍କୁ ମୁତୟନ କରାଯାଇଥିବାରୁ ଏହା ବିରୋଧରେ କୋର୍ଟରେ ପିଟିଶନ ଦାଏର ହୋଇଥିଲା। ଟ୍ରମ୍ପ୍ ପ୍ରଶାସନ ସୈନ୍ୟମାନଙ୍କୁ ଇମିଗ୍ରେଶନ ପୋଲିସରେ ପରିଣତ କରିଥିବା ଅଭିଯୋଗ ହୋଇଥିଲା।

### ଭାରତକୁ ତେଲ କିଣାରେ ଅଧିକ ରିହାତି ଦେଲା ରୁଷିଆ

ନୂଆଦିଲ୍ଲୀ,୩।୯

ଭାରତୀୟ କ୍ରେତାଙ୍କ ପାଇଁ ରୁଷିଆ ଏହାର ତୈଳ ଦାମ୍‌ରେ ଅଧିକ ୩ରୁ ୪ ଡଲାର ରିହାତି ଘୋଷଣା କରିଛି। ରୁଷିଆରୁ ତେଲ କିଣାକୁ ନେଇ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ମସ୍କୋ ପକ୍ଷରୁ ନୂଆଦିଲ୍ଲୀକୁ ଅଧିକ ରିହାତି ପ୍ରଦାନ କରାଯାଇଛି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ଦ୍ୱିତୀୟ ଭାଗ ଏବଂ ଅକ୍ଟୋବରରେ ଆସିବାକୁ ଥିବା ରୁଷିଆର ଉରାଲ କ୍ରୁଡ୍ ଉପରେ ବ୍ୟାରେଲ୍ ପିଛା ୩ରୁ ୪ ଡଲାର ରିହାତି ମିଳିବ। ଜୁଲାଇରେ ରିହାତି ପରିମାଣ ୧ ଡଲାର ଥିବାବେଳେ ଗତ ସପ୍ତାହରେ ତାହା ୨.୫୦ ଡଲାରକୁ ବଢ଼ିଥିଲା।

### ଅଭିନେତ୍ରୀ ରାନ୍ୟା ରାଓଙ୍କୁ ୧୦୨ କୋଟି ଜରିମାନା

ବେଙ୍ଗାଲୁରୁ,୩।୯

ସୁନା ଚୋରା କାରବାର ମାମଲାରେ କନ୍ନଡ ଅଭିନେତ୍ରୀ ରାନ୍ୟା ରାଓ ଉପରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ୧୦୨ କୋଟି ଟଙ୍କା ଜରିମାନା ଲଗାଇଛି। ଏହି ମାମଲାରେ ହୋଟେଲ ମାଲିକ ତରୁଣ କୋଣ୍ଡାରାଜୁଙ୍କ ଉପରେ ୬୩ କୋଟି ଏବଂ ଅଳଙ୍କାର ବ୍ୟବସାୟୀ ସାହିଲ ସାକାରିଆ ଜୈନ ଓ ଭରତ କୁମାର ଜୈନଙ୍କ ଉପରେ ୫୬ କୋଟି ଟଙ୍କା ଲେଖାଏ ଜରିମାନା ଲାଗୁ କରାଯାଇଛି। ଡିଆର୍‌ଆଇ ଅଧିକାରୀମାନେ ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲକୁ ଯାଇ ସେମାନଙ୍କୁ ନୋଟିସ୍ ଦେଇଛନ୍ତି। ଅଭିନେତ୍ରୀ ରାନ୍ୟା ଦୁବାଇରୁ ୧୪.୮ କିଲୋଗ୍ରାମ ସୁନା ଆଣି ଆସୁଥିବାବେଳେ ମାର୍ଚ୍ଚ ୩ରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଧରାପଡ଼ିଥିଲେ।

ଦିଲ୍ଲୀରେ ଆଜି



ନୂଆଦିଲ୍ଲୀରେ ଯମୁନା ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଯମୁନା ଖାଦରରେ ଥିବା ପାର୍କ ବନ୍ୟା ପାଣିରେ ବୁଡ଼ିଯାଇଛି। (ଫଟୋ- ଚମନ ଗୌତମ)

### ରିଲିଫ୍, ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାହୁଲଙ୍କ ଅନୁରୋଧ

ନୂଆଦିଲ୍ଲୀ,୩।୯

ପଞ୍ଜାବଠୁ ନେଇ ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହରିୟାଣା ଓ ଜାତୀୟ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି ପ୍ରକୃତିର କୋପ। ମୌସୁମୀଜନିତ ଲଗାଣ ବର୍ଷା ଓ ବାଦଲଫଟା ବର୍ଷା ବିଭିନ୍ନ ସ୍ଥାନରେ ନାହିଁ ନ ଥିବା ସ୍ଥିତି ଉପୁଜାଇଛି। ଦିଲ୍ଲୀରେ ୧୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ହିମାଚଳରେ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ପରେ ଏହାକୁ ବିପର୍ଯ୍ୟୟ ପ୍ରଭାବିତ ରାଜ୍ୟ ରୂପେ ଘୋଷଣା କରାଯାଇଛି। ପଞ୍ଜାବରେ ବହୁ ଲୋକଙ୍କ ଧନଜୀବନ ହାନି ଘଟିଥିବାବେଳେ ଆସାମର ବ୍ରହ୍ମପୁତ୍ର ବନ୍ୟାରେ ପ୍ରାୟ ସାଢ଼େ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏଭଳି ବିପତ୍ତି ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଏଭଳି କଠିନ ସମୟରେ କେନ୍ଦ୍ର ସରକାର ତତ୍ପରତା ସହ ଲୋକଙ୍କୁ ସହାୟତାର ହାତ ବଢ଼ାନ୍ତୁ ବୋଲି ରାହୁଲ କହିଛନ୍ତି।

# ଉତ୍ତର ଭାରତରେ ଜଳତାଣ୍ଡବ

ନୂଆଦିଲ୍ଲୀ/ଚଣ୍ଡିଗଡ଼/ଶ୍ରୀନଗର/ଶିମ୍‌ଲା, ୩।୯

- ହିମାଚଳରେ ଭୂସ୍ଖଳନ: ୭ ମୃତ
- ପଞ୍ଜାବ ବନ୍ୟାରେ ୩.୫୫ ଲକ୍ଷ ଲୋକ ପ୍ରଭାବିତ
- କଶ୍ମୀରରେ ୨ ମୃତ, ବିପଦ ସଙ୍କେତ ଟପିଲା ଝେଲମ, ଚେନାବ ଜଳସ୍ତର

ଜମ୍ମୁ-କଶ୍ମୀର, ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ ପରି ଉତ୍ତର ଭାରତୀୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପ୍ରକୃତିର କୋପ ଜାରି ରହିଛି। ହିମାଚଳ ପ୍ରଦେଶର ମଣ୍ଡି ଜିଲାସ୍ଥିତ ଜନଗାମ୍‌ବାଗ୍‌ଠାରେ ଭୂସ୍ଖଳନ ଘଟି ୨ଟି ଘର ଭୁଶୁଡ଼ିପଡ଼ିଥିବା ବେଳେ ୭ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ନିଖୋଜ ରହିଛନ୍ତି। ଘଟଣାସ୍ଥଳରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେଶନ ଜାରି ରହିଛି। ଭୂସ୍ଖଳନ ଯୋଗୁ ରାଜ୍ୟର ୭ଟି ଜାତୀୟ ରାଜପଥ ସହ ୧୧୫୫ଟି ରାସ୍ତାରେ ଗମନାଗମନ ବନ୍ଦ ରହିଛି। ମଣ୍ଡି ଜିଲାରେ ୨୮୨, ଶିମ୍‌ଲାରେ ୨୩୪, କୁଲୁ ଜିଲାରେ ୨୦୪ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଛି।

ପଞ୍ଜାବରେ ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ବୁଧବାର ସୁଦ୍ଧା ରାଜ୍ୟରେ ବନ୍ୟା ସମ୍ବନ୍ଧିତ ବିଭିନ୍ନ ଘଟଣାରେ ୩୦ ଜଣ ପ୍ରାଣ ହରାଇଥିବା ବେଳେ ୩ ଲକ୍ଷ ୫୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ସମସ୍ତ ୨୩ ଜିଲା ବନ୍ୟା ପ୍ରଭାବିତ ବୋଲି ପଞ୍ଜାବର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ବନ୍ୟା ପ୍ରଭାବିତ ଏବଂ ତଳି ଅଞ୍ଚଳରୁ ପ୍ରାୟ ୨୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୯୮୮ ପରଠାରୁ ରାଜ୍ୟରେ ଦେଖାଦେଇଥିବା ଏହା ସବୁଠାରୁ ଭୟଙ୍କର ବନ୍ୟା ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି। ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜକୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

ଜମ୍ମୁ-କଶ୍ମୀରରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ଅଖନୁରରେ ବନ୍ୟା ଯୋଗୁ ଜଣେ ମହିଳା ଓ ତାଙ୍କ ଝିଅଙ୍କ ମୃତ୍ୟୁ ଘଟିଛି। ସେହିପରି ବନ୍ୟା ଘେରରେ ଗ୍ରାମର ୪୦ ଲୋକ ଫସି ରହିଥିବା ବେଳେ ସେମାନଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରହିଛି ବୋଲି ସ୍ଥାନୀୟ ଅଧିକାରୀ କହିଛନ୍ତି। ଲଗାଣ ବର୍ଷା ଯୋଗୁ ଜମ୍ମୁ ଅଞ୍ଚଳର ଚେନାବ ଏବଂ କଶ୍ମୀରର ଝେଲମ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀରର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। କଶ୍ମୀରକୁ ଦେଶର ଅନ୍ୟାନ୍ୟ ଅଂଶ ସହ ସଂଯୋଗ କରୁଥିବା ଏକମାତ୍ର ସଡ଼କ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଛି। ପ୍ରକୃତିର କୋପରୁ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ମଧ୍ୟ ତ୍ରାହି ପାଇନାହିଁ। ଲଗାଣ ବର୍ଷା ଯୋଗୁ ଦିଲ୍ଲୀ-ଏନ୍‌ସିଆରର ଅନେକ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଯମୁନାର ଜଳସ୍ତରରେ ବୃଦ୍ଧି ଘଟି ୨୦୭.୩୩ ମିଟରରେ ପହଞ୍ଚିଛି। ୨୦୧୩ ପରଠାରୁ ଯମୁନାର ଜଳସ୍ତର ସର୍ବାଧିକ ସ୍ତରରେ ପହଞ୍ଚିଛି। ଲଗାଣ ବର୍ଷା ଯୋଗୁ ଦିଲ୍ଲୀରେ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନବନ୍ଦରରୁ ପ୍ରାୟ ୩୪୬ଟି ବିମାନ ସେବା ବିଳମ୍ବିତ ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଦିଲ୍ଲୀ ଏୟାରପୋର୍ଟରୁ ୨୭୩ଟି ବିମାନ ବିଳମ୍ବରେ ଉଡ଼ାଣ ଭରିଥିବା ବେଳେ ୭୩ ବିମାନ ବିଳମ୍ବରେ ପହଞ୍ଚିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।



ବନ୍ୟା ପ୍ରଭାବିତ ଫିରୋଜପୁରକୁ ବୋଟ୍‌ରେ ପରିଦର୍ଶନ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍।



ଜମ୍ମୁରେ ତୱି ନଦୀ ବନ୍ୟାର ଉଛୁଳା ପାଣି କାଲ୍‌କା କଲୋନୀକୁ ପଶି ଆସିଛି।

## ବିମାନରେ ମଦ୍ୟପ ଓକିଲଙ୍କ ସ୍ଲୋଗାନ 'ହର୍ ହର୍ ମହାଦେବ'

କୋଲକାତା, ୩।୯

ଦିଲ୍ଲୀରୁ କୋଲକାତା ଯାଉଥିବା ଏକ ଇଣ୍ଡିଗୋ ଫ୍ଲାଇଟ୍‌ରେ ଜଣେ ଓକିଲ ମଦ୍ୟପାନ କରି 'ହର୍ ହର୍ ମହାଦେବ' ସ୍ଲୋଗାନ ଦେଇଚାଲିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ରିପୋର୍ଟ ଅନୁଯାୟୀ, ଗତ ୧ରେ ଇଣ୍ଡିଗୋର '୬ଇ ୭୫୭୧' ବିମାନର ୩୧ଡି ସିଟ୍‌ରେ ବସିଥିବା ଜଣେ ଓକିଲ ମଦନିଶାରେ 'ହର୍ ହର୍ ମହାଦେବ' ସ୍ଲୋଗାନ ଦେଇଚାଲିଥିଲେ ଏବଂ ଅନ୍ୟ ପାସେଞ୍ଜରମାନଙ୍କୁ 'ଜୟ ଶ୍ରୀରାମ' ପରି ଅନ୍ୟ ଧାର୍ମିକ ସ୍ଲୋଗାନ ଦେବାପାଇଁ ଉସ୍‌କାଇଥିଲେ। ଏପରି ନ କରିବାକୁ ବିମାନର କ୍ରିଉ ସଦସ୍ୟ ତାଙ୍କୁ ତାଗିଦା କରିଥିବା ବେଳେ ଓକିଲ ଜଣଙ୍କ ଅଧିକ ଉତ୍ତେଜିତ ହୋଇ କ୍ରିଉ ସଦସ୍ୟମାନଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ପ୍ରତି ଆପତ୍ତିଜନକ ଆଚରଣ କରିଥିଲେ। ବାରମ୍ବାର 'ହର୍ ହର୍ ମହାଦେବ' ସ୍ଲୋଗାନରୁ ବିମାନରେ ଥିବା ଅନ୍ୟ ଯାତ୍ରୀମାନେ ହଇରାଣ ହୋଇଥିଲେ। ବିମାନ ମଧ୍ୟରେ ସ୍ଥିତି ଅତ୍ୟଧିକ ବିଗିଡ଼ିଥିବାରୁ କୋଲକାତାରେ ଫ୍ଲାଇଟ୍ ଲାଣ୍ଡିଂ କରିବା ପରେ କ୍ରିଉ ସଦସ୍ୟଙ୍କ ପକ୍ଷରୁ ଅଭିଯୁକ୍ତ ଓକିଲଙ୍କୁ ସୁରକ୍ଷା କର୍ମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଇଣ୍ଡିଗୋ ପକ୍ଷରୁ ତାଙ୍କ ବିରୋଧରେ ଏତଲା ମଧ୍ୟ ଦାଖଲ ହୋଇଥିବା ନେଇ ବୁଧବାର ଏୟାରଲାଇନ୍ସ ସୂଚନା ଦେଇଛି। ବିମାନରେ ପ୍ରତି ଇଣ୍ଡିଗୋ ଶୂନ ସହନଶୀଳତା ନୀତି ଅବଲମ୍ବନ କରିଆସୁଛି ବୋଲି ଏୟାରଲାଇନ୍ସ ପକ୍ଷରୁ ବିବୃତି ଜାରି କରି କୁହାଯାଇଛି।

## ଭାରତ ଆମକୁ ଟାରିଫ୍‌ରେ ମାରୁଛି: ଟ୍ରମ୍ପ୍

ୱାଶିଂଟନ, ୩।୯ (ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଟାରିଫ୍ ପ୍ରସଙ୍ଗକୁ ନେଇ ଭାରତକୁ ଟାର୍ଗେଟ କରିଛନ୍ତି। ସ୍କଟ୍ ଜେନ୍ନିଙ୍ଗ୍‌ସ ରେଡିଓ ଶୋ'ରେ ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ଆମେରିକା ସାମଗ୍ରୀ ଉପରେ ସବୁ ଟାରିଫ୍‌କୁ ହଟାଇବା ପାଇଁ ଭାରତ ପକ୍ଷରୁ ନିକଟରେ ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ପରେ ଏହା ସମ୍ଭବ ହୋଇପାରିଛି। ଟ୍ରମ୍ପ୍ କହିଛନ୍ତି, ଆମେରିକା ସାମଗ୍ରୀ ଉପରେ ସର୍ବାଧିକ ଟାରିଫ୍ ଲଗାଉଥିବା ଦେଶ ହେଉଛି ଭାରତ। ଚାଇନା ଏବଂ ବ୍ରାଜିଲ ପରି ଭାରତ ମଧ୍ୟ ଆମେରିକାକୁ ଟାରିଫ୍‌ରେ ମାରୁଥିବା ସେ କହିଛନ୍ତି।

# ଚାଇନାର ସାମରିକ ଶକ୍ତି ପ୍ରଦର୍ଶନ

### ତିଆନ୍‌ମେନ୍ ସ୍କୋୟାରରେ ଜିନ୍‌ପିଙ୍ଗ୍‌ଙ୍କ ସହ ପୁଟିନ୍, କିମ୍

ବେଜିଂ,୩।୯(ରଏଟର୍ସ/ଏପି)

ସମ୍ପ୍ରତି ବିଶ୍ୱକୁ ଶାନ୍ତି ଓ ଯୁଦ୍ଧ ଭିତରୁ ଗୋଟିଏକୁ ବାଛିବାକୁ ପଡ଼ିବ। ମଣିଷ ଜାତିକୁ ଆଲୋଚନା କିମ୍ବା ମୁହାଁମୁହିଁ ସ୍ଥିତି, ବିଜୟ ଅଥବା ପରାଜୟ ମଧ୍ୟରୁ ଗୋଟିଏ ଦିଗରେ ଅଗ୍ରସର ହେବାକୁ ପଡ଼ିବ। ଚାଇନାବାସୀ ଦୃଢ଼ ଭାବେ ଇତିହାସର ଉପଯୁକ୍ତ ପକ୍ଷରେ ଛିଡ଼ା ହୋଇଛନ୍ତି ବୋଲି ବୁଧବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କହିଛନ୍ତି। ବେଜିଂର ତିଆନ୍‌ମେନ୍ ସ୍କୋୟାରରେ ଆୟୋଜିତ ବିଶାଳ ସାମରିକ ପରେଡ୍‌ରେ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କୁ ନେଇ ଅଭୂତପୂର୍ବ ଶକ୍ତି ପ୍ରଦର୍ଶନ ବେଳେ ଜିନ୍‌ପିଙ୍ଗ୍‌ଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍ ସାମିଲ ହୋଇଛନ୍ତି।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍(ମଝି)ଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଓ ଉତ୍ତରକୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଚାଇନା ଜାପାନକୁ ହରାଇବାର ୮୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଜର ୱେପନ୍, ନ୍ୟୁକ୍ଲିୟର ବାଲାଷ୍ଟିକ୍ ମିଶାଇଲ୍, ଜାଏଣ୍ଟ ଅଣ୍ଡରୱାଟର ଡ୍ରୋନ୍, ପଞ୍ଚମ ପିଢ଼ିର ଏୟାରକ୍ରାଫ୍ଟ ସମେତ ଅନେକ ନୂଆ ଯୁଦ୍ଧାସ୍ତ୍ର ପ୍ରଦର୍ଶନ କରାଯାଇଛି। ଏହାକୁ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଦେଖିଛନ୍ତି। ଅନ୍ୟପକ୍ଷେ ଉକ୍ତ ପରେଡ୍‌ର ଉଦ୍ଦେଶ୍ୟକୁ ନେଇ ପାଶ୍ଚାତ୍ୟ ନିନ୍ଦା କରିଛି।

ପରେଡ୍‌ରେ ଯୋଗଦେଇଥିବା ପୁଟିନ୍ ଆଲୋଚନା ବେଳେ ଏକଛତ୍ରବାଦୀ ଶାସକ କିମ୍‌ଙ୍କୁ ରୁଷିଆକୁ ନିମନ୍ତ୍ରଣ କରିଥିଲେ। କିମ୍ କହିଥିଲେ, ମସ୍କୋକୁ ସହଯୋଗ କରିବା ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ। ପୁଟିନ୍ କହିଥିଲେ, ଆପଣଙ୍କ ଅପେକ୍ଷାରେ ରହିଲୁ, ମସ୍କୋ ଆସନ୍ତୁ। କିମ୍ ପୁଣି ରୁଷିଆ ଗଲେ ୬ ବର୍ଷ ମଧ୍ୟରେ ଏହା ତାଙ୍କର ତୃତୀୟ ଗସ୍ତ ହେବ। ୨୦୨୨ରୁ ଚାଲିଥିବା ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଣ ସହ ସୈନ୍ୟ ପ୍ରେରଣ କରି ସମର୍ଥନ କରିଆସିଛି। ଉତ୍ତର କୋରିଅ ସୈନ୍ୟଙ୍କ ସହଯୋଗ ପାଇଁ ପୁଟିନ୍ କିମ୍‌ଙ୍କୁ ଧନ୍ୟବାଦ ଦେଇଥିଲେ। ଜିନ୍‌ପିଙ୍ଗ୍‌ଙ୍କ ୧୪ ବର୍ଷର ଶାସନ କାଳରେ ପ୍ରଥମ ଥର ପାଇଁ ତାଙ୍କ ସହ ପୁଟିନ୍ ଓ କିମ୍‌ଙ୍କୁ ଦେଖିବାକୁ ମିଳିଛି।

## ଚର୍ଚ୍ଚାରେ କିମ୍‌ଙ୍କ ଝିଅ

ବେଜିଂ,୩।୯

ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍ ଚାଇନା ଗସ୍ତରେ ଆସିଥିବାବେଳେ ବେଜିଂକୁ ନିଜ ଝିଅ କିମ୍ ଜୁ ଆଏଙ୍କୁ ସାଙ୍ଗରେ ଆଣିଛନ୍ତି। ୧୨ କିମ୍ବା ୧୩ ବର୍ଷୀୟ ଆଏଙ୍କ ସମ୍ପର୍କରେ ବିଶ୍ୱବାସୀ ଏକପ୍ରକାର ଅଜ୍ଞ। କାରଣ ତାଙ୍କୁ କୌଣସି କାର୍ଯ୍ୟକ୍ରମରେ ସେତେଟା ଦେଖିବାକୁ ମିଳି ନ ଥାଏ। ସମ୍ଭବତଃ କୌଣସି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସେ ପ୍ରଥମ ଥର ସାମିଲ ହୋଇଛନ୍ତି। ଚାଇନାର ବିଜୟ ଦିବସ ପରେଡ୍‌ରେ ଆଏଙ୍କ ଉପସ୍ଥିତିକୁ ନେଇ ନାନା ଚର୍ଚ୍ଚା ଲାଗିରହିଛି। ସେ କିମ୍‌ଙ୍କ ରାଜନୈତିକ ଉତ୍ତରାଧିକାରୀ ହୋଇପାରନ୍ତି ବୋଲି କୁହାଯାଉଛି। ତାଙ୍କୁ ଉତ୍ତର କୋରିଆର ପରବର୍ତ୍ତୀ ସୁପ୍ରିମ ଲିଡର ଭାବେ ପ୍ରସ୍ତୁତ କରାଯାଉଛି ବୋଲି ୨୦୨୪ରେ ଦେଶର ଗୋଇନ୍ଦା ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଥିଲା।



କିମ୍ ଜୁ ଆଏ




# ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ରେ ବଢୁଛି ଶ୍ରମିକ ଚାଲାଣ

## ଚଢ଼ାଉ ଜୋର୍‌ଦାର ଲାଗି ଶ୍ରମମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩।୯
(ରବିନାରାୟଣ ଜେନା)

ରାଜ୍ୟର ପଶ୍ଚିମ ଓଡ଼ିଶାରେ ଏବେ ଶ୍ରମିକ ଚାଲାଣ ଜୋର୍‌ଦାର ଆରମ୍ଭ ହୋଇଯାଇଛି। ଠିକାଦାରମାନେ ଲୁଚାଛପାରେ ଲୋକଙ୍କୁ ବାହାର ରାଜ୍ୟକୁ କାମ କରାଇବାକୁ ନେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହାକୁ ନେଇ ଶ୍ରମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତୁରନ୍ତ ସମ୍ପୃକ୍ତ ଅଞ୍ଚଳରେ ଜୋର୍‌ଦାର ଚଢ଼ାଉ କରିବା ଲାଗି ଜଙ୍ଗଲ ଓ ପରିବେଶ ଏବଂ ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଏକ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ମନ୍ତ୍ରୀ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ରାଜ୍ୟର ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ପ୍ରଭୃତି ଅଞ୍ଚଳରେ ଶ୍ରମିକ ଚାଲାଣ ନେଇ ଦୟନୀୟ ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ଆସୁଛି। ଲୋକେ ଦୁଃଖଦଜନକ ଭାବରେ ଚାକିରି ତଥା କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା ଜଣାପଡ଼ିଛି। ଏହି ୩ଟି ଜିଲାରେ ବହୁ ଠିକାଦାର ବେଆଇନ କାମ କରୁଛନ୍ତି ଏବଂ ଶ୍ରମିକମାନଙ୍କୁ ଅବାଧରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଶ୍ରମିକମାନଙ୍କୁ ରାତିଅଧିଆ ଟ୍ରେନ୍‌ରେ ବିଭିନ୍ନ ରାଜ୍ୟ ଓ ଦେଶକୁ ସ୍ଥାନାନ୍ତର କରୁଥିବା ଅଭିଯୋଗ ଆସିଛି। ଠିକାଦାରମାନେ କେବଳ ଯେ ଶ୍ରମିକମାନଙ୍କୁ ନେଇ ବାହାର ରାଜ୍ୟରେ କର୍ମସଂସ୍ଥାନ ଯୋଗାଉଛନ୍ତି ତାହା ନୁହେଁ, ଅଶିକ୍ଷିତ ପ୍ରବାସୀ ଶ୍ରମିକମାନଙ୍କୁ ଆର୍ଥିକ ଏବଂ ଶାରୀରିକ ଭାବେ ଶୋଷଣ କରୁଛନ୍ତି। ଫଳରେ ଦାଦନପ୍ରବଣ ରାଜ୍ୟ ଭାବେ ଏକ ଖରାପ ଛବି ସୃଷ୍ଟି ହେଉଛି।

ବିଭାଗକୁ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରମିକମାନଙ୍କୁ ଟିଟିଲାଗଡ଼, ମୁରିବାହାଲ, ଲାଠୋର, ରାଇନଭାଟା, କଣ୍ଟାବାଞ୍ଜି, ନୂଆପଡ଼ା ଏବଂ ଖରିଆର ରୋଡ୍ ଆଦି ରେଳଷ୍ଟେଶନରୁ ବାହାରକୁ ପଠାଯାଉଛି। ଏସବୁକୁ ତୁରନ୍ତ ରୋକାଯିବାର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ରେଲୱେ କର୍ତ୍ତୃପକ୍ଷଙ୍କ ସମନ୍ୱୟରେ ସଂପୃକ୍ତ ଅଞ୍ଚଳରେ ଚଢ଼ାଉ ଜୋର୍‌ଦାର କରିବାକୁ ମନ୍ତ୍ରୀ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ବ୍ୟକ୍ତିଗତ ଭାବେ ପ୍ରଦାନ କରିଥିବା ନୋଟ୍‌ସିଟ୍‌ରେ ଦର୍ଶାଇଛନ୍ତି ଯେ, ଉକ୍ତ ରେଳଷ୍ଟେଶନଗୁଡ଼ିକରେ ରାତିରେ ଚଢ଼ାଉ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନିଅ। ଫଳରେ ଅବାଧ ଶ୍ରମିକ ଚାଲାଣକୁ ରୋକାଯାଇପାରିବ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅତିକମ୍‌ରେ ୨୦୦ ଦିନର କାମ ଯୋଗାଇଦେବାକୁ ବ୍ୟବସ୍ଥା ରହିଛି। ହେଲେ ବାସ୍ତବ କ୍ଷେତ୍ରରେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି।

# ପୂଜା ପାଇଁ ୨୦ ସୁଦ୍ଧା ସରିବ ମରାମତି କାର୍ଯ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ଦଶହରା ପାଇଁ ରାଜ୍ୟର ଯେଉଁସବୁ ସହରରେ ଭିଡ଼ ହେବ ସେସବୁ ଅଞ୍ଚଳର ଖରାପ ଥିବା ରାସ୍ତାଗୁଡିକର ମରାମତି କାର୍ଯ୍ୟ କରାଯିବ। ଏହିସବୁ ମରାମତି କାର୍ଯ୍ୟକୁ ଆସନ୍ତା ୨୦ ତାରିଖ ସୁଦ୍ଧା ଶେଷ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୁଧବାର ପୃଥ୍ୱୀରାଜ କହିଛନ୍ତି, ଭୁବନେଶ୍ୱର ଏବଂ କଟକ ମହାନଗର ନିଗମ ସହ ରାଜ୍ୟର ବିଭିନ୍ନ ସହରାଞ୍ଚଳ ରହିଛି ଯେଉଁଠି ଦଶହରା ପାଇଁ ପ୍ରବଳ ଭିଡ଼ ରହିବ। ସେସବୁ ସ୍ଥାନର ମୁଖ୍ୟ ସଂଯୋଗକାରୀ ରାସ୍ତା ଏବଂ ଜିଲା ମୁଖ୍ୟ ରାସ୍ତାଗୁଡିକରେ ଯାହାସବୁ ମରାମତି ପାଇଁ ରହିଛି ସେଗୁଡିକର କାର୍ଯ୍ୟ କରାଯିବ। ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ସେସବୁର କାର୍ଯ୍ୟ ଶେଷ କରିବାକୁ ସବୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ଏନେଇ ସମସ୍ତ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଏବଂ ଅନ୍ୟ ଅଧିକାରୀମାନଙ୍କୁ ନେଇ ଆସନ୍ତା ୬ ତାରିଖରେ ଏକ ବୈଠକ କରାଯିବ। ଏହି ଅବସରରେ ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ପୃଥ୍ୱୀରାଜ କହିଛନ୍ତି।

# ନୂଆଦିଲ୍ଲୀ ଗସ୍ତରେ ମନମୋହନ

## ଚର୍ଚ୍ଚାରେ ଥିବା କାର୍ଯ୍ୟ ଉପରେ ହୋଇପାରେ ବଡ଼ ନିଷ୍ପତ୍ତି

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବୁଧବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧ ତାରିଖରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଥିବାବେଳେ ଏହି ସମୟରେ ମନମୋହନଙ୍କ ଯାତ୍ରାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା କରାଯାଉଛି। ନୂଆଦିଲ୍ଲୀରେ ଉଭୟ ନେତା ଏହି ଅବସରରେ ରାଜ୍ୟ ବାବଦରେ କିଛି ବଡ଼ ବିଷୟରେ ଚର୍ଚ୍ଚା କରିପାରନ୍ତି ବୋଲି କୁହାଯାଉଛି। ରାଜ୍ୟରେ ସରକାର ଗଠନ ହେବାର ପ୍ରାୟ ଦେଢ଼ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏଯାଏଁ ନିଗମ ଏବଂ ବୋର୍ଡରେ ନିଯୁକ୍ତି ଦିଆଯାଇପାରି ନାହିଁ। ଅନ୍ୟପଟେ ରାଜ୍ୟର ସଭାପତି ଭାବେ ଦାୟିତ୍ୱ ନେବା ପରେ ମଧ ମନମୋହନ ତାଙ୍କ ଟିମ୍ ଗଠନ କରିପାରି ନାହାନ୍ତି। ସେହିପରି ଖାଲି ପଡ଼ିଥିବା ୬ଟି ମନ୍ତ୍ରୀ ପଦ ମଧ ପୂରଣକୁ ନେଇ ବିଳମ୍ବ ହେଉଥିବାରୁ ଏହାକୁ ନେଇ ଅନେକ ସମୟରେ ଚର୍ଚ୍ଚା ଲାଗି ରହୁଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଉଭୟେ ଏକା ସମୟରେ ଦିଲ୍ଲୀ ଗସ୍ତ କରି ଦଳର ସବୁ ଏମ୍‌ପିଙ୍କ ସହ ବୈଠକ କରିଥିଲେ।


ମନମୋହନ ସାମଲ

ଏହା ବ୍ୟତୀତ ଦଳର କେତେଜଣ ବଡ଼ ନେତାଙ୍କୁ ଭେଟି ରାଜ୍ୟର ସାଙ୍ଗଠନିକ ବିଷୟରେ ଆଲୋଚନା କରିଥିଲେ। ହେଲେ କେତେ ଘଟଣା ବାହାରକୁ ପ୍ରକାଶ କରାଯାଇଥିବା ବେଳେ ଆଉ କିଛି କଥା ପ୍ରଘଟ ହୋଇ ନ ଥିଲା। ଦଳର ସାଙ୍ଗଠନିକ ବିଷୟରେ ଅନେକ କଥା ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ବୁଝୁଛନ୍ତି। ତେଣୁ ଦିଲ୍ଲୀରେ ବଂଶଲଙ୍କ ସହ ଉଭୟ ନେତା କିଛି ଚୂଡ଼ାନ୍ତ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କେତେକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଗୁରୁବାର ଜିଏସ୍‌ଟି କାଉନସିଲ୍ ବୈଠକର ଦ୍ୱିତୀୟ ଦିନ ରହିଛି। ସେ ଅର୍ଥ ବିଭାଗ ନିଜ ଅଧୀନରେ ରଖିଛନ୍ତି। ତେଣୁ ସେ ଏହି ବୈଠକରେ ଯୋଗଦେବା ଲାଗି ଦିଲ୍ଲୀ ଗସ୍ତ କରିଛନ୍ତି। ଅନ୍ୟପଟେ ସେ ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଥିବା ଚର୍ଚ୍ଚା ହେଉଛି। ମୁଖ୍ୟତଃ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ କରିବା ସଙ୍ଗେ ସଙ୍ଗେ ମନମୋହନଙ୍କ ନୂଆ କମିଟି ଉପରେ ଚୂଡ଼ାନ୍ତ ମୋହର ଲାଗିପାରେ ବୋଲି କୁହାଯାଉଛି। ଏ ପର୍ଯ୍ୟନ୍ତ ଚର୍ଚ୍ଚାରେ ଥିବା ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ପୂରଣ କଥା ମଧ ପୁଣି ଥରେ ଆଲୋଚନାକୁ ଆସିଛି।

ଦଳର ବରିଷ୍ଠ ନେତା ଯତୀନ ମହାନ୍ତି କହିଛନ୍ତି, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟର ୩ କେନ୍ଦ୍ରମନ୍ତ୍ରୀ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ବଂଶଲଙ୍କ ସହ ବୈଠକ ହେବ। ଯେଉଁସବୁ କାର୍ଯ୍ୟ ହେବ ବୋଲି ଚର୍ଚ୍ଚା ହେଉଛି ଏବଂ ଏଯାଏଁ ହୋଇପାରି ନାହିଁ ସେସବୁ ବିଷୟରେ ଆଲୋଚନା ହେବ। ସଭାପତି ଫେରିବା ପରେ ସବୁକଥା ଜଣାପଡ଼ିବ ବୋଲି ଯତୀନ କହିଛନ୍ତି।

# ଦେଶ, ରାଜ୍ୟରେ କଂଗ୍ରେସ ସୁଦୃଢ଼ ହେଉଛି: ଭୂପିନ୍ଦର

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ବରିଷ୍ଠ ବିଜେଡି ନେତା ଭୂପିନ୍ଦର ସିଂଙ୍କ ବୟାନକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଅନେକ ସମୟରେ ଦଳର ସାଙ୍ଗଠନିକ ବ୍ୟାପାର ବିଷୟରେ ମତ ରଖି ସେ ଚର୍ଚ୍ଚାରେ ରହିଛନ୍ତି। ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭୂପିନ୍ଦର କଂଗ୍ରେସର ଶକ୍ତି ବୃଦ୍ଧି ହେଉଥିବା ସଙ୍କେତ ଦେବାପରେ ତାଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେ କହିଛନ୍ତି, କଂଗ୍ରେସର ଭବିଷ୍ୟତ ଦେଶ ଓ ରାଜ୍ୟରେ ସୁଦୃଢ଼ ହେଉଛି। ରାଜ୍ୟରେ ବିଜେଡି ଯଦି ଠିକ୍ ଭାବେ ମୁଖ୍ୟ ବିରୋଧୀ ଦଳର ଭୂମିକା ନ ନେବ ତେବେ କଂଗ୍ରେସ ଆହୁରି ଆଗକୁ ବଢ଼ିବ। ରାଜ୍ୟରେ ଲୋକମାନେ ଅନୁଭବ କରୁଛନ୍ତି ବିଜେଡି ଓ ଭାଜପା ଭିତରେ କୌଣସି ପ୍ରଭେଦ ନାହିଁ। ତେଣୁ ଲୋକମାନେ କଂଗ୍ରେସ କଥା ଚିନ୍ତା କଲେଣି। ବିଜେଡି


ଭୂପିନ୍ଦର ସିଂ

ମୁଖ୍ୟ ବିରୋଧୀ ଦଳ ହିସାବରେ ଠିକ୍ ଭାବେ ବିଭିନ୍ନ ପ୍ରସଙ୍ଗ ନ ଉଠାଇବାରୁ କଂଗ୍ରେସ ଏହାର ଫାଇଦା ନେଉଛି। ଲୋକମାନେ ବିଜେଡିଠାରୁ ଦୂରେଇନାହାନ୍ତି ହେଲେ ମୁଖ୍ୟ ବିରୋଧୀ ଦଳ ହିସାବରେ ଯାହା ଆଶା କରୁଛନ୍ତି ତାହା ପାଉନାହାନ୍ତି। ୨୦୨୪ ନିର୍ବାଚନ ପରଠାରୁ ପାର୍ଲାମେଣ୍ଟରେ ବିଜେଡିର ଷ୍ଟାଣ୍ଡ କ୍ଲିୟର ହୋଇପାରିନାହିଁ। ଏହି ପ୍ରସଙ୍ଗକୁ ଦଳର ନେତା ଗମ୍ଭୀରତାର ସହ ନେବା କଥା ବୋଲି ଭୂପିନ୍ଦର କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ପାଇଁ ଦଳ ନୁହେଁ ଲୋକ ଶ୍ରେଷ୍ଠ। ତାଙ୍କ ଭବିଷ୍ୟତ କ'ଣ ହେବ ସେନେଇ ଲୋକମାନେ ନିଷ୍ପତ୍ତି କରିବେ। ସେ ଲୋକଙ୍କ ନେତା ବୋଲି ଲୋକମାନେ ତାଙ୍କୁ କହୁଛନ୍ତି। ଯେଉଁ ଚିହ୍ନରେ ଠିଆ ହେଲେ ଲୋକ ତାଙ୍କ ସହ ରହିବେ ବୋଲି ସେ କହିଛନ୍ତି।




# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

## ଅକ୍ଟୋବର ୪ ଶେଷ ତାରିଖ

ଭୁବନେଶ୍ୱର, ୩।୯
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପିକୁ ରେଜିଷ୍ଟର୍ଡ ପୋଷ୍ଟ/ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୨୦୨୩ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ୩୬ତମ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରେରିତ ଚଳଚ୍ଚିତ୍ରଗୁଡ଼ିକ ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ପ୍ରମାଣପତ୍ରପ୍ରାପ୍ତ ହୋଇଥିବା ଜରୁରୀ। ସେହିପରି ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ ଓ ଇଂଲିଶ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖିକା ଲେଖକମାନେ ଆବେଦନ କରିପାରିବେ। ଏଥିଲାଗି ଉକ୍ତ ବୁକ୍/ମନୋଗ୍ରାଫ୍‌ର ଦଶଖଣ୍ଡ ନକଲ ଆସନ୍ତା ଅକ୍ଟୋବର ୪ ସୁଦ୍ଧା ରେଜିଷ୍ଟର୍ଡ ପୋଷ୍ଟ/ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ culture.odisha.gov.inରେ ଉପଲବ୍ଧ ଥିବା ସୂଚନା ଦିଆଯାଇଛି।

# ନାବାଳକଙ୍କୁ ମାଡ଼ ମାରି ବଳପୂର୍ବକ ମଦ ପିଆଇଲେ

## ଭାଜପା ମଣ୍ଡଳ ଯୁବ ସଭାପତି ଗିରଫ


କୁଜଙ୍ଗ, ୩।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୧ ବର୍ଷର ନାବାଳକଙ୍କୁ ଘରେ ପୂରାଇ ମାଡ଼ ମାରିବା ସହ ବଳପୂର୍ବକ ମଦ ପିଆଇବା ଅଭିଯୋଗ ହୋଇଛି। ପୀଡ଼ିତଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୩୧/୨୫) ରୁଜୁ କରିଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ମନୋରଞ୍ଜନ ସାମନ୍ତରା ଓରଫ ମାନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ପ୍ରାୟ ୧୫ ଦିନ ପୂର୍ବେ ସମ୍ପୃକ୍ତ ନାବାଳକ ଗାଁ ପଡ଼ିଆକୁ ଶୌଚ ହେବାକୁ ଯାଇଥିଲେ। ଉକ୍ତ ପଡ଼ିଆ ନିକଟ ରାସ୍ତାକଡ଼ର ଏକ କୋଠା ଘରେ ଅଭିଯୁକ୍ତ ସୁଶାନ୍ତ ଦାସ, ମନୋରଞ୍ଜନ ଓ ଅନ୍ୟ କେତେଜଣ ମଦ ପିଉଥିଲେ। ସେମାନେ


ଗିରଫ ଅଭିଯୁକ୍ତ ମନୋରଞ୍ଜନ ସାମନ୍ତରା।

ନାବାଳକଙ୍କୁ ଦେଖି ଏକ ଭଲ ଜିନିଷ ଦେବେ ବୋଲି କହି ଘର ଭିତରକୁ ଡାକିନେଇଥିଲେ। ଏହାପରେ କବାଟ ବନ୍ଦ କରି ସମ୍ପୃକ୍ତ ନାବାଳକଙ୍କୁ ଧମକ ଦେଇ ବଳପୂର୍ବକ ମଦ ପିଆଇଥିଲେ। ନାବାଳକ ଜଣକ ଏଥିରେ ରାଜି ନ ହେବାରୁ ତାଙ୍କୁ କୋଦାଳ ବେଣ୍ଟରେ ମାଡ଼ ମାରିଥିଲେ। ଏଥିସହ ନିଶା ନ ହେବା ପାଇଁ ଖଟା ଆଚାର ଖାଇବାକୁ ଦେଇଥିଲେ। ଏବିଷୟରେ ପରିବାର ଲୋକଙ୍କୁ ଜଣାଇଲେ ସମସ୍ତଙ୍କୁ ହତ୍ୟା କରିଦେବେ ବୋଲି ଅଭିଯୁକ୍ତମାନେ ନାବାଳକଙ୍କୁ ଧମକ ଦେଇଥିଲେ। ପୀଡ଼ିତ ନାବାଳକ ଜଣକ ଭୟଭୀତ ହୋଇ ଏବିଷୟରେ କାହାରିକୁ ଜଣାଇ ନ ଥିଲେ। ଏହି ଜଘନ୍ୟକାଣ୍ଡର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ପୀଡ଼ିତଙ୍କ ବାପା ମୋବାଇଲରେ ଉକ୍ତ ଭିଡିଓ ଦେଖି ପୁଅକୁ ପଚାରିବାରୁ ସେ ସତ ମାନିଥିଲେ। ଏହାପରେ ତୁରନ୍ତ ସେ ଥାନାରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ଅଜୟ ଅର୍ଜୁନ ଖଣ୍ଡଗିରି କହିଛନ୍ତି।




# ଉପଡାକଘରେ ପଶିଲା ପାଣି, ଭାସିଲା ଟଙ୍କା

## ବାଲେଶ୍ୱରରେ ବର୍ଷା

ବାଲେଶ୍ୱର, ୩।୯(ବାଞ୍ଛାନିଧି ଦେ)

ଲଘୁଚାପ ଜନିତ ଅବିଶ୍ରାନ୍ତ ବର୍ଷା ଫଳରେ ବାଲେଶ୍ୱର ସହର ବେହାଲ୍ ହୋଇପଡ଼ିଛି। ଦୁଇଦିନ ଧରି ସହରର ବିଭିନ୍ନ ରାସ୍ତା ଓ ଛକଗୁଡ଼ିକରେ ବର୍ଷା ଜଳ ଜମି ରହିବା ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ନୂଆସାହି ଛକଠାରେ ଥିବା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସଂଲଗ୍ନ ସହଦେବଖୁଣ୍ଟା ଉପଡାକଘର ଭିତରକୁ ବର୍ଷା ଜଳ ପଶି ଦୟନୀୟ ସ୍ଥିତି ଦେଖାଦେଇଛି। ଡାକଘର ଆଲମିରାରେ ପାଣି ପଶିବା ଫଳରେ ସେଠାରେ ଥିବା ଟଙ୍କା ସବୁ ଓଦା ହୋଇଯାଇଥିଲା। କମ୍ପ୍ୟୁଟର, ପ୍ରିଣ୍ଟର ମେସିନ୍, ପାସବୁକ୍, ରେକର୍ଡପତ୍ର, ଫାଇଲ୍ ସବୁ ଓଦା ହୋଇ ନଷ୍ଟ ହୋଇଥିଲା। ଏପରିକି ଡାକ ଘର ପରିସରରେ ଜମି ରହିଥିବା ବର୍ଷା ପାଣିରେ ମାଛ ଖେଳୁଥିବା ଦେଖିବାକୁ ମିଳିଥିଲା। ବୁଧବାର ଜଣେ ଜମାକାରୀ ୧ଲକ୍ଷ ଟଙ୍କା ଉଠାଇବା ପାଇଁ ଏହି ଉପଡାକଘରକୁ ଯାଇଥିଲେ। ଟଙ୍କା ଥିବା ଆଲମିରା ଖୋଲିବା ବେଳକୁ ସେଥିରେ ମଙ୍ଗଳବାର ରାତିରେ ପାଣି ପଶି ସବୁ ଓଦା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଅଧିକାରୀ ଓ କର୍ମଚାରୀମାନେ ସଙ୍ଗେ ସଙ୍ଗେ ଓଦା ହୋଇଥିବା ସମସ୍ତ ସାମଗ୍ରୀ ଓ ଟଙ୍କାକୁ ଶୁଖାଇଥିଲେ। ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ଜମାକାରୀ ଜଣକ ବାଧ୍ୟ ହୋଇ ଓଦା ଟଙ୍କାକୁ ନେଇଥିବା ଜଣାପଡ଼ିଛି।

ସୂଚନା ଯେ, ମଙ୍ଗଳବାର ଜିଲାରେ ୬୦୫ମି.ମି. ବର୍ଷା ହୋଇଥିବା ବେଳେ ସହରରେ ୧୨୮ମି.ମି. ବର୍ଷା ରେକର୍ଡ ହୋଇଥିଲା। ବୁଧବାର ଜିଲାରେ ୩୬୬ମି.ମି. ବର୍ଷା ହୋଇଥିବା ବେଳେ ସହରରେ ୩୫ମି.ମି. ବର୍ଷା ରେକର୍ଡ ହୋଇଛି। ସହରର ତଳିଆ ଅଞ୍ଚଳ ଜଳମଗ୍ନ ରହିଛି। ବହୁ ଦୋକାନ ଓ ଘର ଭିତରକୁ ବର୍ଷା ପାଣି ପଶି ଆସବାବପତ୍ର ଭାସୁଥିବାର ପରିଲକ୍ଷିତ ହୋଇଥିଲା। ଏପରିକି ଉକ୍ତ ଛକରେ ଦୋକାନଗୁଡ଼ିକ ବନ୍ଦ ରହିଥିଲା। ଜଳ ନିଷ୍କାସନ ବ୍ୟବସ୍ଥା ଦିଗରେ ଗୁରୁତ୍ୱ ଦେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସହରବାସୀ ଦାବି କରିଛନ୍ତି।


ଉପଡାକଘରେ ଓଦା ଟଙ୍କା ଶୁଖାଯାଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ୫୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ଅଡିଟୋରିୟମ୍, ସମୟ: ସକାଳ ୯ ଟା ୩୦।
- ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ଼କ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଝାରପଡ଼ା ଦୁର୍ଗା ପୂଜା ସମିତି ପକ୍ଷରୁ ମାଟି ଅନୁକୂଳ, ସ୍ଥାନ: ଜେଲ୍ ରୋଡ଼, ଅରବିନ୍ଦ ସ୍କୁଲ୍, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶର ୪୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୋକ୍ଷ ପକ୍ଷରୁ ୧୧ତମ ଅଭିଳାସା କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଚହଟାନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ପ୍ରଭାତ ସାହୁଙ୍କ ବାସଭବନ, ଲେନ୍-୫, ଚହଟାନଗର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ସାକ୍ଷୀଗୋପାଳ ଠାକୁରଙ୍କ ବାମନ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ସୁନିଆଁ ଉପଲକ୍ଷେ ସାକ୍ଷୀଗୋପାଳ ଠାକୁରଙ୍କ ରାଜବେଶ, ସୁନିଆଁଭେଟି, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୯ଟା।

## ବାଲେଶ୍ୱର
- ମଧ୍ୟସ୍ଥତା ତାଲିମ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଜେଆର୍‌ସି ଭବନ, ପବ୍ଲିକ ହାଇସ୍କୁଲ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ମହାବିଦ୍ୟାଳୟର ୩୪ ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟ, ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଏମ୍‌ଓୟୁ ବାତିଲ ଦାବିରେ ବିକ୍ଷୋଭ, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ଖେଳକୁଦ ପାଇଁ ଚୟନ ପ୍ରକ୍ରିୟା, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ଏନ୍‌ଏସିକୁ ମ୍ୟୁନିସିପାଲଟିରେ ରୂପାନ୍ତରଣ ପାଇଁ ସର୍ବଦଳୀୟ ବୈଠକ, ସ୍ଥାନ:ଉଦଳା ସନ୍ଧାନୀ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- କରମ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ:ଚିତ୍ରଡ଼ା ମାର୍କେଟସାହି, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଜିଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା, ସ୍ଥାନ: ଖଲ୍ଲିକୋଟ, ସମୟ: ସକାଳ ୭ଟା ୩୦।

## ଗଞ୍ଜାମ
- ସ୍ୱତନ୍ତ୍ର ଚାରା ରୋପଣ ଶିବିର, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ
- ସମନ୍ୱିତ ପରିଚାଳନା ସମିତି ବୈଠକ, ସ୍ଥାନ: ଜିଲା ପରିଷଦ ସଭାଗୃହ, ଫୁଲବାଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଫୁଲବାଣୀ ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଗଜପତି
- ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଟାଉନ ହଲ୍ ପାରଳାଖେମୁଣ୍ଡି, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ
- ସୁନିଆଁରେ ମାଟି ଅନୁକୂଳ, ସ୍ଥାନ: ବ୍ରାହ୍ମଣୀ ନଦୀ କମଗରା ଘାଟ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଅନ୍ତର୍ଜାତୀୟ ସମବାୟ ବର୍ଷ (ଆଇୱାଇସି) ଉପଲକ୍ଷେ ଜିଲାସ୍ତରୀୟ ମାସିକିଆ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ସୁରକ୍ଷା ଏଜେନ୍ସି ପକ୍ଷରୁ ଚାଲିଥିବା ଉପକୂଳ ମିଳିତ ସମରାଭ୍ୟାସ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନବସୃଜନ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ବାମନ ଜନ୍ମୋତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଜଣ୍ଟିଲୋ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାରକାକୁ ଏନ୍‌ଏସି ବାତିଲ ପ୍ରତିବାଦରେ ଧର୍ମଶାଳା ବିଜେଡି ପକ୍ଷରୁ ଗଣଧାରଣା, ସ୍ଥାନ: ଜାରକା ଫ୍ଲାଏ ଓଭର ବ୍ରିଜ୍ ତଳ, ସମୟ: ସକାଳ ୯ଟା।
- ଆଦି କର୍ମଯୋଗୀ ଅଭିଯାନ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ : ଯାଜପୁର ମିଶନ ଶକ୍ତି ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୩ୟ ଦିବସ, ସ୍ଥାନ: ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୫ମ ଦିବସ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ଟା, ପ୍ରବଚନ- ଗଜ ଉଦ୍ଧାରଣ, ବଳିବାମନ ପ୍ରସଙ୍ଗ, ସମୁଦ୍ର ମନ୍ଥନ, ଶ୍ରୀକୃଷ୍ଣଙ୍କ ଆବିର୍ଭାବ, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚାୟତ ସମିତିର ଏକାଦଶ ସାଧାରଣ ବୈଠକ , ସ୍ଥାନ: ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ବିଗ୍ରହ ପ୍ରାଣ ପ୍ରତିଷ୍ଠା , ସ୍ଥାନ: ଦଶପଲ୍ଲାର ସାତପାଟଣା ପିଏମ୍‌ଶ୍ରୀ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାୟଗଡ଼ା
- ଗଣେଶ ପୂଜା ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଚ୍ୟାଲେଞ୍ଜର ୟୁଥ୍ କ୍ଲବ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା।
- ମା' ମାଣିକେଶ୍ୱରୀଙ୍କ ବାଲିଯାତ୍ରା ଆରମ୍ଭ, ସ୍ଥାନ: ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମ ଯୋଗୀ ଅଭିଯାନ 'ଧରତି ଆବା' ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ରିକିସାନ ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା କ୍ରୀଡ଼ା ସଂଘ ସାଧାରଣ ସଭା ଓ କ୍ରୀଡାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ମିଶନ ଶକ୍ତି ସଭାଗୃହ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- କୃପା ଭବନ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର କଲ୍ୟାଣ ମଣ୍ଡପ କୋରାପୁଟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ସେବା ପଖୱାର୍ଡ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମ୍, ସମୟ : ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ବନ ବିଭାଗର ବିଭିନ୍ନ ପଞ୍ଚାୟତରେ ବିହନ ବଣ୍ଟନ ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା ୩୦।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜାତୀୟ ଶିଶୁ କିକ୍‌ବକ୍ସିଂ ରୌପ୍ୟ ବିଜେତା ଶର୍ମିଳ ସାହୁଙ୍କୁ ସମ୍ବର୍ଦ୍ଧନା, ସ୍ଥାନ:ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ସକାଳ ୭ଟା ୩୦।

## ବଲାଙ୍ଗୀର
- ସର୍ବଭାରତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀର, ସମୟ: ସକାଳ ୯ଟା

## ରାଉରକେଲା
- କରମା ପୂଜା ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର ଦୁର୍ଗାପୁର, ସମୟ: ସକାଳ ୮ଟା।
- ବିପିୟୁଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ନେତାଜୀ ସୁବାଷ ବୋଷ ପ୍ରେକ୍ଷାଳୟ,ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଆଇଟି ରାଉରକେଲା ଦୀକ୍ଷାନ୍ତ ସମାରୋହ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସିନେଟ୍ ହଲ୍, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସତ୍ୟନାରାୟଣ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା,ସ୍ଥାନ: ଚଣ୍ଡିଭଟା, ଝାରବନ୍ଧ,ସମୟ:ସକାଳ ୯ଟା।
- ସିଆରସିସିଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ:ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆଦି କର୍ମଯୋଗୀ ଅଭିଯାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାଳିକା ଶିକ୍ଷା ରାଜ୍ୟ ନୋଡାଲ ଅଧିକାରୀଙ୍କ ୨ ଦିନିଆ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷା ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ସାର୍ବଜନୀନ ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବିନିକା ଆରଏମ୍‌ସି ମାର୍କେଟ୍ ୟାର୍ଡ ପରିସର, ସମୟ: ସକାଳ ୯ଟା।
- ଜୁନିୟର ରେଡକ୍ରସ ପଶ୍ଚିମ ଜୋନ ବ୍ଲକ ସଂଯୋଜକଙ୍କ ତିନି ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି କୁଦେଇପଡାରେ ସମଲେଶ୍ୱରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ସହ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଗଣେଶ ପୂଜା ମଣ୍ଡପ ପରିସର,ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା
- ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଗଡଗଡବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ନାଗବାଚା ଗାଦି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଶୁକ୍ଲିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ଶ୍ରୀଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଆରିଫ ଲଜ୍ , ବୋଡେନ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସୁସ୍ଥ ପାରିବାରିକ ଜୀବନ ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କ ବଢ଼ିବ। ନୂତନ ଗୃହାରମ୍ଭ ସକାଶେ ମନ ବଳାଇବେ। ଛୋଟ କଥାକୁ କେନ୍ଦ୍ରକରି କଳହ ଲାଗିପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନାର ସୁଯୋଗ ପାଇବେ। କର୍ମକ୍ଷେତ୍ର ଅଥବା ପ୍ରଶାସନିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବୃଷ**
ଆଜି ଅସାବଧାନତା ବଶତଃ ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ବାହାରକୁ ଯିବା ସମୟକୁ ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ମାନସିକ ଅସ୍ଥିରତାରୁ କ'ଣ କରିବେ ନ କରିବେ ଦ୍ୱନ୍ଦ୍ୱରେ ପଡ଼ିଯିବେ।

**ମିଥୁନ**
ଆଜି ବନ୍ଧୁବାନ୍ଧବଙ୍କ ସାହାଯ୍ୟ ସ୍ଥଗିତ କାମରେ ସହାୟକ ହେବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶେ ମନ ଭଲ ରହି ନ ପାରେ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କର୍କଟ**
ଆଜି କାମ ଚାପ ବୃଦ୍ଧି ପାଇଲେ ମଧ୍ୟ ଉପସ୍ଥିତ ବୁଦ୍ଧି ବଳରେ ସାଧନ କରିନେବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ**
ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇ ଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା**
ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରି ପାରିବେ ନାହିଁ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା**
ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ କିନ୍ତୁ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା**
ମାନସିକ ସୁସ୍ଥତା ସାଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ଦିନଟିକୁ ସରସ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ।

**ଧନୁ**
ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ନିଜର ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଯାନ୍ତ୍ରିକ ଜିନିଷ କିଣିବା ସକାଶେ ଘରୁ ବରାଦ ଆସିପାରେ।

**ମକର**
ଅନ୍ୟମାନଙ୍କୁ ମନେଇ କାମ ହାସଲ ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ନିର୍ମାଣାଧୀନ କାମଟି ଆଜି ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି।

**କୁମ୍ଭ**
ସାମାଜିକ ସ୍ତରରେ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ ସ୍ଥଗିତ କାମ ସମ୍ପନ୍ନ କରିବେ। ଭାବପ୍ରବଣତାରେ ନ ହଜି ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ, ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ**
ଆଜି କାମଟିଏ ଆରମ୍ଭ କରି ଖୁସି ରହିବେ ଏବଂ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ଆନୁଷ୍ଠାନିକ କାମ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଖୁସି ମନାଇ ପାରନ୍ତି।

ଆଜି ସେପ୍ଟେମ୍ବର ୪ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ଶ୍ରବଣ ଦ୍ୱାଦଶୀ ଗୁରୁବାର, ସର୍ବସମ୍ମତ ବାମନ ଜନ୍ମ, ଶ୍ରୀମନ୍ଦିରରେ ବାମନଜନ୍ମ, ସୁନିଆଁ, ଶ୍ରୀଦିବ୍ୟସିଂହ ଦେବ ମହାରାଜାଙ୍କ ୬୯ ଅଙ୍କ ଆରମ୍ଭ, ଶକ୍ରଧ୍ୱଜୋତ୍ଥାପନ, ଇନ୍ଦ୍ରଧ୍ୱଜପୂଜା, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ, ବୈଷ୍ଣବସମ୍ମତ ବିଜୟା ଏକାଦଶୀ ଉପବାସ, ଚାତୁର୍ମାସ୍ୟା ଗୁରୁବାରବ୍ରତ, ଶରଣଂ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୫.୩୫ ଗତେ ଘ.୦୭.୧୪ ମଧ୍ୟେ, ଘ. ୧୦.୩୧ ଗତେ ଘ.୧୨.୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୮ଗତେ ଘ.୦୨.୫୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଣ ଦେଶିଆ ବନ୍ଧୁ**
**ଭାର ଆଣିନି ଥୋର ଆଣିନି**
**ଆଣିଚି ପାଚିଲା କେନ୍ଦୁ !**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା' ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାପ ଦିହକରୁ ଆଖୁ ତ ନାହିଁ**
**ଦୋରୁଅ ଖାଉଛି ଛେଦା ବୁଡ଼ାଇ।**

ଅନେକ କ୍ଷେତ୍ରରେ ଦୀନହୀନ ଦରିଦ୍ର ଭାବେ ଜୀବନଯାପନ କରିଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ନିଜ ପଛକଥା ମନରୁ ପାସୋରି ଦେଇଥିବା ଲକ୍ଷ୍ୟ କରାଯାଇଥାଏ। ଏପରିକି ଅତୀତରେ କଟାଉଥିବା ଦୁଃସ୍ଥ ଜୀବନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାକୁ ନେଇ ଗର୍ବ କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ୩ ବୈଦେଶିକ ସେବା ଅଧିକାରୀ

## ଓଡ଼ିଶାରେ ବିଦେଶୀ ପୁଞ୍ଜି ନିବେଶ, ବିଦେଶରେ ନିଯୁକ୍ତି ନେଇ ଆଲୋଚନା

**ଭୁବନେଶ୍ୱର,୩।୯ (ସୁଚିସ୍ମିତା ସାହୁ)**

ଓଡ଼ିଶା ଗସ୍ତରେ ଆସିଥିବା ୩ ଭାରତୀୟ ବୈଦେଶିକ ସେବା(ଆଇଏଫ୍‌ଏସ୍) ଅଧିକାରୀ ବୁଧବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ସେମାନେ ହେଲେ ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ୍ ନାରଙ୍ଗ ଓ ମାଲ୍‌ଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗତେ। ମନ୍ତ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ରାଜ୍ୟର ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଲେ, ଓଡିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି। ଓଡିଶା ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ ବ୍ୟବସ୍ଥା ରହିଛି। ଏଠାରେ ସ୍ୱଚ୍ଛ ଶାସନ ସହିତ ବ୍ୟବସାୟ କରିବାର ଅନୁକୂଳତା ଓ ପୁଞ୍ଜିନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି। ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ। ଫଳରେ ବିଦେଶୀ ନିବେଶକମାନେ ଓଡିଶାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ। ସେମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ କହିଲେ, ବିଶ୍ୱସ୍ତରରେ ଓଡିଶାର ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତର ଅର୍ଥନୈତିକ ଦୂତ ଭାବେ ଆପଣମାନେ ଏହି କାର୍ଯ୍ୟ ଠିକ ରୂପେ ପରିଚାଳନା କରିବା ସହିତ ସମ୍ଭାବ୍ୟ ନିବେଶକମାନଙ୍କୁ ଏ କ୍ଷେତ୍ରରେ ଥିବା ସୁଯୋଗର ସୁବିଧା ନେବାକୁ ପ୍ରରୋଚିତ କରିପାରିବେ। ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

# ପ୍ରଥମ ପୃଷ୍ଠାରୁ...

## ଚଳିତ ମାସରୁ ...

ସ୍ୱାଗତ କରାଯାଇଥିଲା। ନାଟମଣ୍ଡପରେ ଧାଡ଼ିଦର୍ଶନ, ରତ୍ନ ଅଳଙ୍କାର ଗଣତିମଣତି ଏବଂ ୧୪ଟି ସବ୍‌କମିଟି ଗଠନ ନେଇ ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଧାଡ଼ିଦର୍ଶନ ବ୍ୟବସ୍ଥା ଲାଗୁ ହେବ। ଏଥିପାଇଁ ଜିଲାପାଳଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। କମିଟିରେ ଏସ୍‌ପି, ଶ୍ରୀମନ୍ଦିର ନୀତି ପ୍ରଶାସକ, ୫ଜଣ ସେବକ ପ୍ରତିନିଧି, ମୁକ୍ତିମଣ୍ଡପର ପ୍ରତିନିଧି, ଓବିସିସି ପ୍ରତିନିଧି, ଏଏସ୍‌ଆଇ ପ୍ରତିନିଧି ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ବିଭିନ୍ନ ନିଯୋଗ ସହ ଆଲୋଚନା କରି ଧାଡ଼ିଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିବା ସହ ରିପୋର୍ଟ ଦେବା ପରେ ତାହା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ।

ତେବେ ଧାଡ଼ିଦର୍ଶନ ପାଇଁ ନୀତିକାନ୍ତି ଯେପରି ପ୍ରଭାବିତ ହେବନାହିଁ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ଅନୁମତି ମିଳିଛି। ଧାଡ଼ିଦର୍ଶନ ପ୍ରଣାଳୀକୁ ସୁଗମ କରିବା ପାଇଁ ଜଗମୋହନ ଅଞ୍ଚଳରୁ ହୁଣ୍ଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଦିବ୍ୟାଙ୍ଗଙ୍କ ପାଇଁ ଉତ୍ତରଦ୍ୱାରରେ ର୍ୟାମ୍ପ ବ୍ୟବସ୍ଥା କରାଯିବା ନେଇ ମଧ୍ୟ ଆଲୋଚନା ହୋଇଛି। ଏ ନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ସେବକ ସଦସ୍ୟ, ବରିଷ୍ଠ ସୁପରଭାଇଜର ଆଦି ସଦସ୍ୟ ରହିଛନ୍ତି। ର୍ୟାମ୍ପ୍ ଫଳରେ କ'ଣ ସୁବିଧା ଅସୁବିଧା ହେଉଛି, ନୀତିକାନ୍ତି ପ୍ରଭାବିତ ହେଉଛି କି ନାହିଁ ଆଦି ବିଷୟରେ ଏହି କମିଟି ସମୀକ୍ଷା କରିବ। ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ପ୍ରସ୍ତୁତ ପରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଏହି ଅବସରରେ ୧୪ଟି ସବ୍‌କମିଟି ଗଠନ କରାଯାଇଛି। ବୈଠକରେ ଇସ୍କନର ଅଦିନିଆ ରଥଯାତ୍ରା ଓ ଶ୍ରୀମନ୍ଦିର ନାମକୁ ଅନ୍ୟ ସ୍ଥାନରେ ଅପବ୍ୟବହାର କରାଯାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଦୀଘା ଜଗନ୍ନାଥଧାମ କହିବା ପ୍ରସଙ୍ଗକୁ ନେଇ ଘୋର ବିରୋଧ କରାଯାଇଛି। ସରକାରୀ ସ୍ତରରେ ଯେପରି ଏହାକୁ ପ୍ରତିହତ କରାଯାଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ବିଗତ ଦିନରେ ବିଶାରଦମାନଙ୍କୁ ନେଇ ଯେଉଁ କମିଟି ଗଠନ କରାଯାଇଥିଲା, ସେମାନେ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ଏନେଇ ଆସନ୍ତା ୬ ତାରିଖରେ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯିବ। ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍କନ ଗଭର୍ଣ୍ଣିଂ ବଡି ପାଖକୁ ତାହାକୁ ପଠାଯିବ। ଇସ୍କନ ଅଦିନରେ ଯେପରି ପର୍ବପର୍ବାଣି ପାଳନ ନ କରିବ, ସେ ନେଇ ଅବଗତ କରାଯିବ। ନିକଟରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ସମୟରେ ରଥଚକ ସଂସଦରେ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ଏବଂ ସେ ରାଜି ହୋଇଥିଲେ। ତେଣୁ ସଂସଦ ଭବନରେ ରଥଚକ ସ୍ଥାନିତ ପାଇଁ ପରିଚାଳନା କମିଟି ଅନୁମୋଦନ କରିଛି। ଆସନ୍ତା ଚନ୍ଦ୍ରଗ୍ରହଣ ପାଇଁ ସ୍ଥିର ହୋଇଥିବା ନୀତି ନିର୍ଘଣ୍ଟକୁ ବୈଠକରେ ଅନୁମୋଦନ ମିଳିଛି। ଶ୍ରୀମନ୍ଦିର ପରିସରରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ କରାଯାଇଛି। ଏଥିସହ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ସମସ୍ୟା...

ପଞ୍ଜୀକରଣ ନ ହେବ, ତେବେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ଦଣ୍ଡିତ ହେବାକୁ ରହିଥିବାବେଳେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ପାଇଁ ନୂତନ ବିଦ୍ୟୁତ୍ ସଂଯୋଗ ଆବେଦନ କ୍ଷେତ୍ରରେ ୩ ଦିନ ଏବଂ ସହରାଞ୍ଚଳ ଓ ମହାନଗର ନିଗମରେ ୩ରୁ ୧୫ ଦିନ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ଅନୁରୂପ ଭାବେ ବିଦ୍ୟୁତ୍ ବିଚ୍ଛିନ୍ନ ଓ ମିଟରଜନିତ ସମସ୍ୟା କ୍ଷେତ୍ରରେ ୩ ଦିନରେ ତା'ର ସମାଧାନ କରିବାକୁ କୁହାଯାଇଛି।

ଦୀର୍ଘ ୨୧ ବର୍ଷ ପରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ପାଇଁ ପ୍ରଣିତ ହୋଇଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ରଦ୍ଦକରି ନୂତନ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୨୫ ପ୍ରସ୍ତୁତ କରାଯାଇଛି। ତେବେ ସଂପ୍ରତି ଟାଟା ବିତରଣ କମ୍ପାନୀଗୁଡ଼ିକ ପାଇଁ ମାନଦଣ୍ଡକୁ ପାଳନ କରିବା ବାଧ୍ୟତାମୂଳକ ରହିବ। ଯଦି ଆବଣ୍ଟନ କମ୍ପାନୀଗୁଡ଼ିକ ଆୟୋଗ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ପାଳନ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ଉପଭୋକ୍ତାଙ୍କୁ କେତେ କ୍ଷତିପୂରଣ ଓ କେଉଁ ସମୟ ଅବଧିରେ ପଇଠ କରିବେ ତାହା ମଧ୍ୟ ଉଲ୍ଲେଖ ରହିଛି। ଓଡ଼ିଶା ବିଦ୍ୟୁତ୍ ସେବାରେ ନିୟୋଜିତ ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ, ଯାହାକି ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମାନର ବିଦ୍ୟୁତ୍‌ସେବା ଯୋଗାଇବାର ଏକ ପ୍ରମୁଖ କାର୍ଯ୍ୟପ୍ରକ୍ରିୟାକୁ ଏପର୍ଯ୍ୟନ୍ତ ଆୟୋଗ ଠିକ୍ ଭାବେ ଗୁରୁତ୍ୱ ଦେଇ ନ ଥିଲେ। ଏହାର ସଂଶୋଧନ ନିମନ୍ତେ ପୂର୍ବ ସରକାର ସମୟରେ ଆୟୋଗଙ୍କ ପାଖରେ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ ଆୟୋଗ କର୍ଣ୍ଣପାତ କରି ନ ଥିଲେ। ତେବେ ଆୟୋଗ ଏବେ ନିଜଆଡୁ କେସ୍ ଦାଏର କରି ଟାଟା ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ଚିଠା ବିଜ୍ଞପ୍ତି ମାନଦଣ୍ଡରେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ କ୍ଷେତ୍ରରେ କେତେକ କ୍ଷେତ୍ରରୁ ଅବହେଳା କରାଯାଇଥିବା ନେଇ ପ୍ରଶ୍ନ ଉଠିଛି। ଆୟୋଗ ଧାର୍ଯ୍ୟ କରିଥିବା କ୍ଷତିପୂରଣ ଜରିମାନା ଭାରତର ଅନ୍ୟ ଆୟୋଗଗୁଡ଼ିକ ଧାର୍ଯ୍ୟ କରିଥିବା ଜରିମାନାଠାରୁ ବହୁତ୍ କମ୍ ରହିଛି। ମାସକୁ କେତେଘଣ୍ଟା ବିଦ୍ୟୁତ୍ ଯୋଗାଣ ହେଉଛି ଓ କେତେଥର ବ୍ୟାହତ ହେଉଛି ତା'ର ତଥ୍ୟ ମାସିକ ବିଲ୍‌ରେ ଉପଭୋକ୍ତାଙ୍କୁ ଦେବା ପାଇଁ ମାନଦଣ୍ଡରେ ଆୟୋଗ ଦର୍ଶାଇ ନାହାନ୍ତି। ଏଥିପ୍ରତି ଆୟୋଗ ପରବର୍ତ୍ତୀ ଚୂଡ଼ାନ୍ତ ବିଜ୍ଞପ୍ତିରେ ଦୃଷ୍ଟିଦେବାକୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି।

SAGARMALA
PORT-LED PROSPERITY

GOVERNMENT OF INDIA
MINISTRY OF PORTS, SHIPPING AND WATERWAYS

INDIA SINGAPORE 60 YEARS OF DIPLOMATIC RELATIONS

# ଭାରତୀୟ ନୌବାଣିଜ୍ୟର ସଶକ୍ତୀକରଣ
# ଅଭିବୃଦ୍ଧିକୁ ପ୍ରୋତ୍ସାହନ । ଭବିଷ୍ୟତର ନିର୍ମାଣ ।






Inauguration of

## JN Port - PSA Mumbai Terminal (BMCT) Phase II

by

**Shri Narendra Modi**
Hon'ble Prime Minister of India

&

**Shri Lawrence Wong**
Hon'ble Prime Minister of Singapore

**ଗୁରୁବାର, ୪ ସେପ୍ଟେମ୍ବର ୨୦୨୫ ୧୩.୦୦ ଘଟିକାରେ, ଭର୍ଚୁଆଲ୍ ଭାବେ**

## ପିଏସ୍ଏ ମୁମ୍ବାଇ ଟର୍ମିନାଲର ପ୍ରମୁଖ ବୈଶିଷ୍ଟ୍ୟାବଳୀ

୪.୮ ଏମ୍ଏନ୍ ଟିଇୟୁ କ୍ଷମତାର ବର୍ଦ୍ଧିତ ହ୍ୟାଣ୍ଡଲିଂ କ୍ଷମତା ସହ ଜେଏନ୍‌ପିଟିର ସଶକ୍ତୀକରଣ - ଭାରତର ନୌବାଣିଜ୍ୟ ଅଭିବୃଦ୍ଧିକୁ ପ୍ରୋତ୍ସାହନ

ଡିଏଫ୍‌ସି-ରେଡି ରେଲ୍ ଲିଙ୍କ୍ ଦ୍ୱାରା ଲଜିଷ୍ଟିକ୍ସ ସମୟ ହ୍ରାସିତ - ବାଣିଜ୍ୟର ଦକ୍ଷତା ତ୍ୱରାନ୍ୱିତ

୬୩ଟି ଆଇସିଡି ଶେଷ ମାଇଲ୍ ଔଦ୍ୟୋଗିକ ଓ ଉପଯୋଗ ହବ୍ ପର୍ଯ୍ୟନ୍ତ ପହଞ୍ଚକୁ ସୁନିଶ୍ଚିତ କରୁଛି - ଆଞ୍ଚଳିକ ସମୃଦ୍ଧିକୁ ପ୍ରୋତ୍ସାହନ

ଗେଟୱେ ଟର୍ମିନାଲରେ କୁଶଳୀ ଶ୍ରମବଳ, ଯେଉଁମାନେ ଉତ୍ପାଦକତା ଓ ସେବା ମାନକକୁ ଉନ୍ନତ କରୁଛନ୍ତି - ଗଠନ ହେଉଛି ଭବିଷ୍ୟତ ପାଇଁ ପ୍ରସ୍ତୁତ ଲଜିଷ୍ଟିକ୍ସ ପରିତନ୍ତ୍ର

## ଭାରତ-ସିଙ୍ଗାପୁର : ଏକ ମଜଭୁତ ସହବନ୍ଧନ

- **ବାଣିଜ୍ୟ ପ୍ରଶସ୍ତୀକରଣ:** ଏହି ଐତିହାସିକ ସହବନ୍ଧନ ମାଧ୍ୟମରେ ଭାରତୀୟ ବ୍ୟବସାୟ ଓ ରପ୍ତାନିକାରୀ ବାଣିଜ୍ୟରେ ଅଧିକ ସାମର୍ଥ୍ୟ ଓ ଗତି ପାଇବେ ।
- **ନୂଆ ସୁଯୋଗ:** ଭାରତୀୟ ନାଗରିକଙ୍କ ପାଇଁ ଚାକିରି, ଦକ୍ଷତା-ନିର୍ମାଣ ଓ ଅର୍ଥନୈତିକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହେବ ।
- **ବିଶ୍ୱସ୍ତରୀୟ ବିଶେଷଜ୍ଞତା:** ସିଙ୍ଗାପୁରର ନିବେଶ ଭାରତ ପାଇଁ ଆଣିଛି ବିଶ୍ୱସ୍ତରୀୟ ସର୍ବୋତ୍ତମ କାର୍ଯ୍ୟଧାରା ଓ ଅତ୍ୟାଧୁନିକ ଲଜିଷ୍ଟିକ୍ସ ।
- **ବାଧାହୀନ ଲଜିଷ୍ଟିକ୍ସ:** ଉନ୍ନତ ଡିଜିଟାଲ ସିଷ୍ଟମ୍ ଓ ଆଧୁନିକ ଟର୍ମିନାଲ ଖର୍ଚ୍ଚ ହ୍ରାସ କରିବ ଓ ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ କରିବ ।
- **ଅଧିକ ସୁଦୃଢ଼ ବନ୍ଧନ:** ଏହି ସହଭାଗିତା ଭାରତ-ସିଙ୍ଗାପୁର ସମ୍ପର୍କକୁ ଆହୁରି ଗଭୀର କରିଛି ଏବଂ ଏସିଆରେ ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ନୂଆ ମାନକ ସୃଷ୍ଟି କରିଛି ।

## ଜେଏନ୍‌ପିଏର ମାଇଲଖୁଣ୍ଟ

**ସର୍ବୋଚ୍ଚ ଏଫ୍‌ଡିଆଇ:** ସିଙ୍ଗାପୁର ସହିତ ପିପିପି ଜରିଆରେ $୧.୩ ବିଲିୟନ

**ବୈଶ୍ୱିକ ମର୍ଯ୍ୟାଦା: ଶୀର୍ଷ ୩୦** କଣ୍ଟେନର୍ ବନ୍ଦର ମଧ୍ୟରେ ସ୍ଥାନିତ

**ଦ୍ରୁତ, ଦକ୍ଷ ବନ୍ଦର:** ସର୍ବବୃହତ୍ କଣ୍ଟେନର୍ ବନ୍ଦର, ଡିଏଫ୍‌ସି-ରେଡି, ଡିପ୍-ଡ୍ରାଫ୍ଟ ବର୍ଥ୍ସ

ଭାରତର **ଏକ-ତୃତୀୟାଂଶରୁ ଅଧିକ** କଣ୍ଟେନର୍ ବାଣିଜ୍ୟ ଏଠାରେ **ସମ୍ପନ୍ନ ହୋଇଥାଏ**

**In the august presence of**

Shri Sarbananda Sonowal
Union Minister for Ports, Shipping and Waterways

Shri Devendra Fadnavis
Chief Minister, Maharashtra

Shri Shantanu Thakur
Union Minister of State for Ports, Shipping and Waterways

Shri Shrirang Appa Barne
Member of Parliament - Lok Sabha, Maval Constituency

Shri Mahesh Baldi
Member of Legislative Assembly, Uran Constituency

Shri Unmesh Sharad Wagh
Chairperson, JNPA & CMD, VPPL

Shri Ong Kim Pong
Group CEO, PSA International Pte Ltd

**ଜେଏନ୍‌ପିଏ ଏବଂ ପିଏସ୍ଏ: ଅଭିନବତା ଓ ଉତ୍କର୍ଷ ସହ ଭାରତର ନୌବାଣିଜ୍ୟର ନବକଳେବର ପାଇଁ ସହଭାଗିତା**

LIVE STREAM ଡିଡି ନ୍ୟୁଜରେ ସିଧା ପ୍ରସାରଣ ଦେଖନ୍ତୁ

# ବିପରୀତ ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ଶାସ୍ତ୍ର ବୈଦିକ ରୀତିନୀତିର ଏକ ପ୍ରତ୍ୟୁତ୍ତର ଭାବେ ବୌଦ୍ଧଧର୍ମକୁ ବର୍ଣ୍ଣନା କରନ୍ତି। କିନ୍ତୁ ଶୈବଧର୍ମ କିପରି ବୌଦ୍ଧଧର୍ମର ବିପରୀତ ଥିଲା, ସେ ସମ୍ପର୍କରେ ସେଗୁଡ଼ିକ ଆଲୋଚନା କରିବାରେ ବିଫଳ ହୋଇଛନ୍ତି। ଦୈବୀକୃପା ମାଧ୍ୟମରେ ଭୌତିକ ବା ସାଂସାରିକ ଜୀବନରେ ସଫଳତା ପ୍ରାପ୍ତି ହୁଏ ବୋଲି ବୈଦିକ ପରମ୍ପରା ଜୋର୍ ଦେଇଥାଏ। ଅନ୍ୟପଟେ ଏହା ମଧ୍ୟ ଶିକ୍ଷା ଦିଏ ଯେ, ସାଂସାରିକ ବିଷୟ ପ୍ରତି ଆସକ୍ତି ଓ ମୋହ ଦୁଃଖର କାରଣ ହୋଇଥାଏ। ବୁଦ୍ଧ ଆଶ୍ରମ ଜୀବନ ବା ସନ୍ନ୍ୟାସ ମାର୍ଗକୁ ପ୍ରୋତ୍ସାହିତ କରିଥିଲେ, ଯାହା ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ତେବେ ଶୈବଧର୍ମ ଏହି ସନ୍ନ୍ୟାସ ଦୃଷ୍ଟିକୋଣକୁ ବିରୋଧକରେ। ଶିବ ଜଣେ ଯୋଗୀ ବୋଲି ପୁରାତନ ଶୈବ କାହାଣୀ ଦର୍ଶାଏ। ପର୍ବତ ଶିଖରରେ ବସିଥିବା ଯୋଗୀ ଶିବ ଜଣେ ଗୃହସ୍ଥ ଏବଂ ତାଙ୍କର ସ୍ତ୍ରୀ ଓ ପିଲାମାନେ ଥିଲେ। ବୌଦ୍ଧଧର୍ମରେ ଜଣେ ଗୃହସ୍ଥରୁ ସନ୍ନ୍ୟାସୀ ହେଉଥିଲାବେଳେ ଶୈବଧର୍ମରେ ଜଣେ ଯୋଗୀ ଗୃହସ୍ଥ ପାଳୁଥିଲେ।

ଶିବଙ୍କ ପ୍ରଥମ ସ୍ତ୍ରୀ ହେଉଛନ୍ତି ସତୀ। ସେ ଜଣେ ବ୍ରାହ୍ମଣ ପୂଜକଙ୍କ ଝିଅ। ଶିବଙ୍କ ଦ୍ୱିତୀୟ ସ୍ତ୍ରୀ ହେଉଛନ୍ତି ପାର୍ବତୀ ଓ ସେ ପର୍ବତ ରାଜାଙ୍କ କନ୍ୟା। ଶିବଙ୍କ କାହାଣୀ ବିବାହ, ମହିଳା ଓ ଗୃହସ୍ଥ ଜୀବନର ଗୁରୁତ୍ୱକୁ ପ୍ରତିପାଦିତ କରେ। ଏହା ସିଧାସଳଖ ବୌଦ୍ଧଧର୍ମର କାହାଣୀକୁ ବିରୋଧକରେ, ଯେଉଁଥିରେ ଶାନ୍ତି ଓ ଜ୍ଞାନ ପାଇଁ ଜଣେ ବ୍ୟକ୍ତି ରାଜସିଂହାସନ, ସ୍ତ୍ରୀ ଓ ପୁଅଙ୍କୁ ତ୍ୟାଗ କରିଛନ୍ତି।

ଏହି ପରସ୍ପର ବିରୋଧୀ ସିଦ୍ଧାନ୍ତଗୁଡ଼ିକର ପ୍ରଭାବକୁ ଅଧିକାଂଶ ଲୋକେ ଅଣଦେଖା କରିଆସୁଛନ୍ତି। ବୈଦିକ କର୍ମକାଣ୍ଡ ପରମ୍ପରାଗୁଡ଼ିକ ବୁଦ୍ଧଙ୍କ ଆତ୍ମାନୁସନ୍ଧାନ ମାର୍ଗ ଦ୍ୱାରା ଆହ୍ୱାନର ସମ୍ମୁଖୀନ ହେଉଥିବାବେଳେ ବିପରୀତ ଭାବେ ବୁଦ୍ଧଙ୍କ ପଥ ମଧ୍ୟ ଶୈବଧର୍ମର ସାମାଜିକ ଦୃଷ୍ଟିକୋଣର ଆହ୍ୱାନକୁ ସାମ୍ନାକରୁଥିଲା। ବୌଦ୍ଧସ୍ତୁପର ଶିଖରରେ ସ୍ଥାପତି ଚଡାର ଶିବଲିଙ୍ଗ ସହ କୌଣସି ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଦୁଇଟି ମଧ୍ୟରେ ସେମିତି କିଛି ବଡ଼ ପ୍ରଭେଦ ନାହିଁ। ବୁଦ୍ଧ ୩୩ ବୈଦିକ ଦେବତାଙ୍କ ସାମ୍ରାଜ୍ୟର ବହୁ ଉପରେ ଥିବା ସ୍ତର ଅର୍ଥାତ୍



ଏକ ନୂଆ ସ୍ୱର୍ଗରେ ପହଞ୍ଚିଥିଲେ ବୋଲି ମନେକରାଯାଏ। ବୁଦ୍ଧଙ୍କ ମୂର୍ତ୍ତିରେ ମସ୍ତକରେ ଉପରକୁ ଉଠିକରି ରହିଥିବା ଅଂଶକୁ ଉର୍ଦ୍ଧ୍ୱମୁଖୀ ଆଧ୍ୟାତ୍ମିକ ଶିଖା ଭାବେ ବର୍ଣ୍ଣନା କରାଯାଏ। ଅପରପକ୍ଷରେ, ଶିବଙ୍କୁ ମର୍ତ୍ତ୍ୟକୁ ଆଣିବା ପାଇଁ ତାଙ୍କ ଲିଙ୍ଗ ଉପରେ ନିରନ୍ତର ଜଳାଭିଷେକ କରାଯାଇଥାଏ।

ବୌଦ୍ଧଧର୍ମାବଲମ୍ବୀମାନେ ବହୁ ଉର୍ଦ୍ଧ୍ୱରେ ବୁଦ୍ଧଙ୍କ ରାଜ୍ୟ ବା କ୍ଷେତ୍ରକୁ ଦେଖନ୍ତି କିମ୍ବା ଆତ୍ମାନୁସନ୍ଧାନ ଯାତ୍ରା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତି। ଅପରପକ୍ଷେ ଶୈବଧର୍ମ ପୃଥିବୀକୁ ଦେଖିବା ବା ପାର୍ଥିବ ଜୀବନ ଉପରେ ଗୁରୁତ୍ୱ ଦେଇଥାଏ,ଯାହା ଶିବଙ୍କ ଜଟାରୁ ପ୍ରବାହିତ ନିମ୍ନଗାମୀ ନଦୀ ସୂଚିତକରେ। ବିଶ୍ୱରେ ବୁଦ୍ଧ ତାଙ୍କ ସିଦ୍ଧାନ୍ତ ସମ୍ପର୍କରେ ଶିକ୍ଷା ଦେବାକୁ ପ୍ରଥମେ ଅନିଚ୍ଛୁକ ଥିଲେ ଏବଂ ଏହା କରିବା ପାଇଁ ଇନ୍ଦ୍ର ଓ ବ୍ରହ୍ମା ତାଙ୍କୁ ବୁଝାଇଥିଲେ। ଅନ୍ୟପଟେ, ପାର୍ବତୀ ଶିବଙ୍କୁ ପ୍ରଶ୍ନ କରିବାରୁ ସେ ତାଙ୍କ ଜ୍ଞାନ ପ୍ରଦାନ କରିଥିଲେ। ଉତ୍ତର ଭାରତରେ ଲାକୁଲିଶା ରୂପରେ ଶିବଙ୍କୁ ଜଣେ ଗୁରୁ ଭାବେ ଦେଖାଯାଇଥାଏ। ସେ ବୁଦ୍ଧଙ୍କ ଭଳି ପଦ୍ମାସନରେ ବସିଛନ୍ତି, କିନ୍ତୁ ଏକ ଦଣ୍ଡ ଧରିଛନ୍ତି। ଦକ୍ଷିଣ ଭାରତରେ ଥିବା ଲାକୁଲିଶାଙ୍କ ତାନ୍ତ୍ରିକ ମୂର୍ତ୍ତି ଭକ୍ତି ସହ ଜଡ଼ିତ। ତାଙ୍କୁ ଦକ୍ଷିଣମୂର୍ତ୍ତି ସନ୍ନ୍ୟାସୀ ଭାବେ ବର୍ଣ୍ଣନା କରାଯାଇଛି। ସେ ଦକ୍ଷିଣକୁ ମୁହଁକରି ପର୍ବତ ଶିଖରରେ ଗୋଟିଏ ବରଗଛ ତଳେ ବସିଛନ୍ତି। ସଂସାରରେ ଚାରିପାଖରେ ଘେରି ରହିଥିବା ମୃତ୍ୟୁକୁ କିପରି ସନ୍ନ୍ୟାସୀମାନେ ଜୟ କରିପାରିବେ ସେସମ୍ପର୍କରେ ଶିକ୍ଷା ଦେଇଛନ୍ତି। ମୃତ୍ୟୁ ମଧ୍ୟ ବୁଦ୍ଧଙ୍କୁ ଚିନ୍ତାରେ ପକାଇଥିଲା। ଫଳରେ ସେ ସମାଜ ତଥା ସଂସାର ଛାଡ଼ି ଚାଲିଯାଇଥିଲେ। କିନ୍ତୁ ଅଗସ୍ତ୍ୟଙ୍କ ଭଳି ଋଷିମାନେ ଶିବଙ୍କ ମାର୍ଗଦର୍ଶନରେ ଦକ୍ଷିଣ (ପିତୃପୁରୁଷ ଓ ଯମଙ୍କ ସାଙ୍କେତିକ ଭୂମି)କୁ ଯାତ୍ରା କରିଥିଲେ। ସେମାନେ ବିବାହକରି ପରିବାର ଗଢ଼ି ମୃତ୍ୟୁ ସହ ସଂଗ୍ରାମ କରିଥିଲେ। ଅଗସ୍ତ୍ୟ ଲୋପାମୁଦ୍ରାଙ୍କୁ ବିବାହ କରିଥିଲେ। ସେ ଦେବତା ଓ ଅସୁରଙ୍କ ସହ ରହି ଜୀବିକା ଉପାର୍ଜନ କରୁଥିଲେ। ସେ ଏହିପରି ଭାବେ ଜୀବନ ସମ୍ପର୍କରେ ଶିକ୍ଷା ପାଇଥିଲେ।

କେବଳ ବୁଦ୍ଧଙ୍କଠାରେ ଜ୍ଞାନ ନାହିଁ, ଶିବ ଓ ଶକ୍ତିଙ୍କ କଥୋପକଥନରେ ମଧ୍ୟ ଏହା ରହିଛି। ମହିଳାଙ୍କୁ ବୌଦ୍ଧଭିକ୍ଷୁ ଏବଂ ସହାୟକ ଭାବେ ବୌଦ୍ଧ ଆଶ୍ରମଗୁଡ଼ିକରେ ସାମିଲକରିବା ଏକ ଭିନ୍ନ ବିଷୟ ହୋଇଥିଲେ ମଧ୍ୟ ବାସ୍ତବରେ ଏହା ହେଉଛି ବୌଦ୍ଧ ମାର୍ଗ ପ୍ରତି ଆହ୍ୱାନ। ପୁରାତନ ଗ୍ରନ୍ଥ ‘ଥେରି ଗାଥା’ରଚନା କରିଥିବା ବୌଦ୍ଧ ମହିଳା ଭିକ୍ଷୁମାନେ ପରିବାର ବାହାରେ ଶାନ୍ତି ପାଇଛନ୍ତି ଏବଂ ସାମଜିକ ନିୟମରୁ ଦୂରେଇ ରହିଛନ୍ତି। ବୌଦ୍ଧ ବିହାର ବା ମଠ କେବେ ବି ଲିଙ୍ଗଗତ ରାଜନୀତିକୁ ଛାଡ଼ିନାହିଁ ଏବଂ ସେଥିପାଇଁ ଶରୀରକୁ ଅସ୍ୱୀକାର କରାଯାଇଛି। ନେତୃତ୍ୱରେ ସବୁବେଳେ ପୁରୁଷମାନେ ରହୁଥିଲେ। ଏହା ମଧ୍ୟ ଜୈନଧର୍ମରେ ଦେଖାଯାଏ, ଯେଉଁଠି ସନ୍ନ୍ୟାସୀଙ୍କ ତୁଳନାରେ ଅଧିକ ମହିଳା ଭିକ୍ଷୁ ରହିଥିଲେ ବି ପୁରୁଷ ସବୁବେଳେ ନେତୃତ୍ୱରେ ରହନ୍ତି।

ଶିବଙ୍କ ଜ୍ଞାନ ଦେବୀଙ୍କ ଦ୍ୱାରା ଅଧିକ ପ୍ରାସଙ୍ଗିକ ହୋଇଛି। ଶିଷ୍ୟ ବିନା ଗୁରୁଙ୍କ ଜ୍ଞାନ ଅସାର। ଦେବୀ ଶିଷ୍ୟ ଭାବେ ଶିବଙ୍କୁ ପ୍ରଶ୍ନ କରିବା ଯୋଗୁ ଏହି ଜ୍ଞାନ ଗୁରୁରୂପୀ ଶିବଙ୍କଠାରୁ ଉତ୍ତର ଆକାରରେ ସାମ୍ନାକୁ ଆସିଛି। ଦେବୀ ଶିବଙ୍କ ଯତ୍ନ ନେଇଛନ୍ତି। ଶିବ ମଧ୍ୟ ଦେବୀଙ୍କ ସହ କଥା ହୋଇଛନ୍ତି। ଶିବଙ୍କ ଅନୁପସ୍ଥିତିରେ ଦେବୀ ତାଙ୍କ ଅସ୍ତ୍ର ଚଳାଇ ଦେବତାଙ୍କୁ ଅସୁରଙ୍କ କବଳରୁ ରକ୍ଷାକରିଛନ୍ତି। କୁହାଯାଏ ଯେ, ଶୈବଧର୍ମ ଦେବୀଙ୍କୁ ସାମିଲ କରିଥିବାବେଳେ, ଏହା ପରିବାରରେ ରହୁଥିବା ସବୁ ମହିଳଙ୍କୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେଇ ନ ଥିଲା। ମହିଳାମାନେ ଘର ଛାଡ଼ିଲେ ପବିତ୍ର ହୁଅନ୍ତି ଓ ଭିକ୍ଷୁ ପାଲଟନ୍ତି। କିନ୍ତୁ ପୁରୁଷ ଉଭୟ ଗୃହସ୍ଥ ଓ ସନ୍ନ୍ୟାସୀ ଭାବେ ପବିତ୍ର। ଏହି ବ୍ୟବସ୍ଥାରେ ଆହ୍ୱାନ ସବୁ ରହିଥିଲେ ମଧ୍ୟ ଏହା ତ୍ରିପୁରାସୁନ୍ଦରୀ ଭଳି ଦେବୀମାନଙ୍କୁ ସୃଷ୍ଟିକରିଛି, ଯିଏ ଏକ ସିଂହାସନରେ ବସିଛନ୍ତି ଓ ତାଙ୍କ ଚାରିପାଖରେ ଦେବତାମାନେ ରହିଛନ୍ତି। ସେ କାମନାର ଦେବତା (କାମ)ଙ୍କ ସଙ୍କେତ ବହନ କରନ୍ତି। ଜ୍ଞାନ କାମନାର ଶେଷ ନୁହେଁ। ଏହା ଇଚ୍ଛା ବା କାମନରୁ ଉତ୍ପନ୍ନ ହୋଇ ନିଜକୁ ଶାନ୍ତି ଦେବା ବଦଳରେ ଅନ୍ୟମାନଙ୍କୁ ତାହା ପ୍ରଦାନକରେ।

–devduttofficial@gmail.com

# ଆମେ ଓ ଆମ ସମାଜ



ବୈଷ୍ଣବ ମେହେର

ଦିନକୁଦିନ ମଣିଷର ବେଗ ଯେତିକି ବଢ଼ି ଚାଲିଛି ସେହି ଅନୁପାତରେ କମିକମି ଚାଲିଛି ତା’ର ଆବେଗ। ମଣିଷ ଏବେ ପ୍ରକୃତିମୁହାଁ ନ ହୋଇ କେବଳ ପ୍ରବୃତ୍ତି ଆଡ଼େ ମୁହାଁଉଛି। ଏପରିସ୍ଥଳେ ସମାଜ ବିକାଶର କଥା ଭାବିବାକୁ କାହାର ବା ସମୟ ଅଛି! ପରିଣାମସ୍ୱରୂପ ପ୍ରତିଦିନ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ବଳାତ୍କାର, ଅସହିଷ୍ଣୁତା ଓ ଆତଙ୍କବାଦ ସୀମା ବିବାଦ ଭଳି ବଢ଼ି ଚାଲିଛି । ପୁଣି ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, ଭୂସ୍ଖଳନ ଭଳି ପ୍ରାକୃତିକ ଦୁର୍ବିପାକ ମଣିଷର ସ୍ଥିତିକୁ ଦୋହଲାଇ ଦେଉଛି । ଘରୁ ବାହାରିଲେ ନ ଫେରିବା ଯାଏ ସନ୍ଦେହରେ ପରିବାର। ବିପର୍ଯ୍ୟସ୍ତ ରାସ୍ତାଘାଟ, ବେନିୟମ ଗାଡ଼ି ଚଳାଚଳ ଓ ଟ୍ରାଫିକ ସମସ୍ୟା ପ୍ରତିଦିନ ମର୍ମନ୍ତୁଦ ଦୁର୍ଘଟଣା ଘଟାଉଛି। ପୁନଶ୍ଚ ସମାଜକୁ ଆଗେଇ ନେବେ ବୋଲି ଯେଉଁମାନଙ୍କୁ ଭରସା କରି ସାଧାରଣ ଲୋକେ ନିଜ ଭାଗ୍ୟର ଡୋରି ଧରାଇଛନ୍ତି, ସେମାନଙ୍କର ଅଧିକ ସମୟ ପରସ୍ପର ଭିତରେ ତୁତୁ ମେମେରେ ଯାଉଛି । ଲୋକେ ମଧ୍ୟ କୌଣସି ଅଘଟଣରୁ ଶିଖିବା ତ ଦୂରର କଥା ଧୀରେ ଧୀରେ ଅଧିକ ବେପରୁଆ ହୋଇ ପଡ଼ୁଛନ୍ତି। କଲେଜ ଛାତ୍ରୀ ସୌମ୍ୟାଶ୍ରୀର ଆତ୍ମଦାହ ପରେ ଆମେ କେହି ବି ଭାବି ନ ଥିଲେ ଯେ ଏ ଅଘଟଣର ଧାରା ଆଗକୁ ଲମ୍ବି ଚାଲିବ ବୋଲି । ଅଘଟଣ ମାନେ ଯେମିତି ଗୋଟିଏ ପରେ ଗୋଟିଏ ମାଳାରେ ଗୁନ୍ଥା ଯାଇଥିବା ଫୁଲ ପରି ଘଟି ଚାଲିଛି, ଯେଉଁଥିରେ ସାଧାରଣ ମଣିଷର ଆଶା ପାଣିର ଫୋଟକା ସମାନ ମୁହୂର୍ତ୍ତରେ ମିଳେଇ ଯିବା ହିଁ ସାର ହେଉଛି ।

କହିବା ବାହୁଲ୍ୟ ଯେ, ସତ୍ୟ ଆଉ ସ୍ୱଚ୍ଛତା ଦିନେ ଭାରତୀୟ ସମାଜର ଗଳାର ହାର ସଦୃଶ ପ୍ରତୀୟମାନ ହେଉଥିଲା ବେଳେ ଶଠତା ବର୍ତ୍ତମାନ ଏହାର ଭାଗ୍ୟ ନିର୍ଦ୍ଧାରଣ କରୁଛି। ବଜାରରେ ମିଳୁଥିବା ସବୁଜ, ସୁନ୍ଦର ଓ ସତେଜ ଦେଖାଯାଉଥିବା ପନିପରିବାରେ ଯେ କେବଳ ହଳାହଳ ବିଷ ଖୁନ୍ଦି ହୋଇ ରହିଛି ତା’ ନୁହେଁ ବରଂ ପ୍ରତିଟି ସ୍ଥିତିରେ ମଣିଷ ମଣିଷ ମଧ୍ୟରେ ଏକ ବିଷାକ୍ତ ବଳୟ ତିଆରି ହେବାରେ ଲାଗିଛି । ବଣର ହିଂସ୍ର ଜନ୍ତୁ ନୁହେଁ, ଏବେ ତ ମଣିଷ ହିଁ ସାଜିଛି ମଣିଷର ପ୍ରଧାନ ଶତ୍ରୁ। ନିଜ ସ୍ୱାର୍ଥ ପାଇଁ କେଉଁଠି ମଣିଷ ଖାଦ୍ୟରେ ଅପମିଶ୍ରଣ କରୁଛି ତ ବିଭିନ୍ନ ପ୍ରଲୋଭନ ଦେଖାଇ ଜଣେ ଆଉ ଜଣକର ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥ ଉଭାନ କରି ନେଉଛି। ବିକାଶ ନାଁରେ ରାସ୍ତାଘାଟ, ପୋଲ, ବଡ଼ କୋଠା ତିଆରି କରିବା ନାଁରେ ସେଥିରୁ ମୋଟା ଅଙ୍କର ଅର୍ଥ ଆତ୍ମସାତକୁ ପ୍ରାଧାନ୍ୟ ଦିଆଯାଉଛି। କୋମଳମତି ଶିଶୁକୁ ମାନବିକତାର ଶିକ୍ଷା ଦେଉଥିବା ଶିକ୍ଷକ କାମୁକ ସାଜୁଥିବା ବେଳେ ରକ୍ଷକ ଭୂମିକାରେ ଥିବା ପୋଲିସ ନିଜେ ଭକ୍ଷକ ପାଲଟୁଛି। ଏସବୁକୁ ପ୍ରତିବାଦ କରୁଥିବା ଲୋକକୁ ଅନେକ ସମୟରେ ବିଭିନ୍ନ ମାଧ୍ୟମରେ ହଇରାଣ ହେବାକୁ ଏପରି କି ଜୀବନ ଦେବାକୁ ପଡ଼େ। ଗଣମାଧ୍ୟମ ଯାହା ଦିନେ ସାଧାରଣ ଲୋକଙ୍କ ସ୍ୱର ଓ ଶକ୍ତି ଥିଲା କିଛି ଜଣଙ୍କ ପାଇଁ ସେ ବି ଏବେ ବିଶ୍ୱାସ ହରେଇ ବସିଛି। ବିନା ହାତଗୁଞ୍ଜାରେ କାଗଜ ଖଣ୍ଡିଏ ଗୋଟିଏ ଟେବୁଲରୁ ଆର ଟେବୁଲକୁ ଯାଇପାରୁ ନାହିଁ। ‘ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି’ ପ୍ରାର୍ଥନା ଗାଇ ଗାଇ ବଡ଼ ହୋଇଥିବା ପିଲାଟି ଅଧାବାଟରେ କି ଶିକ୍ଷା ପାଇଲା ଯେ ଆଜି ଡାକ୍ତର ହେଲା ପରେ ମୃତ ରୋଗୀକୁ ଆଇସିୟୁରେ ରଖି ଅର୍ଥ ଉପାର୍ଜନ କରିବାକୁ ତିଳେ ମାତ୍ର ଅନୁଶୋଚନା କରୁ ନାହିଁ କି ଇଞ୍ଜିନିୟର ହୋଇ ମାତ୍ର ଚାଳିଶ ପ୍ରତିଶତ କାମ କରି ଶତ ପ୍ରତିଶତ ବିଲ୍ କରି ନେବାରେ ନିଜର ପାରିବା ପଣିଆ ବୋଲି ବିବେଚନା କରୁଛି। ଯେଉଁ ମାଆବାପା ଗାଁରେ ଜାତିଅଜାତିର ଯେକେହି ମରି ଯାଇଛି ବୋଲି ଜାଣିଲେ ଯଥାସମ୍ଭବ ତା’ ଦ୍ୱାରରେ ଠିଆ ହୋଇ ଶବ ଶ୍ମଶାନରେ ଅନ୍ତ୍ୟେଷ୍ଟି ନ କଲା ଯାଏ ଅନ୍ନ ଛୁଉଁ ନ ଥିଲେ ଆଜି ସେମାନଙ୍କ ଦେହାନ୍ତ ପରେ ଶ୍ମଶାନ ନେବାକୁ ତାଙ୍କ ନିଜ ପିଲା ପାଖରେ ସମୟ ନାହିଁ। ଯେଉଁ ଦେଶର ବୌଦ୍ଧିକ ଜ୍ଞାନ ପାଇବାକୁ ବିଦେଶୀମାନେ ଏବେ ବି ସୁଯୋଗର ଅପେକ୍ଷା କରିଥାନ୍ତି ଆଜି ସେହି ଦେଶର ଲୋକଙ୍କ ମଧ୍ୟରେ ଶିକ୍ଷା, ସଂସ୍କାର, ନୈତିକତାରେ ଏଭଳି ପରିବର୍ତ୍ତନ ଅବିଶ୍ୱସନୀୟ ମନେହୁଏ।

ଦୁଃଖର ବିଷୟ ଯେ, ନିଜେ କ’ଣ କରିପାରିବା ସେଥିରେ ଧ୍ୟାନ ନ ଦେଇ, ଏସବୁଥି ପାଇଁ ଅନ୍ୟକୁ ଦୋଷଦେବା ଏବେ ଆମର ଅଭ୍ୟାସରେ ପରିଣତ ହୋଇ ସାରିଛି । ଆମେ ପ୍ରଥମେ ହେଜିବା ଦରକାର ଯେ ଯେଉଁଦିନ ଆମେ ନିଜେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ସେ ମୁହୂର୍ତ୍ତରୁ ଆମ ଭାଗର ସମାଜ ସୁଧୁରିବା ଆରମ୍ଭ ହୋଇଯିବ।

ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫

## ଏଇ ଭାରତରେ

ଦିଲ୍ଲୀରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ଶିରିନ ବାତ୍ରା ଓ ଆୟେଶା ଖ୍ରୀଷ୍ଟିନା ବେନଖ। ଏହି ଦୁଇଜଣ ହେଉଛନ୍ତି କୁକୁରପ୍ରେମୀ ଓ ସାମାଜିକ କର୍ମୀ। କାଫେ ଦିଲ୍ଲୀ ହାଇଟ୍ସ ସହଯୋଗରେ ‘ନେବରହୁଡ୍ ଉଫ୍‌ସ’ ନଭେମ୍ବର ୨୦୨୪ରୁ କୁକୁରଙ୍କୁ ଖାଇବାକୁ ଦେଇଆସୁଛି। କୁକୁରଙ୍କ ସେବାରେ ନିୟୋଜିତ ସଂସ୍ଥା ନେବରହୁଡ୍ ଉଫ୍‌ସର ପ୍ରତିଷ୍ଠାତା ହେଉଛନ୍ତି ଆୟେଶା। କାଫେ ଦିଲ୍ଲୀ ହାଇଟ୍ସ(ସିଡିଏଚ୍) ମାଲିକଙ୍କ ଝିଅ ହେଉଛନ୍ତି ଶିରିନ୍। ଏହି ଦୁଇଜଣ ସିଡିଏଚ୍‌ର ବିଭିନ୍ନ ଆଉଟ୍‌ଲେଟ୍‌ରୁ ବଳକା ଖାଦ୍ୟ ସଂଗ୍ରହକରି କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ସେମାନେ ଏକ ଟିମ୍ ଗଠନ କରିଛନ୍ତି ଓ ଏହା ଜରିଆରେ ଖାଦ୍ୟ ସଂଗ୍ରହ କରାଯାଉଛି। ସଂଗୃହୀତ ଖାଦ୍ୟରେ ଅଣ୍ଡା, ଦହି ଇତ୍ୟାଦି ମିଶାଇ ପୁଷ୍ଟିକର କରାଯାଉଛି, ଯାହାକୁ କି କୁକୁରଙ୍କୁ ସକାଳେ ଓ ଅପରାହ୍ନରେ ଦୁଇବେଳା ଖାଇବାକୁ ଦିଆଯାଉଛି। ଏବେ ସେମାନେ ୧୦୦ରୁ ଅଧିକ କୁକୁରଙ୍କୁ ଖାଇବାକୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୭୬

- ଜଳସେଚନ ବ୍ୟବସ୍ଥାକୁ ସମ୍ବିଧାନର କଂକରେଣ୍ଟ ଲିଷ୍ଟ ବା ମିଳିତ ଦାୟିତ୍ୱ ତାଲିକାର ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ଦାବି ଜଣାଇ ପାର୍ଲାମେଣ୍ଟରେ ୧୦୧ ସଭ୍ୟଙ୍କ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସ୍ମାରକପତ୍ର ଦାଖଲ।
- ରାଜ୍ୟସଭାର ଜନୈକ ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ (ଜନସଂଘ)ଙ୍କ ଆଚରଣ ସମ୍ବନ୍ଧରେ ତଦନ୍ତ କରିବା ଲାଗି ଏକ କମିଟି ନିଯୁକ୍ତ କରାଯିବା ନିମନ୍ତେ ରାଜ୍ୟସଭାରେ ଏକ ସରକାରୀ ପ୍ରସ୍ତାବ ଗୃହୀତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 7 | | | | | |
| | | 3 | | | | 7 | 5 | 6 |
| | 6 | | | | | | | 8 |
| | | 6 | | 1 | | 3 | | 9 |
| 2 | | | | | 6 | | | |
| | 9 | 1 | | 4 | 5 | | | |
| | 4 | | | | | | | |
| | | 7 | | 9 | | | | |
| | | | | | 7 | | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 8 | 2 | 4 | 1 | 6 | 9 |
| 6 | 4 | 2 | 9 | 3 | 1 | 8 | 7 | 5 |
| 8 | 9 | 1 | 7 | 6 | 5 | 4 | 2 | 3 |
| 3 | 6 | 7 | 5 | 8 | 2 | 9 | 1 | 4 |
| 9 | 1 | 8 | 6 | 4 | 3 | 2 | 5 | 7 |
| 2 | 5 | 4 | 1 | 9 | 7 | 3 | 8 | 6 |
| 7 | 3 | 5 | 4 | 1 | 8 | 6 | 9 | 2 |
| 4 | 8 | 9 | 2 | 7 | 6 | 5 | 3 | 1 |
| 1 | 2 | 6 | 3 | 5 | 9 | 7 | 4 | 8 |

ଗତକାଲିର ଉତ୍ତର

# ଉତ୍ପାଦନଶୀଳତାର ନୂତନ ମାଧ୍ୟମ



ଡ. ଅନ୍ତର୍ଜିତା ନାୟକ

ଏକ କ୍ରମବର୍ଦ୍ଧିଷ୍ଣୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ବିଶ୍ୱରେ ଉତ୍ପାଦନଶୀଳତାକୁ ପ୍ରାୟତଃ ନିରନ୍ତର କାର୍ଯ୍ୟ ସହିତ ତୁଳନା କରାଯାଏ। ଯେତେବେଳେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ର କୁହନ୍ତି ଯେ ଦିନକୁ ୧୮–୨୦ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ସଫଳତା ହାସଲ କରିଛନ୍ତି ସେତେବେଳେ ମନକୁ ଆସେ ମଣିଷ ଆଜି ମେଶିନ ହୋଇଗଲାଣି। ମେଶିନକୁ ଯେମିତି ଥକିବା ମନା, ମଣିଷକୁ ସେମିତି ଥକାମାରିବା ନିଷେଧ। ଥକାମାରିବା ତ ଦୂରରକଥା ଆଜିକାଲି ହାଇ ମାରିବା ମଧ୍ୟ ଅପରାଧ। ଅଫିସ, ସ୍କୁଲ ବା କାର୍ଯ୍ୟସ୍ଥଳୀରେ ହାଇ ମାରିଲେ କାଳେ କିଏ ଭାବିଦେବ ଯେ କାମ ସମୟରେ ନିଦ ଆସିଗଲାଣି କି! କିନ୍ତୁ ହାଇ ମାରିବା କ’ଣ ଭୁଲ୍? ହାଇ ମାରିବା ପଛରେ ନିଦ ସମ୍ପୂର୍ଣ୍ଣ ନ ହେବା ବା ନିଦ ସମ୍ପୂର୍ଣ୍ଣ କରିବାକୁ ସମୟ ନ ମିଳିବା ହେଲା ପ୍ରକୃତ ଦୋଷୀ। ଅନିଦ୍ରା ବଶତଃ ଢୁଳାଇବା ବା ହାଇ ମାରିବା କେବଳ ପ୍ରତିକ୍ରିୟା। ହେଲେ ଏଇ ସମସ୍ୟାର ସମାଧାନ କ’ଣ? କାମକୁ ନ ଯାଇ କିଏ ତ ଆଉ ଶୋଇ ରହିବ ନାହିଁ ନା! ଏହି ପରିପ୍ରେକ୍ଷୀରେ, ଜାପାନରେ ପାଳନ କରାଯାଉଥିବା ‘ଇନେମୁରି’ ଅଭ୍ୟାସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍କୁଲରେ ବା ଅଫିସରେ ଢୁଳାଇବା ବା ବିଶ୍ରାମ ନେବା ଅଳସୁଆମି ବା ଠକାମି ନୁହେଁ। ଜାପାନର ପ୍ରାଚୀନ ‘ଇନେମୁରି’ ଅଭ୍ୟାସ ହେଉଛି ‘ଶୋଇବା ସମୟରେ ଉପସ୍ଥିତ ରହିବା’ର କଳା, ଯାହା କାର୍ଯ୍ୟ ମଧ୍ୟରେ କ୍ଷୁଦ୍ର ନିଦ୍ରାକୁ ପ୍ରୋତ୍ସାହିତ କରେ। ଭାରତ ଯେତେବେଳେ ନିଜର ଉତ୍ପାଦନକ୍ଷମ ସେନାକୁ ନେଇ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଅଗ୍ରସର, ସେତେବେଳେ ଜାପାନର ‘ଇନେମୁରି’ରୁ ପ୍ରେରଣା ନେଇ ସମସ୍ତ ବୟସ ବର୍ଗ ଏବଂ ସମସ୍ତ କ୍ଷେତ୍ରରେ ମାନବ ସମ୍ଭାବନାକୁ ଉନ୍ମୁକ୍ତ କରିବା ଆବଶ୍ୟକ। କାର୍ଯ୍ୟସ୍ଥଳୀରେ କ୍ଷୁଦ୍ର ନିଦ୍ରା, ବାସ୍ତବରେ ଅଧିକ ସୃଜନଶୀଳତା ଏବଂ ଜ୍ଞାନାତ୍ମକ ଜୀବନ୍ତତାର ଚାବିକାଠି ହୋଇପାରେ।

ଦିନବେଳା କ୍ଷୁଦ୍ର ନିଦ୍ରାର ଶାରୀରିକ ଏବଂ ମାନସିକ ଲାଭକୁ ଆଧୁନିକ ସ୍ନାୟୁବିଜ୍ଞାନ ଦୃଢ଼ ଭାବରେ ସମର୍ଥନ କରେ। ସ୍ଲିପ ମେଡିସିନ ଜର୍ନାଲ ଅନୁଯାୟୀ, କ୍ଷୁଦ୍ର ନିଦ୍ରା(୧୦–୩୦ମିନିଟ) ସତର୍କତା, କାର୍ଯ୍ୟ ସ୍ମୃତି, ମନୋଦଶା ଏବଂ ସାଇକୋମୋଟର ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ପାଇଲଟ ଏବଂ ମହାକାଶଚାରୀଙ୍କ ଉପରେ ନାସାର ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୨୬ ମିନିଟର ନିଦ୍ରା କାର୍ଯ୍ୟଦକ୍ଷତାରେ ୩୪% ଏବଂ ସତର୍କତାରେ ୫୪% ଉନ୍ନତି ଆଣିଛି। ପିଲାମାନଙ୍କ କ୍ଷେତ୍ରରେ ନେଚର୍ ଆଣ୍ଡ ସାଇନ୍ସ ଅଫ ସ୍ଲିପରେ ପ୍ରକାଶିତ ଏକ ଅଧ୍ୟୟନ ଦର୍ଶାଇଛି ଯେ, ଦିନବେଳା କ୍ଷୁଦ୍ର ନିଦ୍ରା, ସ୍ମୃତି ଦୃଢ଼ୀକରଣ, ସମ୍ବେଦନଶୀଳ ଧାରଣା ଏବଂ ଭାବପ୍ରବଣ ନିୟନ୍ତ୍ରଣକୁ ସମର୍ଥନ କରେ, ବିଶେଷକରି ୧୨ବର୍ଷରୁ କମ୍ ପିଲାମାନଙ୍କ କ୍ଷେତ୍ରରେ। କ୍ଷୁଦ୍ର ନିଦ୍ରା ଶରୀରକୁ ପୁନଃ ଚାଲୁ କରିବାର ଏକ ପ୍ରକ୍ରିୟା। ଜ୍ଞାନାତ୍ମକ ଲାଭ ବ୍ୟତୀତ, ନିଦ୍ରା, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେଇଥାଏ। ଦୀର୍ଘସ୍ଥାୟୀ ନିଦ୍ରାହୀନତା ବର୍ତ୍ତମାନ ଏକ ଜନସ୍ୱାସ୍ଥ୍ୟ ମହାମାରୀ ଭାବରେ ବ୍ୟାପି ଚାଲିଛି, ଯାହା ଉଦ୍‌ବେଗ, ଅବସାଦ, ଉଚ୍ଚ ରକ୍ତଚାପ ଏବଂ ମେଟାବୋଲିକ ବ୍ୟାଧି ସୃଷ୍ଟି କରିଥାଏ। ଏହି ପରିପ୍ରେକ୍ଷୀରେ, ସଂରଚିତ ନିଦ୍ରା ବିରତିକୁ ପ୍ରୋତ୍ସାହିତ କରିବା କେବଳ ଏକ ବିକଳ୍ପ ନୁହେଁ ବରଂ ଏକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ରଣନୀତି। ଜାପାନ କାର୍ଯ୍ୟକ୍ଷେତ୍ରରେ ଏବଂ ଶିକ୍ଷାଗତ ସଂସ୍କୃତିରେ, ‘ଇନେମୁରି’, ବିଶ୍ରାମର ଏକ ଅନନ୍ୟ ଏକୀକରଣ। ଏହା ବ୍ୟକ୍ତିବିଶେଷଙ୍କୁ କର୍ମକ୍ଷେତ୍ରରେ ଛୋଟ, ହାଲୁକା ନିଦ୍ରା ନେବାକୁ ଅନୁମତି ଦିଏ। କିନ୍ତୁ ଏହା କୌଣସି ଦାୟିତ୍ୱହୀନତା ବା ଅଳସୁଆମି ନୁହେଁ, ବରଂ ଏହା ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଯେ



ଜଣେ ବ୍ୟକ୍ତି ନିଜ କର୍ତ୍ତବ୍ୟରୁ ପଛକୁ ହଟି ନ ଯାଇ, କଠିନ ପରିଶ୍ରମ କରି କ୍ଷଣିକ ପାଇଁ ବିଶ୍ରାମ ନେଉଛି। ଟୟୋଟା ଏବଂ ହିରୋଶିମା ବିଶ୍ୱବିଦ୍ୟାଳୟ ଭଳି ଜାପାନୀ ସଂସ୍ଥାଗୁଡିକ କର୍ମକ୍ଷେତ୍ରରେ ନିଦ୍ରା ସୁବିଧା ପାଇଁ ଶାନ୍ତ କୋଠରିର ସୁବିଧା ଉପଲବ୍ଧ କରାଇଛନ୍ତି। ବିଦ୍ୟାଳୟଗୁଡିକ ମଧ୍ୟ ଶ୍ରେଣୀରେ ଶୋଇବାର ସୁବିଧା ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଅନ୍ତି।

ବିଦ୍ୟାଳୟରେ ପିଲାଙ୍କ କ୍ଲାନ୍ତପଣ ଏବଂ କାର୍ଯ୍ୟସ୍ଥଳରେ ଥକାପଣର ଦ୍ୱୈତ ବୋଝ ଆଜି ସମୟର ଆହ୍ୱାନ। ପାଞ୍ଚ ବର୍ଷ ବୟସରୁ ହିଁ ପିଲାମାନେ ସ୍କୁଲ, ଟ୍ୟୁଶନ ଏବଂ ଅତିରିକ୍ତ ପାଠ୍ୟକ୍ରମ ବୋଝରେ ରାତିରେ ଡେରିରେ ଶୋଉଛନ୍ତି ଓ ସୂର୍ଯ୍ୟୋଦୟ ପୂର୍ବରୁ ଉଠୁଛନ୍ତି, ଯାହାର ଫଳସ୍ୱରୂପ ଏକ ଭୟଙ୍କର ନିଦ୍ରା ଅଭାବ ସୃଷ୍ଟି ହେଉଛି। ଇଣ୍ଡିଆନ ଜର୍ନାଲ ଅଫ ପେଡିଆଟ୍ରିକ୍ସରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ,ଭାରତରେ ୭୫%ରୁ ଅଧିକ ସହରାଞ୍ଚଳ ସ୍କୁଲ ଯାଉଥିବା ପିଲା ପ୍ରସ୍ତାବିତ ୮ଘଣ୍ଟାରୁ କମ୍ ଶୋଇଥାନ୍ତି। ଅନେକ ପିଲା ବିରକ୍ତି, ଏବଂ ଶିକ୍ଷଣ କ୍ଳାନ୍ତିରେ ପୀଡ଼ିତ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରେ କ୍ଷୁଦ୍ର ନିଦ୍ରା ଜୋନ କିମ୍ବା ବିଶ୍ରାମ ଅବଧି ପ୍ରବର୍ତ୍ତନ କରିବା, ବିଶେଷକରି ପ୍ରାକ–କିଶୋର ଏବଂ ପ୍ରାରମ୍ଭିକ କିଶୋରଙ୍କ ମଧ୍ୟରେ, ଯାହା ସେମାନଙ୍କର ସ୍ମୃତି ଦୃଢ଼ୀକରଣରେ ସାହାଯ୍ୟ କରିପାରିବ। ଉଦ୍‌ବେଗ ହ୍ରାସ ହେବ। ଭାରତ ଏହାର ଯୁବ ଜନସଂଖ୍ୟା ସହିତ ଏକ ବର୍ଦ୍ଧିତ ମାନସିକ ସ୍ୱାସ୍ଥ୍ୟ ଏବଂ ଉତ୍ପାଦକତା ସଙ୍କଟର ସମ୍ମୁଖୀନ ହେଉଛି। ୨୦୨୧ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୬୨% ଭାରତୀୟ କର୍ମଚାରୀ ଗୁରୁତର ଥକାପଣ ଲକ୍ଷଣ ଅନୁଭବ କରନ୍ତି। ଆଜିର ‘ସର୍ବଦା ଅନ୍‌ଲାଇନ’ର ସଂସ୍କୃତି କାର୍ଯ୍ୟ ଏବଂ ଜୀବନ ମଧ୍ୟର ସୀମାକୁ ଅସ୍ପଷ୍ଟ କରିଦେଉଛି, ଯାହା ନିଦ୍ରାହୀନତା ଏବଂ ଉତ୍ପାଦକତା ହ୍ରାସ କରୁଛି। ତଥାପି କାର୍ଯ୍ୟସ୍ଥଳୀଗୁଡିକ କ୍ୱଚିତ ସଂରଚିତ ବିଶ୍ରାମ ଅବଧି ପ୍ରଦାନ କରନ୍ତି। ଗୁଗୁଲ ଏବଂ ସିସ୍କୋ ଭଳି ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀମାନେ ‘ନାପ ପୋଡ’ କିମ୍ବା ‘ବିଶ୍ରାମ ଲାଉଞ୍ଜ’ ସ୍ଥାପନ କରିଛନ୍ତି, ଯାହା ନିଜ କର୍ମଚାରୀଙ୍କୁ କାର୍ଯ୍ୟ ସମୟ ମଧ୍ୟରେ କ୍ଷୁଦ୍ର ନିଦ୍ରା ନେବାର ସମସ୍ତ ସୁବିଧା ଯୋଗାଇ ଦିଏ। ଭାରତୀୟ କାର୍ଯ୍ୟସ୍ଥଳରେ ଏହିପରି ସୁବିଧା ବା ‘ଇନେମୁରି’ ଭଳି ସଂସ୍କୃତିକୁ ପ୍ରୋତ୍ସାହିତ କରି ‘ଫିଟ ଇଣ୍ଡିଆ ମୁଭମେଣ୍ଟ’ରେ ଏହାକୁ ସାମିଲ କରି ଶାରୀରିକ ଓ ମାନସିକ ସୁସ୍ଥତାକୁ ସୁନିଶ୍ଚିତ କରାଯାଇପାରିବ। ବିଦ୍ୟାଳୟରେ ନିଦ୍ରାକୁ ଅବମାନନା କରିବା ପରିବର୍ତ୍ତେ, ଶିକ୍ଷକମାନେ ଏହାକୁ ଏକ ଜୈବିକ ଆବଶ୍ୟକତା ଭାବରେ ଚିହ୍ନି, କାର୍ଯ୍ୟ କରିବା ଉଚିତ। ପିଲାଙ୍କ ଶାରୀରିକ ସୁସ୍ଥତା ସହିତ ମାନସିକ ସୁସ୍ଥତା ଅତ୍ୟନ୍ତ ଜରୁରୀ, ଯାହା କ୍ଷୁଦ୍ର ନିଦ୍ରା ମାଧ୍ୟମରେ ସୁନିଶ୍ଚିତ କରାଯାଇପାରିବ। ମାତାପିତା ମଧ୍ୟ କ୍ଷୁଦ୍ର ନିଦ୍ରାର ଦୀର୍ଘକାଳୀନ ଲାଭ ବିଷୟରେ ଜାଣିବା ଜରୁରୀ ଏବଂ ସପ୍ତାହାନ୍ତ କିମ୍ବା ଛୁଟିଦିନରେ ତାହା ଘରୋଇ ରୁଟିନରେ ଅନ୍ତର୍ଭୁକ୍ତ କରିବାକୁ ଉତ୍ସାହିତ କରିପାରିବେ।

‘ଇନେମୁରି’ ଧାରଣାକୁ ଭାରତୀୟକରଣ କରି, ଦୀର୍ଘକାଳୀନ ଦକ୍ଷତା, ସୃଜନଶୀଳତା ଏବଂ ମାନସିକ ସ୍ୱାସ୍ଥ୍ୟକୁ ବୃଦ୍ଧି କରାଯାଇପାରିବ। ଭାରତୀୟ କର୍ମଶୈଳୀରେ ‘ବିଶ୍ରାନ୍ତି’,ଏକଦା ସାଧାରଣ। ଏଭଳି ସଚେତନ ବିରତିଗୁଡ଼ିକୁ ପୁନଃସ୍ଥାପିତ କରି, ବୈଜ୍ଞାନିକ ଅନୁମୋଦନ ସହିତ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ସ୍ନାୟୁବିଜ୍ଞାନକୁ ସଂଯୋଗ କରି, ଆମେ ଏକ ଦକ୍ଷ କର୍ମସେନା ଗଢିପାରିବା। ଯୋଗ ଯେପରି ପ୍ରାଚୀନ ଅଭ୍ୟାସରୁ ବୈଶ୍ୱିକ ଜୀବନଶୈଳୀ ଆଡ଼କୁ ଗତି କରିପାରିଲା,ସେହିପରି ‘ଇନେମୁରି’, ସର୍କାଡିଆନ ବିଜ୍ଞାନ ଏବଂ ଶିଶୁ ମନୋବିଜ୍ଞାନରେ ନିହିତ ବିଶ୍ରାମର ସକାରାତ୍ମକ ଦିଗକୁ ଉନ୍ମୋଚିତ କରି ଏକ ସ୍ୱାସ୍ଥ୍ୟକର ଭବିଷ୍ୟତ ଗଠନ କରିପାରିବ। ଭାରତର ଭବିଷ୍ୟତ ଏହାର ଶାରୀରିକ ଓ ମାନସିକ ସୁସ୍ଥତା ଓ ସହନଶୀଳତା ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ବହୁ ଲୋକ ମତ ପୋଷଣ କରିବେ ଯେ,ବିଶ୍ରାମ ନାଁରେ କିଛି ଲୋକ କର୍ମକ୍ଷେତ୍ରରେ ଶୋଇପଡିବେ ବା ଠକିବା ଆରମ୍ଭ କରିଦେବେ, ଯାହା ଉତ୍ପାଦନ କ୍ଷମତାକୁ ଆଘାତ ପହଞ୍ଚାଇବ। ଏହାର ସମ୍ଭାବନା ମଧ୍ୟ ରହୁଛି। ଏହି ବାବଦରେ ନିଜକୁ ନିଜର ସୀମା ବିଷୟରେ ଅବଗତ ରହି, ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ପ୍ରତି ସଚେତନ ହେବାର ଅଛି।

ମୋ: ୬୩୭୦୯୦୫୯୪୭

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ରାସ୍ତାଖୋଳା ବନ୍ଦ ହେଉ

ମହାଶୟ,

ଆଜିକାଲିର ଯୁଗରେ ଆପଣ ବିଦ୍ୟୁତ୍ ତାର କଥା କୁହନ୍ତୁ କି ଇଣ୍ଟରନେଟ୍/ଟିଭି କେବୁଲ ତାର କଥା କୁହନ୍ତୁ, ପାଇପ ଜଳଯୋଗାଣ କଥା କୁହନ୍ତୁ, ସମସ୍ତ ସଂସ୍ଥା ଏବେ ମାଟିତଳେ ତାଙ୍କର ସେବା ଯୋଗାଇଦେବାକୁ ସହଜ ଏବଂ ସୁରକ୍ଷିତ ମନେକରୁଛନ୍ତି। ରାସ୍ତା ଖୋଳିବାର କୌଣସି ଆଇନ ନ ଥିବା ବେଳେ ଯେକୌଣସି ସ୍ଥାନରେ କେହିନା କେହି ରାସ୍ତାଖୋଳି ତାଙ୍କର ଆବଶ୍ୟକ ତାର କିମ୍ବା ପାଣିପାଇପ୍ ନେଇଯାଉଛନ୍ତି। ଯଦ୍ୱାରା କି ବର୍ଷାଦିନେ ପାଣି ଜମିବା ସହ ରାସ୍ତା ଖରାପ ମଧ୍ୟ ହେଉଛି। ଅନୁରୋଧ, ଅତି ଆବଶ୍ୟକ ନ ଥିଲେ ରାସ୍ତା ଖୋଳା ବନ୍ଦକରନ୍ତୁ। ଏଥିପ୍ରତି ସରକାର କିମ୍ବା ଆଞ୍ଚଳିକ ସ୍ତରରେ ଦୃଷ୍ଟିଦେବା ଆବଶ୍ୟକ।

–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

## ଚିରନ୍ତନୀ

ଫଗୁଣର ହୁରିଖେଳ ଗୀତ ହେ
ଆସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ ନୟନରୁ ଲୁହ ଧାର,
ବିଶ୍ୱ ହୋଇଛି ଉଲ୍ଲସିତ ଯେ ।
ଫଗୁଣ ଜୋଛନା ତଳେ ମିତ ହେ !
–(ଫଗୁଣ ଜ୍ୟୋସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

ପୁରୀ,(ଅଜିତ୍ କୁମାର ମହାନ୍ତି): ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏହି ବିଶେଷ ନୀତି ହେବାକୁ ଥିବାରୁ ପ୍ରାୟ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମଧାହ୍ନ ଧୂପ ଛେକ ଆସିବା ପରେ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ବୁଧବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

'ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ'

# ୪୫ବର୍ଷ ପୂର୍ବରୁ ଶିମିଳିପାଳରେ ଥିଲେ ବଳିଆ କୁକୁର

**ଜାତୀୟ ବନ୍ୟପ୍ରାଣୀ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୪ରେ ପାଳିତ ହୋଇଆସୁଛି। ଏହି ଦିବସ ପାଳନ ଅବସରରେ ଜଙ୍ଗଲ କ୍ଷୟ ଏବଂ ଅବୈଧ ଶିକାରରୁ ବନ୍ୟ ପ୍ରାଣୀ, ପକ୍ଷୀ ଓ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବାର ଗୁରୁତ୍ୱ ବିଷୟରେ ସଚେତନ କରାଯାଏ। ଏଥିସହିତ ପ୍ରକୃତି ସହିତ ସେମାନଙ୍କ ସ୍ଥାୟୀ ସହାବସ୍ଥାନକୁ ପ୍ରୋତ୍ସାହନ ଗୁରୁତ୍ୱ ଦିଆଯାଇଥାଏ।**

ମଣିଷର ଅନ୍ଧବିଶ୍ୱାସ ଓ ସୌଖୀନ ସାମଗ୍ରୀ ପାଇଁ ଅବାଧ ଶିକାର ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନସଚେତନତା ଜରୁରୀ ହୋଇପଡ଼ିଛି। ଏପରିକି ଶିମିଳିପାଳର ବଳିଆ କୁକୁର(ଢୋଲ), ଝିଙ୍କ, ବଜ୍ରକାପ୍ତା ଓ ଶାରୀ ପ୍ରଜାତି ବିଲୁପ୍ତ ହେବାରେ ଲାଗିଛନ୍ତି। ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ କଡ଼ା ଆଇନ ପ୍ରଣୟନ କରାଗଲେ ଏମାନଙ୍କ ସୁରକ୍ଷା ସହିତ ବଂଶବୃଦ୍ଧି ହୋଇପାରିବ। ୧୯୮୦ ମସିହା ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟରେ ବଳିଆ କୁକୁର(ଢୋଲ) ପ୍ରଜାତିର ହିଂସ୍ର ପ୍ରାଣୀ ବସବାସ କରୁଥିଲେ। ଏମାନେ ଦଳବଦ୍ଧ ହୋଇ ରହୁଥିବା ବେଳେ ଏକୁଟିଆ ବାଘ ମଧ୍ୟ ଏହି ପ୍ରଜାତିକୁ ଭୟ କରିଥାଏ। କାଳକ୍ରମେ ଏମାନଙ୍କ ବଂଶ ଲୋପ ପାଇଯାଇଥିବା ବେଳେ ୨ବର୍ଷ ପୂର୍ବେ ସେହି ପ୍ରଜାତିର କୁକୁରକୁ ଟ୍ରାପ କ୍ୟାମେରାରେ କଏଦ କରାଯାଇଥିବା ନେଇ ବନ ବିଭାଗ ପ୍ରକାଶ କରିଛି। ବଳିଆ କୁକୁର ଲୋପ ପାଇବାର କାରଣ ସମ୍ପର୍କରେ ଅଦ୍ୟାବଧି ସମୀକ୍ଷା କରାଯାଇ ନାହିଁ। ତେବେ ମହାବଳ ବାଘ ଭୟରେ ସେମାନେ ପଳାଇଥିବା ବିଭାଗୀୟ ଅଧିକାରୀ କହୁଥିବା ବେଳେ ଏହାର ସତ୍ୟତା ଜଣାପଡ଼ି ନାହିଁ। ସେହିପରି ଜିଲାବାସୀ ଢଗଢମାଳିରେ ଶାରୀ ଉଡ଼ିଲେ ପୋଡ଼ାଡିହା ବୋଲି କହିଥାନ୍ତି। ମାତ୍ର ତାହା ଆଜି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁନାହିଁ। ଶାରୀ ପକ୍ଷୀର ବଂଶ ପ୍ରାୟ ଲୋପ ପାଇଛି। ଆଜିର ଦିନରେ ଶାରୀ ଆଉ ଦେଖିବାକୁ ମିଳୁନାହାନ୍ତି। ଅବାଧ ଚୋରା ବ୍ୟବସାୟ ପାଇଁ ଶିମିଳିପାଳରେ ଶାରୀ ନାହାନ୍ତି କହିଲେ ଚଳେ। ତେବେ ଏମାନଙ୍କ ବଂଶ ଲୋପର କାରଣ ଖୋଜାଯାଇ ନ ଥିବା ବେଳେ ଏହାର ବଂଶ ବୃଦ୍ଧି ପାଇଁ କୌଣସି ଯୋଜନା କରାଯାଇ ନାହିଁ। ସେହିପରି ବଜ୍ରକାପ୍ତା ଓ ଝିଙ୍କଙ୍କ ଅବାଧ ଚୋରାଚାଲାଣରୁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଛି। ଏ ସଂକ୍ରାନ୍ତରେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କୁହନ୍ତି, ଏଭଳି ପ୍ରଜାତିର ଗୋଟିଏ କୁକୁରକୁ ଟ୍ରାପ କ୍ୟାମେରାରେ କଏଦ କରାଯାଇଥିଲା। ମାତ୍ର ଏବେ ଶିମିଳିପାଳରେ ତା'ର ସନ୍ଧାନ ମିଳୁନାହିଁ। ଅନ୍ଧବିଶ୍ୱାସ ଓ ଶିକାରକୁ ରୋକିବା ପାଇଁ ଶିମିଳିପାଳ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯାଇଛି। 'ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ ତଥା ଚମଡ଼ାରୁ ପ୍ରସ୍ତୁତ ସୌଖୀନ ସାମଗ୍ରୀ ତିଆରି କରି ଘରେ ଝୁଲାଇବା ଭଳି କାର୍ଯ୍ୟ ନିର୍ଦ୍ଦୟତାର ପରିଚୟ ପ୍ରଦାନ କରୁଛି। ବନ୍ୟପ୍ରାଣୀଙ୍କ ପ୍ରତି ମଣିଷର ଭଲପାଇବା ତଥା ସେମାନଙ୍କ ପ୍ରତି ହିଂସା ଆଚରଣ ଦୂରେଇ ଦେବା ଭଳି ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି'। ବିଲୁପ୍ତ ପ୍ରାୟ ପ୍ରଜାତିର ପ୍ରାଣୀମାନଙ୍କ ପ୍ରତି ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ତାହା କେବଳ ଛବିରେ ସୀମିତ ରହିବ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।

ରିପୋର୍ଟ: **ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

### ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା ଜରୁରୀ

ବିପଦଗ୍ରସ୍ତ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଛାତ୍ରୀଛାତ୍ରମାନେ ପ୍ରତିବଦ୍ଧ ହେବା ଜରୁରୀ। ପ୍ରତିକୂଳ ପରିବେଶ ଓ ମଣିଷଙ୍କ ହିଂସାତ୍ମକ ଆଚରଣରୁ ଅନେକ ବନ୍ୟପ୍ରାଣୀଙ୍କ ବଂଶ ଲୋପପାଇବାକୁ ବସିଛି। ଏମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ। ଏଥିସହ ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସାମିଲ ଲାଗି ସୁଯୋଗ ସୃଷ୍ଟି କରାଯିବା ଦରକାର। ରାଜ୍ୟର ଶିମିଳିପାଳ, ଭିତରକନିକା, ଚନ୍ଦକା ଓ ଚିଲିକା ଭଳି ଅନେକ ସ୍ଥାନରେ ପିଲାମାନଙ୍କ ସହ ପରିବାରବର୍ଗଙ୍କୁ ପରିଭ୍ରମଣର ସୁଯୋଗ ଦିଆଗଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନୂତନ ଜଙ୍ଗଲ ସୃଷ୍ଟି ସହ ଚାରାରୋପଣକୁ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ। ବିଲୁପ୍ତପ୍ରାୟ ପ୍ରାଣୀଙ୍କୁ ସୁରକ୍ଷା ଦିଆ ନ ଗଲେ ଭବିଷ୍ୟତରେ ପରିବେଶ ଉପରେ ଗୁରୁତର ପ୍ରଭାବ ପଡ଼ିବ।

– **ବିବେକାନନ୍ଦ ପଟ୍ଟନାୟକ**, ପରିବେଶବିତ୍ ତଥା ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ



ଶିମିଳିପାଳରେ ବିଚରଣ କରୁଥିବା ହରିଣ।

'ରାଜ୍ୟ ସରକାର ଗୁରୁଦିବସରେ ଗୁରୁଦକ୍ଷିଣା ଦିଅନ୍ତୁ'

## ୫ରେ ଅହୋରାତ୍ର ଧାରଣାରେ ବସିବେ ଶିକ୍ଷକ

ଭୁବନେଶ୍ୱର,୩।୯(ସୁଚିସ୍ମିତା ସାହୁ)

ଶିକ୍ଷକମାନେ ପିଲାଙ୍କୁ ଶିକ୍ଷାଦାନ କରିବା ସହିତ ଭଲ ମଣିଷ କରି ଗଢ଼ିତୋଳୁଛନ୍ତି। ହେଲେ ଶିକ୍ଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସୁଦ୍ଧା ତାଙ୍କ ପାଇଁ ସରକାରଙ୍କ ପକ୍ଷରୁ କୌଣସି ସୁବିଧା କରାଯାଉନାହିଁ। ଏବେ ମଧ ରାଜ୍ୟରେ ହଜାର ହଜାର ଶିକ୍ଷକ ଅବହେଳିତ ଓ ନିଷ୍ପେସିତ ଭାବେ ରହିଛନ୍ତି। ଯଦି ରାଜ୍ୟ ସରକାର ସେପ୍ଟେମ୍ବର ୫ ଗୁରୁଦିବସରେ ଶିକ୍ଷକଙ୍କୁ ଗୁରୁଦକ୍ଷିଣା ନ ଦିଅନ୍ତି, ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବେ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ କହିଛନ୍ତି। ବୁଧବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏସମ୍ପର୍କରେ ସୂଚନା ଦେଇ କହିଲେ, ସମିତିର ପ୍ରମୁଖ ଦାବିଗୁଡିକ ମଧ୍ୟରେ ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରାଯାଉ। ଅବସର ନେଉଥିବା କିମ୍ବା ନେଇଥିବା ଶିକ୍ଷକ ଏବଂ କର୍ମଚାରୀଙ୍କୁ ପେନସନ ପ୍ରଦାନ କରାଯାଉ। ଚାକିରୀ ସର୍ତ୍ତାବଳୀ ପ୍ରଦାନ ଏବଂ ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ।

# ସମ୍ବଲପୁର ମହାନଗର ନିଗମ ନିର୍ବାଚନ ବାଟ ଫିଟିଲା

- ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତି ହାଇକୋର୍ଟରେ ରଦ୍ଦ
- ୬ ସପ୍ତାହରେ ବିଜ୍ଞପ୍ତି ପ୍ରକାଶ ପାଇଁ ନିର୍ଦ୍ଦେଶ

କଟକ,୩।୯(କାର୍ତ୍ତିକ ସାହୁ)

ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ରାଜ୍ୟ ସରକାର ଆସନ୍ତା ୬ ସପ୍ତାହ ମଧ୍ୟରେ ସାନି ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସଂରକ୍ଷଣ ଆଧାରରେ ଏହି ବିଜ୍ଞପ୍ତି ପ୍ରକାଶ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଥିସହ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ନିମନ୍ତେ ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ସମ୍ବଲପୁର ମ୍ୟୁନିସିପାଲିଟି ପ୍ରଥମ ଥର ପାଇଁ ୨୦୧୪ରେ ମହାନଗର ନିଗମରେ ପରିଣତ ହୋଇଥିଲା। ଏଥିରେ ହୀରାକୁଦ ଓ ବୁର୍ଲା ଏନ୍ଏସି ସମେତ ମାନେଶ୍ୱର ବ୍ଲକର ୫ଟି ଓ ଧାନକୁଦ ବ୍ଲକର ୭ଟି ପଞ୍ଚାୟତ ସାମିଲ କରାଯାଇ ମହାନଗର ନିଗମର ମାନଦଣ୍ଡ ପୂରଣ କରାଯାଇଥିଲା। ତେବେ ସମ୍ବଲପୁର ମହାନଗର ନିଗମର ପ୍ରଥମ ନିର୍ବାଚନ ପାଇଁ ୨୦୧୫ରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୱାର୍ଡଗୁଡ଼ିକର ପୁନର୍ଗଠନ ଓ ସିଟ୍ ସଂରକ୍ଷଣ ନେଇ ସରକାର ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିଥିଲେ। ମାତ୍ର ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିରେ ୱାର୍ଡ ସଂରକ୍ଷଣ ୫୦% ଟପିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ନିର୍ବାଚନ ବନ୍ଦ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କେରଳରେ ଓଡ଼ିଆ ଦାଦନ ଶ୍ରମିକଙ୍କ ଗଳିତ ମୃତଦେହ ଜବତ

ଜି.ଉଦୟଗିରି,୩।୯ (ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ପଞ୍ଚାୟତ ଟିଆଗିଆ ବୁଡେଡ଼ିପଡ଼ା ଗ୍ରାମର ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତଦେହ କେରଳରୁ ଗଳିତ ଅବସ୍ଥାରେ ଜବତ ହୋଇଛି। ସେ ହେଲେ ଗ୍ରାମର ସୂର୍ଯ୍ୟକାନ୍ତ ପ୍ରଧାନ (୩୫)। କେରଳ ଏର୍ନାକୁଲମ ଜିଲା କୋଚି ସିଟି ପୋଲିସ ଏକ ଡ୍ରେନ ପୋଲ ତଳୁ ସୂର୍ଯ୍ୟକାନ୍ତଙ୍କ ଗଳିତ ମୃତଦେହ ମଙ୍ଗଳବାର ଜବତ କରିଥିବା ପରିବାର ଲୋକେ କହିଛନ୍ତି।



ସୂର୍ଯ୍ୟକାନ୍ତ ପ୍ରଧାନ।

ମୃତଦେହ ଜବତ ପରେ କୋଚି ସିଟି ପୋଲିସ ସୂର୍ଯ୍ୟକାନ୍ତଙ୍କ ପକେଟରୁ ଆଧାର କାର୍ଡ ଓ ମୋବାଇଲ ଫୋନ ଜବତ କରି ସେଥିରୁ ତାଙ୍କ ପରିଚୟ ଓ ଠିକଣା ପାଇ ପରିବାର ଲୋକଙ୍କୁ ଖବର ଦେଇଥିଲା। ସୂର୍ଯ୍ୟକାନ୍ତ ଗତ ଜନ୍ମାଷ୍ଟମୀ ଦିନ ଘରୁ କାମ ଅନ୍ୱେଷଣରେ କେରଳ ଯାଇଥିଲେ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏନେଇ କୋଚି ସିଟି ପୋଲିସ ତଦନ୍ତ ଜାରି ରଖିଛି। ତାଙ୍କ ମୃତଦେହ ସେଠାରେ ବ୍ୟବଚ୍ଛେଦ ପରେ ନିଜ ଗାଁ ଟିଆଗିଆ ବୁଡେଡ଼ିପଡ଼ାକୁ ଆଣିବା ଲାଗି ସହାୟତା କରିବାକୁ ପରିବାର ଲୋକେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# ଐତିହାସିକ କଟକ ବାଲିଯାତ୍ରା ନଭେମ୍ବର ୫ରୁ

### ସ୍ମରଣିକା ପାଇଁ ଆବଶ୍ୟକ ଗବେଷଣାତ୍ମକ ଲେଖା

କଟକ,୩।୯(କାର୍ତ୍ତିକ ସାହୁ)

ଚଳିତବର୍ଷର ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ଆସନ୍ତା ନଭେମ୍ବର ୫ରୁ ଆରମ୍ଭ ହେବ। ଏହି ଅବସରରେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ନିମନ୍ତେ କଟକ ବାଲିଯାତ୍ରା ସ୍ମରଣିକା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗବେଷଣାତ୍ମକ ଲେଖା ସେପ୍ଟେମ୍ବର ୨୦ ସୁଦ୍ଧା ପଠାଇବାକୁ ଆହ୍ୱାନ କରାଯାଇଛି।

ପ୍ରକାଶ ଯେ, ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଉତ୍କଳୀୟ କଳା, ସଂସ୍କୃତି, ସାହିତ୍ୟ, ନୌବାଣିଜ୍ୟ ପରମ୍ପରା, ବାଲିଯାତ୍ରାର ଐତିହାସିକ ପଟ୍ଟଭୂମି ଓ ଅବିଭକ୍ତ କଟକର ଗୌରବଗାଥା ସମ୍ବଳିତ ଗବେଷଣାତ୍ମକ ପ୍ରବନ୍ଧକୁ ନେଇ ଏକ ବର୍ଣ୍ଣିଳ ସ୍ମରଣିକା ପ୍ରକାଶିତ ହେବ। ଏଥିପାଇଁ ବାଲିଯାତ୍ରା ସ୍ମରଣିକା ସମ୍ପାଦନାମଣ୍ଡଳୀ ସଦସ୍ୟମାନଙ୍କୁ ନେଇ ସ୍ମରଣିକା କମିଟି ଉପାଧ୍ୟକ୍ଷ ତଥା କଟକର ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଶେଷ ଭାବେ ଆଲୋଚନା କରାଯାଇଛି। ସମ୍ପାଦନାମଣ୍ଡଳୀ ସଦସ୍ୟ ପ୍ରଫେସର ସହଦେବ ପାତ୍ର, ପ୍ରଫେସର ବିଜୟାନନ୍ଦ ସିଂହ, ଡାକ୍ତର ସୁନାମଣି ରାଉତ, ବିଶ୍ୱେଶ୍ୱର ମହାନ୍ତି, ଶୁଭେନ୍ଦୁ କୁମାର ଭୂୟାଁ, ଡ. ଦ୍ୱୀପାୟନ ପଟ୍ଟନାୟକ, ଆବାହକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଅଭିରାମ ଦାସ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଲେଖିକାଲେଖକମାନେ ନିର୍ଦ୍ଧାରିତ ସମୟ ସେପ୍ଟେମ୍ବର ୨୦ ସୁଦ୍ଧା ଲେଖାଗୁଡ଼ିକ ଜିଲା ସଂସ୍କୃତି ଅଧିକାରୀ, କଟକ ଜିଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଇମେଲ୍dco.ctc@gmail.com ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷର ବାଲିଯାତ୍ରା ସ୍ମରଣିକାକୁ ଅଧିକ ପାଠକାଦୃତ ଏବଂ ଠିକ୍ ସମୟରେ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଉପରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁତ୍ୱାରୋପ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସମ୍ପାଦନାମଣ୍ଡଳୀ ସଦସ୍ୟବୃନ୍ଦ।

# ଭାଜପା ସରକାର ଏସ୍‌ଟି, ଏସ୍‌ସି ବିରୋଧୀ: ବିଜେଡି

ଭୁବନେଶ୍ୱର, ୩।୯(ସୁନୀତ୍ ମିଶ୍ର)

ଦୀର୍ଘ ୫ ମାସ ହେଲା ଆଦିବାସୀ ପିଲାଙ୍କ ଅନୁଦାନ ଆସି ନାହିଁ। ଫଳରେ ଆଦିବାସୀ ପିଲାଙ୍କ ପାଇଁ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ଲୋକପ୍ରିୟ 'ଅନ୍ୱେଷା' ଯୋଜନା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏହାଛଡ଼ା ଏସ୍‌ଟି ଏସ୍‌ସି ଆଟ୍ରୋସିଟି ଆକ୍ଟ ଅନୁଯାୟୀ, ଅତ୍ୟାଚାର ଅଭିଯୋଗ ଆସିଲେ ଜଣେ ଡିଏସ୍‌ପି ପଦବୀର ଅଫିସରଙ୍କ ଦ୍ୱାରା ତଦନ୍ତ କରିବା ନିୟମ ଥିଲା, ଯାହାକୁ ଏବେ ଜଣେ ଇନ୍ସପେକ୍ଟର ବା ସବ୍ ଇନ୍ସପେକ୍ଟର କରିପାରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଦୁଇଟି ପ୍ରସଙ୍ଗରେ ଏହା ରାଜ୍ୟ ସରକାରଙ୍କ ଆଦିବାସୀ ଓ ଦଳିତ ବିରୋଧୀ ନୀତି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସୁଦାମ ମାରାଣ୍ଡି କହିଛନ୍ତି, ୨୦୧୫-୧୬ରେ ନବୀନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅନ୍ୱେଷା ଯୋଜନାରେ ୨୨ ହଜାର ୩ ଶହ ୪୦ଜଣ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ଶିକ୍ଷା ବର୍ଷ ଆରମ୍ଭ ହେବାର ୫ ମାସ ବିତିଯାଇଥିଲେ ମଧ ସମଗ୍ର ଓଡ଼ିଶାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଚଳିତ ଶିକ୍ଷାବର୍ଷ ପାଇଁ ଅନୁଦାନ ମିଳିନାହିଁ। ଆଦିବାସୀ ପିଲାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ିବା ନିମନ୍ତେ ୨୦୧୫-୧୬ରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ। ସରକାର ଶିକ୍ଷା ଖର୍ଚ୍ଚ, ପୋଷାକ, ବହି ଖାତା, ଛାତ୍ରାବାସ ଓ ଚିକିତ୍ସା ଖର୍ଚ୍ଚ ବହନ କରୁଥିଲେ। ତେବେ ପୂର୍ବ ବର୍ଷ ଅନୁସାରେ, ଶିକ୍ଷାବର୍ଷ ଆରମ୍ଭ ହେବା ମାତ୍ରେ ଅନୁଦାନ ଆସି ଯାଉଥିଲା। ଚଳିତ ବର୍ଷ ସେପ୍ଟେମ୍ବର ଆରମ୍ଭ ହେଲାଣି କିନ୍ତୁ ଅନୁଦାନ ଆସିନାହିଁ। ସେହିପରି ଏସ୍‌ଟି,ଏସ୍‌ସିଙ୍କୁ ଅତ୍ୟାଚାର ଅଭିଯୋଗ ମାମଲାରେ ଜଣେ ଡିଏସ୍‌ପି ପଦବୀର ଅଫିସର ତଦନ୍ତ କରିବାର ଆଇନରେ ଥିବା ବ୍ୟବସ୍ଥାକୁ ଏବେ ରାଜ୍ୟ ସରକାର ପରିବର୍ତ୍ତନକରି ଜଣେ ଇନ୍ସପେକ୍ଟର ବା ସବ୍‌ଇନ୍ସପେକ୍ଟର କରିବେ ବୋଲି ନିୟମ କରିଛନ୍ତି। ରାଜ୍ୟରେ ବାସ କରୁଥିବା ଲୋକଙ୍କ ଭିତରୁ ପ୍ରାୟ ୪୦% ଲୋକ ଏସ୍‌ଟି, ଏସ୍‌ସି ବର୍ଗର। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ଏସ୍‌ଟି, ଏସ୍‌ସି ବର୍ଗର ଲୋକଙ୍କ ବିରୋଧରେ ସାଙ୍ଘାତିକ ଷଡ଼ଯନ୍ତ୍ର ବୋଲି ମାରାଣ୍ଡି କହିଛନ୍ତି।

# ବାଛୁରୀକୁ ମାରି ଖାଇଲା କଲରାପତରିଆ

ନୂଆପଡ଼ା,୩।୯ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ କିଛିଦିନର ବ୍ୟବଧାନ ପରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ବୁଧବାର ସକାଳେ କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁ ଚନ୍ଦନପୁରର ରଘୁ ନାଗଙ୍କ ଏକ ବାଛୁରୀକୁ କଲରାପତରିଆ ବାଘ ମାରି ଖାଇଛି। ସୂଚନା ଅନୁସାରେ ସୁନାବେଡା ଅଭୟାରଣ୍ୟ ସହ ପାଟିଡଙ୍ଗର ସଂଲଗ୍ନ ହୋଇରହିଛି। ଅଭୟାରଣ୍ୟ ଭିତରେ ଅନେକ ହିଂସ୍ରଜନ୍ତୁ ଚଳପ୍ରଚଳ କରୁଥିବାରୁ ଅଞ୍ଚଳରେ ଭୟର ବାତାବରଣ ଲାଗିରହିଛି। ବୁଧବାର ସକାଳେ ଦିଆମୁଣ୍ଡା ଓ ଚନ୍ଦନପୁର ଗାଁର କେତେଜଣ ଲୋକ ଗୋରୁ ଚରାଇବା ପାଇଁ ପାଟିଡଙ୍ଗରକୁ ନେଇଥିଲେ। ହଠାତ୍ ଜଙ୍ଗଲରୁ ଏକ କଲରାପତରିଆ ବାଘ ବାହାରି ଗାଈ ଗୋଠ ଭିତରକୁ ପଶି ଆସିଥିଲା। ଗୋରୁମାନେ ବାଘକୁ ଦେଖି ଇତସ୍ତତଃ ଦୌଡ଼ିବାରେ ଲାଗିଥିଲେ। ଚରାଳିମାନେ କିଛି ଅଘଟଣ ଆଶଙ୍କା କଲା ବେଳକୁ କଲରାପତରିଆ ବାଘ ଏକ ବାଛୁରୀକୁ ଆକ୍ରମଣ କରି ଟେକି ନେଉଥିବା ଦେଖିଥିଲେ। ଭୟରେ ଚରାଳିମାନେ ଗୋରୁଙ୍କୁ ଅନ୍ୟତ୍ର ଘଉଡାଇ ନେଇଥିଲେ। ଖବର ପାଇ ନୂଆପଡ଼ା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ଏହାସହ ଜଙ୍ଗଲ ଭିତରକୁ ପ୍ରବେଶ ନ କରିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି।

# ବିଦ୍ୟାଳୟରେ ମଦ୍ୟପାନ: ପ୍ରଧାନ ଶିକ୍ଷକ ନିଲମ୍ବିତ

ଝାରସୁଗୁଡ଼ା, ୩।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅଧୀନ ସନ୍ନ୍ୟାସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଦ୍ୟପାନ କରିବା ଅଭିଯୋଗରେ ପ୍ରଧାନଶିକ୍ଷକ ଉପେନ୍ଦ୍ର ପଟେଲ ନିଲମ୍ବିତ ହୋଇଛନ୍ତି। ସୋମବାର ରାତି ପ୍ରାୟ ୮ଟାରେ ସେ କେତେଜଣ ଲୋକଙ୍କୁ ଡାକି ସ୍କୁଲରେ ମଦ୍ୟପାନ କରୁଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ପ୍ରଧାନଶିକ୍ଷକ ମଦ ପିଉଥିବାର ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡ଼ି ଦେଇଥିଲେ। ସନ୍ନ୍ୟାସୀପୁରର ନାଏବ ସରପଞ୍ଚ ଅଞ୍ଜଳି ବାଗ, ସନ୍ତୋଷ ମାଝୀ, ସରୋଜ ମାଝୀ, ଦେବାନନ୍ଦ ବାଗଙ୍କ ସମେତ ଗ୍ରାମବାସୀ ମଙ୍ଗଳବାର କୋଲାବିରା ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରକାଶ ସାହୁଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପରେ ବିଇଓ ଏହି ଘଟଣାର ତଦନ୍ତ ପାଇଁ ଏବିଇଓ ନିର୍ମଳ ଶତପଥୀଙ୍କ ସହିତ ଏକ ଟିମ୍‌କୁ ସନ୍ନ୍ୟାସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପଠାଇଥିଲେ। ତଦନ୍ତବେଳେ ଅଭିଯୋଗର ସତ୍ୟତା ଥିବା ଜଣାପଡିଥିଲା। ବିଇଓ ତଦନ୍ତ ରିପୋର୍ଟ ପାଇବା ପରେ ବୁଧବାର ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 27-SBP-TRD-OT-2025-26, ତା.26.08.2025ରିଖ

**କାର୍ଯ୍ୟର ନାମ :** "ହୀରାକୁଦ ଠାରେ DS ବ୍ୟବସ୍ଥା ଏବଂ R/6 ର 26 ମିଟର ସମ୍ପ୍ରସାରଣ ସହିତ ହୀରାକୁଦ ଷ୍ଟେସନର R/5ର ସମ୍ବଲପୁର ପାର୍ଶ୍ୱରେ 100 ମିଟରର ସଣ୍ଟିଙ୍ଗ୍ ନେକ୍ (Shunting Neck)ର ବ୍ୟବସ୍ଥା" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 60,75,273.44, EMD : ₹1,21,500/-, ଶେଷ ହେବା ଅବଧି : 12 ମାସ।

(2) ଇ-ଟେଣ୍ଡର ସଂ. 28-SBP-TRD-OT-2025-26, ତା.27.08.2025ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳରେ ସରଲା ଏବଂ ସମ୍ବଲପୁର ଷ୍ଟେସନ ମଧ୍ୟରେ ସରଲା ପାର୍ଶ୍ୱରେ ବର୍ତ୍ତମାନର ରୋଡ୍ ଓଭର ବ୍ରିଜ୍ ନିକଟରେ ରେଲୱେ କି.ମି. 558/011.700 ଠାରେ NH-6ରେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 15,37,046.77, EMD : ₹30,800/-, ଶେଷ ହେବା ଅବଧି : 09 ମାସ।

(3) ଇ-ଟେଣ୍ଡର ସଂ. 29-SBP-TRD-OT-2025-26, ତା.27.08.2025ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳରେ ଜଗୁଆଳି ଥିବା ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକୁ ବିଦ୍ୟୁତ୍ ଯୋଗାଣର ସୁନିଶ୍ଚିତତା, ଆଲୋକୀକରଣ ସ୍ତର ଏବଂ ପୁନଃସ୍ଥାପନରିଙ୍ଗରେ ଉନ୍ନୟନ" କାର୍ଯ୍ୟ ସମ୍ବନ୍ଧୀୟ ସମ୍ବଲପୁର ମଣ୍ଡଳର ବିଭିନ୍ନ ମିଡ୍-ସେକ୍ସନ ଜଗୁଆଳି ଥିବା ଇଞ୍ଜିନିୟରିଙ୍ଗ ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକୁ AT ଯୋଗାଣ ବ୍ୟବସ୍ଥା ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 23,66,818.65, EMD : ₹47,300/-, ଶେଷ ହେବା ଅବଧି : 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 17.09.2025, 1530 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ 18.09.2025, 1530 ଘଟିକାରେ (ଟେଣ୍ଡର ସଂ. 2 ଓ 3 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-550/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-17, ତା.26.08.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର OFC ପୃଷ୍ଠଭୂମିରେ ଷ୍ଟେସନ ଗୁମଟିରେ RTU ବ୍ୟବସ୍ଥା। (2) ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି ଷ୍ଟେସନରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ପ୍ରଣାଳୀର ବ୍ୟବସ୍ଥା। (3) ସମ୍ବଲପୁର ମଣ୍ଡଳର ଭବାନୀପାଟଣା ଷ୍ଟେସନରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ପ୍ରଣାଳୀର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (₹):** 7,15,24,335.78, EMD (₹) : 5,07,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.09.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-547/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ-୨୫-୨୬-୧୦, ତାରିଖ: ୦୩।୦୯।୨୦୨୫** । **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣିଖାଦାନ, ଜିଏକ୍ସ ମେଜର ସେକ୍ସନରେ ବିଭିନ୍ନ ୟାର୍ଡର ବିବିଧ ଲୁପ୍ ଲାଇନ୍‌ଗୁଡ଼ିକରେ ୧୫.୧୭୬ ଟିକେଏମ୍ ପାଇଁ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ {ସିଟିଆର(ଏସ୍)} । **ଟେଣ୍ଡର ମୂଲ୍ୟ:** ₹୩,୩୬,୭୯,୧୭୮.୫୬ । **ଇଏମ୍‌ଡି:** ₹୩,୧୮,୪୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ତା୨୫।୦୯।୨୦୨୫ରିଖ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) ।

(PR-593)



नालको NALCO
National Aluminium Company Limited (A Government of India Enterprise)

NALCO Bhawan, Plot No-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

GLOBAL INVITATION
**Bidders Registration for Alumina & Aluminium**

Ref : NALCO/MKTG/EXP/PQ/523 Date: 02 / 09 / 2025

NALCO is a leading producer and exporter of LME registered Primary Aluminium Metal and Metallurgical Grade Calcined Alumina. The company exports around 125,000 MT of Aluminium Metal and 1,200,000 MT of Metallurgical Grade Calcined Alumina per annum which are accepted worldwide.

Reputed overseas buyers interested in registering with NALCO for participation in export tenders for these products are requested to visit NALCO's website **www.nalcoindia.com** for details. The registration of such prospective buyers is an ongoing process.

**Executive Director, (Marketing)**



No. CAD-1673

**INSTITUTE OF MATHEMATICS AND APPLICATIONS**
**Science & Technology Department, Govt. of Odisha**
**Andharua, Bhubaneswar -751029**
**Ref: No. IMA/79/1114/2025 Date: 03/09/2025**

**P. G. MERITORIOUS SCHOLARSHIP IN SCIENCE, MATHEMATICS AND BIOTECHNOLOGY**

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics, Govt. of Odisha have introduced a scholarship programme under the aegis of the State Council, Science & Technology Department, Odisha.

**Eligibility:**

(i) Applicant for the scholarship should be a permanent resident or domicile of Odisha.

(ii) Applicant who has **passed the regular full time Bachelor's Degree Examination** with **first class honours** or its equivalent from an University/College/Institute recognized by Government, in any of the branches mentioned above is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2025-26.**

(iii) The applicant must be pursuing two years full time/regular mode of Post-Graduation studies in any of the branches mentioned above in any Government University/College/Institution recognized by Government of Odisha/Government of India.

(iv) The scholarship will be the single scholarship which he/she can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source given by Govt.

(v) Applicants admitted to self-financing Post Graduate courses in any of the Government recognized colleges/institutions/universities in the State will be allowed to avail the P. G. Scholarship subject to the condition that, **parent's income from all sources not exceeding Rs. 6.00 lakh per annum.**

**How to apply:** Candidates are required to go through the guidelines thoroughly available in the website https://iomaorissa.ac.in/ or portal of S&T Deptt., Govt. of Odisha and apply in the prescribed application form **(Appendix-I of the guidelines)**. Formats other than prescribed shall not be considered for the purpose. The filled in applications along with required documents need to reach the Director, Institute of Mathematics and Applications, Bhubaneswar-751029 by registered post or speed post (not by courier) **at the latest by Friday, November 07, 2025.**

**Date of Written Test:** The written test will held on **Sunday, December 21, 2025 from 10 AM - 12 Noon.**

sd/
REGISTRAR

OIPR-28010/11/0026/2526



**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

**୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ**

No. RR-12: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଷଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ୍: **culture.odisha.gov.in** ରେ ଉପଲବ୍ଧ କରାଯାଇଅଛି।

ସ୍ୱା./– ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

OIPR-03029/11/0068/2526



**RECRUITMENT NOTICE**
**VOCATIONAL TRAINERS (166) & VOCATIONAL COORDINATORS (4)**

**Vision India Services Pvt. Ltd.** invites applications to implement the Centrally Sponsored Scheme on Vocationalization of Secondary Education (CSS for VSE) in Government Schools of Odisha, on a contractual basis.

1. **Positions & CTC (Per Month)**
   - **Vocational Trainer (VT)** : ₹20,000 | Vacancies: 166
   - **Vocational Coordinator (VC)** : ₹30,000 | Vacancies: 04
2. **Work Locations**
   - VTs will be placed in schools across **Bhadrak, Balasore and Ganjam** districts.
   - VCs will support clusters of schools as assigned.
3. **Vocational Trainer Eligibility (post-qualification experience unless stated). Fluency in Odiya language is mandatory.**
   - **Agriculture (11):** PG in Horticulture from a recognized University + ≥1 year work/teaching.
   - **Beauty & Wellness (19):** Diploma in Cosmetology / Beauty Therapy / Beauty Culture + ≥1 year professional experience.
   - **BFSI (8)**: PG in Commerce/Management/Finance from a recognized University + ≥1 year work experience.
   - **Electronics (41):** B.E./B.Tech in Electrical/Electronics/ Telecommunication + ≥1 year relevant experience.
   - **Healthcare (3):** B.Sc. Nursing (4 years) or GNM (3½ years) + ≥1 year experience.
   - **IT/ITeS (79):** Diploma in CS/IT OR BCA/B.Sc. (CS/IT) OR Graduate with PGDCA OR DOEACC A-Level.
   - **Power (5):** B.Tech in Electrical Engineering + ≥1 year work/teaching experience OR Diploma in Electrical Engineering + ≥3 years work/ teaching experience.
4. **Vocational Coordinator — Qualification:**
   - Master's degree in Related Domain / Rural Development / Management / MSW / Sociology, plus ≥3 years post-qualification experience.
   - Minimum service tenure: 1 year.Minimum competencies (all roles)
   - Effective communication (oral & written) and basic computing skills.
5. **Age limit:**
   - 18–45 years as on 01-Jan-2025. Relaxation for candidates previously engaged as VT/VC under Samagra Shiksha, Odisha (as applicable).
6. **How to apply:**
   Apply online before 10th September 2025:
   **www.justjob.co.in/odisha-vtp**
   **Helpline: +91-8802003333**

# ଜଳିଗଲା ଅସହାୟ ବୃଦ୍ଧଙ୍କ ଘର

ଚାନ୍ଦବାଲି,୩।୯ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଉତ୍ତୁକୁଡ଼ା ଗାଁର ଜଣେ ଅସହାୟ ବୃଦ୍ଧଙ୍କ ଚାଳଘର ଅଗ୍ନିକାଣ୍ଡରେ ଜଳିଯାଇଛି। ତାଙ୍କର କେହି ସାହା ଭରସା ନ ଥିବା ବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ଥିବା ଘରଟି ମଙ୍ଗଳବାର ବିଳମ୍ବିତ ରାତିରେ ଇଲେକ୍ଟ୍ରିକ ଶର୍ଟ ସର୍କିଟ୍‌ରୁ ଜଳିଯାଇଛି। ସୂଚନା ମୁତାବକ, ଗ୍ରାମର ବୃଦ୍ଧ ଅମୂଲ୍ୟ ବଳ ଘରେ ଶୋଇଥିବା ବେଳେ ଅଗ୍ନିକାଣ୍ଡ ଘଟି ସମସ୍ତ ନିତ୍ୟ ଉପକରଣ, ବସ୍ତ୍ର ଓ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ମଧ ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ବୃଦ୍ଧ ଅମୂଲ୍ୟ ଆହତ ହୋଇଛନ୍ତି। ତାଙ୍କ ଆଖିକୁ ଠିକ୍ ଭାବେ ଦେଖା ଯାଉ ନ ଥିବା ବେଳେ କାନକୁ ମଧ ଶୁଭୁନି। ଏପଟେ ନିଆଁରେ ପୋଡ଼ି ଆହତ ହେବା ପରେ ଏବେ ଅସୁସ୍ଥ ହୋଇ ପଡ଼ିଛନ୍ତି। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ସବୁ କିଛି ପୋଡ଼ି ଯାଇଥିଲା। ଗ୍ରାମବାସୀ ଓ ପଡ଼ୋଶୀ ଅମୂଲ୍ୟଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।



ବୃଦ୍ଧ ଅମୂଲ୍ୟ ଜଳିଯାଇଥିବା ସାମଗ୍ରୀ ଦେଖୁଛନ୍ତି।

# 'ଅଧିକାରୀ, ଜନ ପ୍ରତିନିଧି ଗୁରୁତ୍ୱ ଦିଅନ୍ତୁ'




ଦିଶା ବୈଠକରେ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ଭଦ୍ରକ,୩।୯ (ସନାତନ ରାଉତ)

## ଦିଶା ବୈଠକରେ ଭଦ୍ରକ ଜିଲାର ଉନ୍ନତି ନେଇ ଆଲୋଚନା

ଭଦ୍ରକ ଜିଲା ପରିଷଦ ସଭାଗୃହରେ ବୁଧବାର ପୂର୍ବାହ୍ନ ୧୧ଟାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲାପାଳ ଦିଲୀପ ରାଉତରାଏ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ପ୍ରହ୍ଲାଦ ରଣା ଯୋଗଦେଇ ଭଦ୍ରକ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପାନୀୟ ଜଳ ଆଦି ବ୍ୟବସ୍ଥା ସହ ସମସ୍ତ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନର ସମୀକ୍ଷା କରାଯାଇଥିଲା। ଜିଲାର ସର୍ବାଙ୍ଗୀନ ଉନ୍ନତିକୁ ସମସ୍ତ ଅଧିକାରୀ ଓ ଜନ ପ୍ରତିନିଧି ଗୁରୁତ୍ୱ ଦେବାକୁ ଏମ୍‌ପି ସେଠୀ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ବ୍ଲକ୍ ଅଧ୍ୟକ୍ଷ, ପୌରପାଳିକା ଓ ଏନ୍‌ଏସି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲାପରିଷଦର ସଭ୍ୟାସଭ୍ୟ, ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ ଓ ବେଦାନ୍ତ ଫେକରର ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଜନା, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ପ୍ରାଣୀଧନ ମିଶନ, ଜାତୀୟ ଗ୍ରାମୀଣ ଜିବୀକା ମିଶନ, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ରାଜପଥ, ରେଲୱେ ବିଭାଗ ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା ହୋଇଥିଲା।

# ନକଲି ଜର୍ଦ୍ଦା ଜବତ, ଯୁବକ ଗିରଫ

ତିହିଡ଼ି,୩।୯ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ବୁଧବାର ଅପରାହ୍ନ ୧ଟା ବେଳେ ଦୋକାନୀମାନଙ୍କୁ ନକଲି ଜର୍ଦ୍ଦା ବିକ୍ରି କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ହେଉଛନ୍ତି ଭଦ୍ରକ ପୁରୁଣାବଜାରସ୍ଥିତ ହେଲାସାହି ଗ୍ରାମର ଶେଖ କୁର୍ବାନ। ପୋଲିସ ତାଙ୍କ ନିକଟରୁ ୨୧କିଗ୍ରା ୬୦ଗ୍ରାମ ଜର୍ଦ୍ଦା ଓ ସେ ବ୍ୟବହାର କରୁଥିବା ଏକ ସ୍କୁଟି ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୩୦୯/୨୫) ରୁଜୁ କରି କୁର୍ବାନଙ୍କୁ କୋର୍ଟ ଚାଲାଣ କରିଛି। କୁର୍ବାନ ବିଭିନ୍ନ ସମୟରେ ତିହିଡ଼ି ତଥା



ଗିରଫ ଯୁବକ ଶେଖ କୁର୍ବାନ।

ଏହାର ଆଖପାଖ ବଜାରରେ ଥିବା ଦୋକାନୀମାନଙ୍କୁ ନକଲି ଜର୍ଦ୍ଦା ବିକ୍ରୟ କରି ଆସୁଥିଲେ। ବୁଧବାର ସେ ଏହି କାରବାର କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତିହିଡ଼ି ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୩।୯ (ସନାତନ ରାଉତ)

ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ସ୍କୁଲରେ ଶିଶୁ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯାତନା ଏବଂ ପୋକ୍‌ସୋ ଆଇନ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ପୀଡ଼ିତା କ୍ଷତିପୂରଣ ଯୋଜନା ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଚିବ ରଥ ପିଲାମାନଙ୍କୁ ଅତି ସରଳ ଭାବରେ ଉକ୍ତ ଆଇନ ସବୁକୁ ବୁଝାଇଥିଲେ ଏବଂ ପିଲାମାନଙ୍କୁ ଗୁଡ୍ ଟଚ୍ ଓ ବ୍ୟାଡ୍ ଟଚ୍ ବିଷୟରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ୍ ଡା. ଦେବରାଜ ପାଣିଗ୍ରାହୀ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ଶିଶୁ ଯତ୍ନ ଓ ସୁରକ୍ଷା ପ୍ରୋବେସନ ଅଧିକାରୀ ସୁବ୍ରତ କୁମାର ଦାଶ, ଡ. ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ଜିଲା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପାନମଣି ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ମିଲି ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତଥିଲେ।

# ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ରାସ୍ତା ଜଳମଗ୍ନ



ଲଗାଣ ବର୍ଷାରେ ଜଳମଗ୍ନ ରାସ୍ତା

ଭଦ୍ରକ,୩।୯(ସନାତନ ରାଉତ)

ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ଲଘୁଚାପ ଜନିତ ବର୍ଷା ଭଦ୍ରକରେ ଲାଗି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାଣ ବର୍ଷାରେ ଭଦ୍ରକ ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ରାସ୍ତା ଜଳମଗ୍ନ ହୋଇଛି। ସହରରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ମୁଖ୍ୟ ରାସ୍ତା ୧୬ନଂ. ଜାତୀୟ ରାଜପଥର ସର୍ଭିସ୍ ରୋଡ଼ ଆରଡ଼ିଛକ ଠାରୁ ମହତାବ ଛକ ପର୍ଯ୍ୟନ୍ତ ଜଳମଗ୍ନ ହୋଇଛି। ଫଳରେ ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ଓ ସମ୍ପର୍କୀୟ ମାନେ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଜଳ ନିଷ୍କାସନ ପାଇଁ ଦୂରଦୃଷ୍ଟି ଅଭାବରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ମହିଳାଙ୍କ ବେକରୁ ଝାମ୍ପିନେଲେ ମଙ୍ଗଳସୂତ୍ର

ଚାନ୍ଦବାଲି,୩।୯ (କିଷାନ ପାତ୍ର)

ଚାନ୍ଦବାଲି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଚୋରି, ଲୁଟ୍ ଭଳି ଘଟଣା ବଢ଼ିବାରେ ଲାଗିଛି। ପୋଲିସର ନିଷ୍କ୍ରିୟତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଚାନ୍ଦବାଲି ଥାନା ଅଧୀନ ନାଉଗରଡ଼ା ଗାଁର ସଞ୍ଜୟ ସାହୁ ଓ ତାଙ୍କ ସ୍ତ୍ରୀ ଯଶୋବନ୍ତୀ ବେହେରା ସ୍କୁଟିରେ ଭଦ୍ରକରୁ ଘରକୁ ଫେରୁଥିଲେ। ମତୋ ଏବଂ ଦିଗଛିଆ ମୁଖ୍ୟ ରାସ୍ତା ମଧ୍ୟରେ ଚଳନ୍ତା ସ୍କୁଟିରୁ ଯଶୋବନ୍ତୀଙ୍କ ବେକରୁ ୨ଜଣ ଦୁର୍ବୃତ୍ତ ମଙ୍ଗଳସୂତ୍ର ଝାମ୍ପି ନେଇ ଫେରାର ହୋଇ ଯାଇଥିଲେ। ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଦମ୍ପତି ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ ସେମାନେ ଦ୍ରୁତ ଗତିରେ ବାଇକ୍ ଯୋଗେ ପଳାଇଥିଲେ। ପରେ ନ୍ୟାୟ ପାଇଁ ଦମ୍ପତି ମତୋ ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ଲଘୁଚାପ ବର୍ଷାରେ ଫୁଲୁଛି ବୈତରଣୀ

ଭଣ୍ଡାରିପୋଖରୀ,୩।୯(ରାଜେନ୍ଦ୍ର ଶତପଥି)

ଲଘୁଚାପ ପ୍ରଭାବରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ୨ ଦିନ ଧରି ନାହିଁ ନଥିବା ବର୍ଷା ଲାଗି ରହିଛି। ଗତ ମଙ୍ଗଳବାର ସକାଳ ୮ଟାରୁ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ବ୍ଲକ ଅଞ୍ଚଳରେ ୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ମାତ୍ର ବୁଧବାର ସକାଳ ୮ଟା ଠାରୁ ଅପରାହ୍ନ ୫ଟା ମଧ୍ୟରେ ୬୦ମିମି ବର୍ଷା ହୋଇଛି ବୋଲି ବ୍ଲକ ବର୍ଷାଜଳ ମାପକ ଦ୍ୱାରା ବର୍ଷା ପରିମାଣ ରେକର୍ଡ କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ବୈତରଣୀ ନଦୀର ଉପରମୁଣ୍ଡ ଚମ୍ପୁଆରେ ୨୪.୪ ମିମି, ସ୍ୱାମୀପାଟଣାରେ୧୩.୦ ମିମି, ଆନନ୍ଦପୁରରେ ୫୪.୬ ମିମି ଓ ଆଖୁଆପଦାରେ ୧୬.୨ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ନଦୀର ଜଳସ୍ତର ବୃଦ୍ଧି ପାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀର ଜଳସ୍ତର ଆଖୁଆପଦାରେ ୧୭.୮୭ ମିଟରରେ ସ୍ଥିର ରହିଛି। ବୁଧବାର ବ୍ୟାପକ ବର୍ଷା ହୋଇଥିବାରୁ ନଦୀର ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା କରାଯାଉଛି ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ।

# ଭାଗନେଲେ ୪୫୦ ପ୍ରତିଯୋଗୀ



ପ୍ରତିଯୋଗିତା ପାଇଁ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

ତିହିଡ଼ି,୩।୯(ସଞ୍ଜିତ ବଳ)

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ତିହିଡ଼ି ସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ବୁଧବାର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲା ଅଧୀନ ୭ଟି ବ୍ଲକର ବିଭିନ୍ନ ହାଇସ୍କୁଲର ୪୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ, କ୍ୟାରମ, ଚେସ୍, ଯୋଗ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଜିଲା ଅତିରିକ୍ତ ଶିକ୍ଷାଧିକାରୀ(ଏଡିଇଓ)ଧରଣୀଧର ପାତ୍ର ଉଦଘାଟନ କରିଥିଲେ। ପରେ ହାଇସ୍କୁଲ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ରଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲେ। ମୁଖ୍ୟଅତିଥି ଏଡିଇଓ ପାତ୍ର ଓ ମୁଖ୍ୟବକ୍ତା ଭାବେ ଏଡିଇଓ ତୃପ୍ତିମୟୀ ପାତ୍ର, ବରେଣ୍ୟ ଅତିଥି ଭାବେ ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ଜିଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସୁଧାଂଶୁ ଶେଖର ମାହୁନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଶଶିକାନ୍ତ ବେହେରା ଓ ଜିତେନ୍ଦ୍ର ସାହୁ ସଭାରେ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିରେଖା ସୁତାର ଅତିଥି ପରିଚୟ ଓ ମାନସ ନାୟକ ଧନ୍ୟବାଦ ଦେଇଥିଲେ।

# ଭାଜପାରେ ମିଶିଲେ ୨୦୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳ କର୍ମୀ

ଧୂଷୁରୀ,୩।୯ ( ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଧାମନଗର ବ୍ଲକ୍‌ର ଧୂଷୁରୀସ୍ଥିତ ପୂଜ୍ୟପୂଜା ସଂସଦ ଭବନ ପରିସରରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ବୁଧବାର ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ ଧୂଷୁରୀ ସମେତ ଅର୍ଜୁନପୁର, ପାଳସାହି, ହସନାବାଦ, ନଦୀଗାଁ, ବମକୁରା, ଭଟସାହି, କାଶିମପୁର, ସାହାସପୁର ଆଦି ପଞ୍ଚାୟତର ୨୦୦ରୁ ଅଧିକ ଅନ୍ୟଦଳର କର୍ମୀ ଭାଜପାରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ମନୋଜ ମଲ୍ଲିକ, ପବିତ୍ର ମୋହନ ଦାସ, କୈଳାସ ମହାପାତ୍ର, ଅଶୋକ ପୁହାଣ, ଚତୁର୍ଭୁଜ ନାୟକ, ବଦ୍ରି ଧଳ, ହେମନ୍ତ ସୁତାର, ଅନ୍ତର୍ଯ୍ୟାମୀ ପତି, ରାମଚନ୍ଦ୍ର ମିଶ୍ର, ଅଶିଷ ଜେନା, ବୁଦ୍ଧଦେବ ଜେନା, ଇଂ କିଶୋର ଜେନା, ଫନି ଭୂଷଣ ମଲ୍ଲିକ, ଅନିରୁଦ୍ଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଭାଜପା ଏକ ଶୃଙ୍ଖଳିତ ଦଳ, ଏହି ଦଳ କେନ୍ଦ୍ର ଓ ରାଜ୍ୟରେ ସୁଶାସନ ଯୋଗାଉଥିବାରୁ ଏଥିରେ ଆମେ ସାମିଲ ହେଲୁ ବୋଲି ଭାଜପାରେ ମିଶିଥିବା ବ୍ୟକ୍ତିମାନେ ମତବ୍ୟକ୍ତ କହିଥିଲେ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୂତନ କର୍ମୀ ଦଳୀୟ ଉତ୍ତରୀୟ ପ୍ରଦାନ କରୁଛନ୍ତି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧୂଷୁରୀ,୩।୯ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍‌ର ସୁନ୍ଦରପୁରସ୍ଥିତ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସିଆରସିସି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତା ଓ ସିଆରସିସି ଦୀଲିପ ଶେଖର ନାୟକଙ୍କ ସଂଯୋଜନାରେ ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ, ମଠଡ଼ିହ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ପ୍ରଭଞ୍ଜନ ସାହୁ, କୁଶଭଦ୍ର ସେଠୀ, ଭାଗୀରଥି ନାୟକ, ଶିକ୍ଷାବିତ୍ ମିହିର କୁମାର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ବେହେରା, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଶିକ୍ଷା ପରିଚାଳନା କମିଟି ସଭାପତି ବ୍ରଜ କିଶୋର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷକ ୪୦ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରି ଶହଶହ ଭାଗ୍ୟ ଗଠନ କରିଥିଲେ। ଅନୁଷ୍ଠାନର ପୂର୍ବତନ ଶିକ୍ଷକ ଚିତ୍ତରଞ୍ଜନ ଦାସ, ପ୍ରଭାସ ପଲାଇ, କାର୍ଯ୍ୟରତ ଶିକ୍ଷକ ରମାକାନ୍ତ ମଲ୍ଲିକ, ଅଂଶୁମାନ ଦାସ, ଶିକ୍ଷା କର୍ମଚାରୀ ପିତବାସ ପଲାଇ, ଅଭୟ ଦାସ, ସାମାଜିକ କର୍ମୀ ପ୍ରଫୁଲ୍ଲ ମହାଳିକ, ସଦାନନ୍ଦ ମଲିକ, ପ୍ରେମାନନ୍ଦ ସାହୁ, ଗଣେଶ ପରିଡା, ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

# ଲାଇସେନ୍ସ ପ୍ରଦାନରେ ବିଳମ୍ବ, ଆସିପାରୁନି ସାର

ବନ୍ତ,୩।୯(ହରି ନାରାୟଣ ମହାନ୍ତି)

## ଅସୁବିଧା ଭୋଗୁଛନ୍ତି ଚାଷୀ

ଭଦ୍ରକ ଜିଲା ବନ୍ତ ବ୍ଲକର କେତେକ ସେବା ସମବାୟ ସମିତିକୁ ଲାଇସେନ୍ସ ପ୍ରଦାନରେ ବିଳମ୍ବ କରାଯିବା ଯୋଗୁ ସାର ଆସି ପାରୁନାହିଁ । ଫଳରେ ଚାଷୀମାନେ ସାର ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ରାଜ୍ୟ ସରକାର ଚାଷୀମାନଙ୍କୁ ସୁବିଧାରେ ସାର ଓ କୀଟନାଶକ ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ପ୍ରତି ବ୍ଲକରେ ସରକାରୀ ଦରରେ ସାର ଯୋଗାଇ ଦେବା ପାଇଁ ପ୍ରତ୍ୟେକ ସମବାୟ ସମିତିକୁ ସରକାରୀ ସ୍ୱୀକୃତି ମିଳିଛି। ଏପରିପେକ୍ଷୀରେ ଲାଇସେନ୍ସ ପ୍ରଦାନରେ ଅବହେଳା କରାଯାଉଥିବାରୁ ସମବାୟ ସମିତିଗୁଡ଼ିକ ଆର.ଏମ.ସିରୁ ସାର ଆଣି ପାରୁନାହାନ୍ତି। ଫଳରେ ଚାଷୀ ମାନେ ସାର ପାଇବାରୁ ବଞ୍ଚିତ ହୋଇ କଳା ବଜାରରେ ଚଢା ଦରରେ ସାର କିଣିବାକୁ ବାଧ ହେଉଥିବା ଅଭିଯୋଗ ହୋଇଛି । ବନ୍ତ ବ୍ଲକରେ ୧୧ ସମବାୟ ସମିତି ଥିବା ବେଳେ ସେଥିମଧ୍ୟରୁ ପଧାନପଡ଼ା ଓ ସେଣ୍ଡତୀରା ସମବାୟ ସମିତି ସାର ଆଣି ଚାଷୀମାନଙ୍କୁ ପ୍ରଦାନ କରୁଥିବା ଜଣାଯାଇଛି । ଅନ୍ୟ ସମିତିଗୁଡ଼ିକରେ ଲାଇସେନ୍ସ ପାଇ ନ ଥିବା ଏବଂ ଗୋଦାମ ଘର ନ ଥିବା ଆଦି ସମସ୍ୟା ରହିଛି । ଟିଲୋ ଓ ସରମରା ସମିତି ପକ୍ଷରୁ ଲାଇସେନ୍ସ ପାଇଁ ଆବେଦନ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ଲାଇସେନ୍ସ ମିଳି ନ ଥିବାରୁ ସେମାନେ ସାର ଉଠାଇ ପାରୁନାହାନ୍ତି । ସେହିପରି କେନ୍ଦୁଆପଦା ସମିତିରେ ଗୋଦାମ ଘର ନ ଥିବାରୁ ସେଠାକୁ ସାର ଆସି ପାରୁନାହିଁ। ସେହିପରି ବସନ୍ତିଆ ସମିତିରେ କୌଣସି ସମସ୍ୟା ନ ଥିବା ବେଳେ ସେଠାକୁ ସାର ଆସୁ ନ ଥିବା ଜଣାପଡ଼ିଛି। ଏସମ୍ପର୍କରେ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କୁ ପଚରା ଯିବାରୁ ଆବେଦନ କରିଥିବା ସମିତିଗୁଡ଼ିକୁ ତୁରନ୍ତ ଲାଇସେନ୍ସ ପ୍ରଦାନ କରାଯିବ ବୋଲି କହିଥିଲେ । ତେବେ ବିଭିନ୍ନ ସମିତିରେ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

# ୭ ଚୋରା ବାଲିବୋଝେଇ ହାଇୱା ଜବତ

ଧାମନଗର,୩।୯(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ପୋଲିସ ପାଟ୍ରୋଲିଂ ସମୟରେ ମଙ୍ଗଳବାର ବିଳମ୍ବିତ ରାତିରେ ୭ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ପୋଲିସ ପାଟ୍ରୋଲିଂ ସମୟରେ ଦୋବଲ- ଧାମନଗର ରାସ୍ତାରେ ୭ଟି ବେଆଇନ ବାଲି ବୋଝେଇ ହାଇୱା ଟ୍ରକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଡ୍ରାଇଭରମାନେ ଯାଞ୍ଚ ସମୟରେ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ହାଇୱାଗୁଡ଼ିକୁ ଜବତ କରି ଥାନାକୁ ନେଇଥିଲେ। ବୈତରଣୀରେ ବନ୍ୟା ପାଣି ଥିବାରୁ ବାଲି ଉଠି ପାରୁନାହିଁ। ଗାଡ଼ି ମାଲିକମାନେ ପୂର୍ବରୁ ଉଠାଇ ରଖିଥିବା ବାଲିକୁ ଉଚ୍ଚା ରେଟ୍‌ରେ ବିକିବା ନେଇ ପୂର୍ବରୁ ସାଧାରଣ ଅଭିଯୋଗ ହୋଇଆସୁଥିଲା। ତେବେ ଜବତ ୭ ହାଇୱା ମଧ୍ୟରୁ ୬ଟି ଜିଲା ସଦର ମହକୁମାକୁ ପଠାଇଥିବା ବେଳେ ଗୋଟିଏକୁ ଥାନାରେ ଅଟକ ରଖାଯାଇଛି ବୋଲି ସୂଚନା ମିଳିଛି। ଟ୍ରକ୍ ଓ ଡ୍ରାଇଭରଙ୍କ ନାଁରେ ମାମଲା (ନଂ. ୩୨୬/୨୫)ରୁଜୁ କରାଯିବ ବୋଲି ଥାନାଧିକାରୀ ରଞ୍ଜନ ସେଠୀ କହିଛନ୍ତି।

# ସିଦ୍ଧାନ୍ତ ବାସୁଦେବପୁର ଯୁବ କଂଗ୍ରେସ ସଭାପତି

ବାସୁଦେବପୁର,୩।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଯୁବନେତା ସିଦ୍ଧାନ୍ତ କୁମାର ଦାସଙ୍କୁ ବାସୁଦେବପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସର ସଭାପତି ଭାବେ ପୁର୍ନବାର ମନୋନୀତ କରାଯାଇଛି। ଦଳ ପୁର୍ନବାର ତାଙ୍କୁ ସଭାପତି ଦାୟିତ୍ୱ ଦେଇଥିବାରୁ ସେ ଖୁସି ପ୍ରକଟ କରିବା ସହ ଯୁବଶକ୍ତିକୁ ଅଧିକରୁ ଅଧିକ ସକ୍ରିୟ କରି କାର୍ଯ୍ୟ କରିବେ ବୋଲି କହିଛନ୍ତି। ବିଧାୟକ ଅଶୋକ କୁମାର ଦାସଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଓ ଘନିଷ୍ଠ ସହଯୋଗୀ ଅଟନ୍ତି। ତାଙ୍କୁ ଏହି ପଦବୀ ମିଳିବା ପରେ ସେ କଂଗ୍ରେସ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତଚରଣ ଦାସ, ଯୁବ କଂଗ୍ରେସ ଓଡ଼ିଆ ପ୍ରଭାରୀ ମହେଶ ଦେଶମୁଖ, ଯୁବ କଂଗ୍ରେସ ରାଜ୍ୟ ସଭାପତି ରଣଜିତ ପାତ୍ର, ବିଧାୟକ ଦାସଙ୍କ ସମେତ କଂଗ୍ରେସ ଦଳର ସମସ୍ତ ନେତୃବୃନ୍ଦ ଓ ଯୁବ କଂଗ୍ରେସ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଏକଜୁଟ ହେବାକୁ ଆହ୍ୱାନ

- ୨ୟ ପର୍ଯ୍ୟାୟରେ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଆଗରପଡ଼ା ବାଦ୍
- ବିଜେଡିର ଖବରଦାତା ସମ୍ମିଳନୀ

ଆଗରପଡ଼ା,୩।୯ (ସୁଶାନ୍ତ ଦାଶ)

ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା ହୋଇଥିବା ୧୬ଟି ଏନ୍‌ଏସି ମଧ୍ୟରେ ଆଗରପଡ଼ାକୁ ବାଦ୍ ଦିଆଯାଇଥିବାରୁ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀରେ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ ହେମପଦ୍ମା ଗ୍ୟାଲେକ୍ସି ଠାରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ପୁରୁଷଣ୍ଡ ସେବା ସମବାୟ ସମିତିର ସଭାପତି ତଥା ବିଜେଡିର ବରିଷ୍ଠ ନେତା ପ୍ରଶାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଆଗରପଡ଼ାର ବୁଦ୍ଧିଜୀବି ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସମ୍ମିଳନୀରେ ଭଦ୍ରକ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ,୧୪ନଂ. ଜୋନ ଜିଲା ପରିଷଦ ସଭ୍ୟା ରୁନିତା ଦାସ, ସରପଞ୍ଚ ବିନୋଦିନୀ ମହାନ୍ତି, ପ୍ରକାଶ ବିଶ୍ୱାଳ, ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା, ସମିତିସଭ୍ୟ ନିର୍ମଳ ନାୟକ, ଯୁବନେତା ସତ୍ୟସାଧନ ବେଜ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଉପରେ ବର୍ଷିଥିଲେ। ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କ ଜନ୍ମପୀଠକୁ ଏନ୍‌ଏସି ତାଲିକାରୁ ବାଦ୍ ଦେବା ତାଙ୍କ ପ୍ରତି ଅସମ୍ମାନ ବୋଲି ଜିଲା ପରିଷଦ ସଭାପତି ଯେନା ସମ୍ମିଳନୀରେ କହିଛନ୍ତି। ଅଞ୍ଚଳବାସୀଙ୍କ ସ୍ୱପ୍ନକୁ ନୂତନ ସରକାର ଭାଙ୍ଗିଥିବାରୁ ଏହାର ଜବାବ ତାଙ୍କୁ ମିଳିବ ବୋଲି ବ୍ଲକ ଅଧ୍ୟକ୍ଷ ଘଡ଼େଇ କହିଥିଲେ। ପ୍ରଧାନମନ୍ତ୍ରୀ ଡ.ମହତାବଙ୍କ ସ୍ମୃତି ପୀଠର ଫଳକ ଉଦ୍‌ଘାଟନ କରୁଥିବା ବେଳେ ରାଜ୍ୟ ସରକାର ଏନ୍‌ଏସି ତାଲିକାରୁ ଆଗରପଡ଼ାକୁ କିପରି ବାଦ୍ ଦେଲେ ବୋଲି ପ୍ରଶ୍ନ କରିଛନ୍ତି ପୁରୁଷଣ୍ଡ ସରପଞ୍ଚ ବିଶ୍ୱାଳ।

ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ଭାଜପା ସରକାର ଓଡ଼ିଶାର ବରପୁତ୍ରମାନଙ୍କୁ କିପରି ସମ୍ମାନ ଦେଉଛନ୍ତି ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି ବୋଲି ବିଜେଡି ନେତାମାନେ କହିଥିଲେ। ଜିଲାରେ ଥିବା ଯୁବ ମନ୍ତ୍ରୀଙ୍କ ଇଶାରାରେ ଆଗରପଡ଼ାକୁ ବାଦ ଦେଇ ମନ୍ତ୍ରୀଙ୍କ ନିଜସ୍ୱ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛି ବୋଲି ଯୁବନେତା ସତ୍ୟସାଧନ ବେଜ କହିଛନ୍ତି। ତେବେ ଆଗରପଡ଼ାକୁ ଏନ୍‌ଏସି ଘୋଷଣା କରା ନ ଗଲେ ଆଗାମୀ ଦିନରେ ତୀବ୍ର ବିରୋଧ କରାଯିବ ବୋଲି ବିଜେଡି ନେତାମନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରାମଚନ୍ଦ୍ର ନାୟକ, ସମ୍ପାଦକ ରବୀନ୍ଦ୍ର ଆଇଚ, ବରିଷ୍ଠ ନାଗରିକ ଶ୍ରୀନାଥ ମହାନ୍ତି, ସାହିତ୍ୟିକ ସେକ୍ ଜଇନୁଲ ଆବେଦିନ, ବଡ଼ମହିଷଗୋଠ ସରପଞ୍ଚ ପ୍ରତିନିଧି ଦୀପକ ମହାନ୍ତି, ନନ୍ଦକିଶୋର ନାୟକ, ପ୍ରସନ୍ନ ସିଂହ, ଗଗନ ସିଂହ, ଯୁବନେତା ଜୟଦେବ ସିଂହ, ବସନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ।

## ୧୭୪ ଗୋରୁ ଉଦ୍ଧାର, ୧୧ ଅଟକ

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଗୁଣ୍ଡୁଣା ଗାଁର ହାଟରେ ବେଆଇନ ଗୋରୁଚାଲାଣ ସମୟରେ ପୋଲିସ ୧୭୪ ଗୋରୁ ଉଦ୍ଧାର କରିଛି। ୨ ପିକ୍‌ଅପ୍ ଭ୍ୟାନ, ଗୋଟିଏ କ୍ରେଟା କାର ଜବତ କରିବା ସହ ୧୧ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ମଙ୍ଗଳବାର ହାଟରୁ ବେଆଇନ ଗୋଚାଲାଣ ନେଇ ଖବର ପାଇ ସ୍ପେଶାଲ ସ୍କ୍ୱାଡ ଚଢ଼ାଉ କରିଥିଲା। ସ୍ଥାନୀୟ ପୋଲିସ ଏସବୁ ଘଟଣା ଉପରେ ତତ୍ପରତା ଦେଖାଇଲେ ଗୋଚାଲାଣ ଉପରେ ରୋକ ଲାଗିପାରନ୍ତା ବୋଲି ବଜରଙ୍ଗୀ ଦଳର ଚନ୍ଦନ ସାହୁ ପ୍ରକାଶ କରିଛନ୍ତି।

# କେନ୍ଦୁଝର

## ସଂକ୍ଷେପରେ

### ୧୦ ବଖରା ଘର ଭାଙ୍ଗିଲା ଦନ୍ତା

ଯୋଡ଼ା,୩।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ତଥା ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତର ଝାଡ଼ଗାଁ ହୁଡ଼ି ସାହିରେ ଏକ ଗୋଠଛଡା ଦନ୍ତା ଉପଦ୍ରବ କରିଛି। ମଙ୍ଗଳବାର ରାତିରେ ସାହିରେ ପଶି ୧୦ ବଖରା ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଦନ୍ତା ହାତୀଟି ଗ୍ରାମରେ ପଶି ଗୁରୁ ମୁଣ୍ଡାଙ୍କ ୨ ବଖରା, ପାଣ୍ଡୁ ମୁଣ୍ଡାଙ୍କ ୩ ବଖରା ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ବନ ବିଭାଗ ଖବର ପାଇ ଗ୍ରାମବାସୀଙ୍କ ସହ ମିଶି ଦନ୍ତାହାତୀକୁ ନିକଟସ୍ଥ ରୋଇଡ଼ା ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ। ତେବେ ପୁନର୍ବାର ରାତିରେ ଦନ୍ତାହାତୀ ଗ୍ରାମରେ ପଶି ମୁନା ପାତ୍ରଙ୍କ ୩ ବଖରା ଓ ଜକର ମୁଣ୍ଡାଙ୍କ ୨ ବଖରା ଘର ଭାଙ୍ଗି ଚାଉଳ ଖାଇବା ସହ ଘର ଉପକରଣ ଭାଙ୍ଗି ଦେଇଥିଲା। ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ କୁମାର ରାଉତ କହିଛନ୍ତି, ଦନ୍ତା ହାତୀଟି ଖାଦ୍ୟ ଅନ୍ୱେଷଣରେ ଗ୍ରାମାଭିମୁଖି ହେଉଛି। ଯେଉଁ ମାନଙ୍କ ଘର ଭାଙ୍ଗିଛି, ସେମାନଙ୍କୁ ସରକାରୀ ଅନୁକମ୍ପା ରାଶିରୁ ସହାୟତା ପ୍ରଦାନ କରାଯିବ। ପୁଣି ଗ୍ରାମରେ ପଶି ଯେପରି ଲୋକଙ୍କ ଘର ନ ଭାଙ୍ଗିବ ବନ କର୍ମଚାରୀ ତୀକ୍ଷଣ ନଜର ରଖିଛନ୍ତି। ଗାଁଠାରୁ ହାତୀକୁ ଦୂରରେ ରଖିବାକୁ ଚେଷ୍ଟା କରାଯାଉଛି।

### ବିଧାନସଭା ମଣ୍ଡଳୀସ୍ତରୀୟ ଯୁବ କଂଗ୍ରେସ ସଭାପତି ନିଯୁକ୍ତ

କେନ୍ଦୁଝର,୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ଦେଶରେ ବର୍ତ୍ତମାନ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ସାରା ଦେଶରେ କଂଗ୍ରେସ ଦଳକୁ ଶକ୍ତିଶାଳୀ କରିବା ସହ ଯୁବ କଂଗ୍ରେସକୁ ଅଧିକ ମଜବୁତ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲ୍ଲାର ୬ ବିଧାନସଭା ନିର୍ବାଚନମଣ୍ଡଳୀରେ ଯୁବ କଂଗ୍ରେସ କମିଟି ପାଇଁ ସଭାପତି ନିଯୁକ୍ତି କରାଯାଇଛି। ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ଏବଂ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ନୂତନ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ତେଲକୋଇ ବିଧାନସଭା ପାଇଁ ଗୌରହରି ପାତ୍ର, ଆନନ୍ଦପୁର ବିଧାନସଭା ପାଇଁ ମାନସ କୁମାର ଜେନା, କେନ୍ଦୁଝର ସଦର ବିଧାନସଭା ପାଇଁ ସୌମ୍ୟରଞ୍ଜନ ରାଉତ, ଚମ୍ପୁଆ ବିଧାନସଭା ପାଇଁ ଗିରିପ୍ରିୟ ଜଗନ ସାହୁ, ଘସିପୁରା ବିଧାନସଭା ପାଇଁ ଦୀପକ କୁମାର ମାଝୀ, ପାଟଣା ବିଧାନସଭା ପାଇଁ ପରମେଶ୍ୱର ନାଏକ ପ୍ରମୁଖ ନିଯୁକ୍ତି ହୋଇଛନ୍ତି। ନବ ନିଯୁକ୍ତ ବିଧାନସଭା ମଣ୍ଡଳୀ ଯୁବ କଂଗ୍ରେସ ସଭାପତିଙ୍କୁ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ବଳଦେବଜୀଉଙ୍କ ରଥର ମୁଖ୍ୟ କାରିଗର ସମ୍ମାନିତ

କେନ୍ଦୁଝର,୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ବିଶ୍ୱର ସର୍ବବୃହତ ଏକକ ରଥର ମୁଖ୍ୟ କାରିଗର କୁଳମଣି ମହାରଣାଙ୍କୁ ସମ୍ମାନିତ କରାଯାଇଛି। ୭୫ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ କେନ୍ଦୁଝରଗଡ଼ ପୌରପାଳିକା ତରଫରୁ କେନ୍ଦୁଝର ରାଷ୍ଟ୍ର ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ରଥର ମାନ୍ୟତା ପାଇଥିବା ନନ୍ଦିଘୋଷ ରଥର ମୁଖ୍ୟ କାରିଗର ମହାରଣାଙ୍କୁ ଦୀର୍ଘ ୫୦ବର୍ଷ ଧରି କାରିଗର ଭାବରେ ଓ ୨୭ବର୍ଷ ଧରି ରଥର ମୁଖ୍ୟ କାରିଗର ଭାବରେ ଦାୟିତ୍ୱ ତୁଲାଇଥିବାରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜୀବନରେ ଯେତେ ଅଭାବ, ଯନ୍ତ୍ରଣା ତଥା ପ୍ରତିକୂଳ ପରିସ୍ଥିତି ଆସିଥିଲେ ମଧ୍ୟ ପଛଘୁଞ୍ଚା ନ ଦେଇ ଶ୍ରୀ ବଳଦେବଜୀଉଙ୍କର କୃପାଲାଭ କରି ଚତୁର୍ଦ୍ଧାମୂରତିଙ୍କ ଘୋଷଯାତ୍ରା ପାଇଁ ଓ ଭକ୍ତ ଏବଂ ଭଗବାନଙ୍କ ଅପୂର୍ବ ମିଳନର ସଂଯୋଗ ହେତୁ ନିଷ୍ଠାର ସହିତ ଏହି ସେବା କରନ୍ତି ବୋଲି ମହାରଣା କହିଛନ୍ତି। ସମ୍ମାନିତ ହେବା ପରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ତାଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଜଣାଯାଇଛି।

# ବିପଦ ସାଜୁଛି ଘାଟିରାସ୍ତା

■ ଅବିଶ୍ରାନ୍ତ ବର୍ଷାରେ କେନ୍ଦୁଝରବାସୀ ଅସ୍ତବ୍ୟସ୍ତ

■ ଘାଟି ରାସ୍ତାରେ ପଥର ପ୍ୟାଚିଂ, ସତର୍କ ସୂଚନା ଲଗାଇବାକୁ ଦାବି

କେନ୍ଦୁଝର,୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲାରେ ଦୀର୍ଘ ପ୍ରାୟ ଦେଢ଼ ମାସ ହେବ ବର୍ଷା ଲାଗି ରହିଛି। ଗାଁଠାରୁ ସହର ସବୁଠି ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଛି। ସହର ଓ ଗାଁ ରାସ୍ତାରେ ପାଣି ଜମିରହିଥିବା ବେଳେ ଦୈନିକ କାର୍ଯ୍ୟରେ ସମସ୍ୟା ହେଉଛି। କେନ୍ଦୁଝର ପାହାଡ଼ ଘେରା ହୋଇଥିବାରୁ ଅନେକ ସମୟରେ ଘାଟି ରାସ୍ତାରୁ ମାଟି ଓ ପଥର ଧସି ବିପଦ ସାଜୁଛି। ରାସ୍ତାରେ ପଥର ଖସି ପଡୁଥିବାରୁ ଗମନାଗମନ ବାଧପ୍ରାପ୍ତ ହେଉଛି। ଘାଟି ରାସ୍ତାରେ ପଥର ପ୍ୟାଚିଂ କରିବା ସହ ସତର୍କ ସୂଚନା ଫଳକ ଲଗାଇବାକୁ ଦାବି ହେଉଛି।

ପ୍ରକାଶ ଯେ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଜିଲାରେ ପ୍ରବଳ ବର୍ଷା ହେଉଛି। ଗାଁ, ସହର ରାସ୍ତାଘାଟ, ସାହି ଆଦି ଜଳାର୍ଣ୍ଣବ ହୋଇଛି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ମଶା,ମାଛିଙ୍କ ଆଶ୍ରୟସ୍ଥଳ ପାଲଟିଛି। କେତେକ ସାହି, କଲୋନିରେ ଲୋକଙ୍କ ଘରକୁ ଯାଇଥିବା ରାସ୍ତାରେ ପାଣି ଜମାହୋଇ ରହିଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏପରିକି ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଅନେକ ସ୍ଥାନରେ ବର୍ଷାପାଣିରେ ରାସ୍ତା ଭାଙ୍ଗିଯାଇଥିବା ବେଳେ ରାସ୍ତା ଉପରେ ପାଣି ଲହଡ଼ି ମାରୁଛି। ପାହାଡ଼ିଆ, ଘାଟି ରାସ୍ତାରୁ ଅତଡ଼ା ଖସୁଥିବାରୁ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ବିଶେଷ କରି କାଞ୍ଜିପାଣି, ଜୁଡ଼ିଆ ଘାଟିରୁ ପଥର, ଗଛ ଓ ମାଟି ଅତଡ଼ା ଖସୁଥିବାରୁ ସବୁବେଳେ ବିପଦ ଲାଗି ରହୁଛି। ନିକଟରେ କାଞ୍ଜିପାଣି ଘାଟିରୁ ମାଟି ଅତଡ଼ା ଧସି ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଥିଲା। ଜୁଡ଼ିଆରୁ ବିରାଟକାୟ ପଥର ଖସିଥିଲା। ସେହିପରି ବାୟାପଣ୍ଡାଧାରରୁ ଗୋନାସିକା ରାସ୍ତାରେ ମଧ୍ୟ ମାଟି ଅତଡ଼ା ଖସିବା ସହ ପଥର ଖସୁଛି। ରାସ୍ତାକଡ଼ରେ ବଡ଼ ଗଛ ଉପୁଡ଼ିବା ଅବସ୍ଥାରେ ରହିଛି। ଗୋନାସିକା–ବକ୍ସିବାରିଗାଁ ରାସ୍ତାରେ ମଧ୍ୟ ମାଟି, ପଥର, ଗଛ ଖସି ପଡୁଥିବାରୁ ଲୋକେ ବିପଦପୂର୍ଣ୍ଣଭାବେ ଯାତାୟାତ କରୁଛନ୍ତି। ଏସବୁ ଦିଗରେ ଦୃଷ୍ଟିଦେବା ସହ ସତର୍କ ସୂଚନା ଲଗାଇବାକୁ ଦାବି ହୋଇଛି। ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି, ସ୍ଥାନୀୟ ପ୍ରଶାସନ, ରାସ୍ତା ନିର୍ମାଣ ସଂସ୍ଥା ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଏ ଦିଗରେ ପଦକ୍ଷେପ ନେବା ଜରୁରୀ। ଏଭଳି ମାଟି ଅତଡ଼ା ଖସିବା ସମ୍ଭାବନା ଥିବା ସ୍ଥାନରେ ପଥରପ୍ୟାଚିଂ କରି ରାସ୍ତାକଡ଼ରେ ଥିବା ଗଛଗୁଡ଼ିକର ସୁରକ୍ଷା କରିବା ଉଚିତ। ପୂର୍ବତନ ତେଲକୋଇ ବିଧାୟକ ପ୍ରାଣବଲ୍ଲଭ ନାୟକ କହିଛନ୍ତି, ବ୍ୟସ୍ତବହୁଳ କାଞ୍ଜିପାଣି ଘାଟିରେ ଯେଉଁ ଭଳି ମାଟି ଖସି ରାସ୍ତାରେ ପଡ଼ିଲା, ଅଳ୍ପକେ ବହୁ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ହେଁ ଏହା ପ୍ରଶାସନ ପାଇଁ ସତର୍କ ସୂଚନା। ଗୁରୁତ୍ୱ ଦେଇ ରାସ୍ତାର ଦୁର୍ବଳ ପାହାଡ଼ଗୁଡ଼ିକୁ ଠିକ୍ ଭାବରେ ଚିହ୍ନଟକରି ପରିଚାଳନା କରିବା ଜରୁରୀ।



ଗୋନାସିକା–ବକ୍ସିବାରିଗାଁ ଘାଟି ରାସ୍ତାରେ ଏକ ଗଛ ରାସ୍ତାକୁ ଧସି ରହିଛି।

# ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ

**ଧରିତ୍ରୀ ପ୍ରଭାବ**

■ କେନ୍ଦୁଝର ଡିଏମ୍‌ଏଫ୍ ଫଣ୍ଡ ଅନିୟମିତତା ପ୍ରସଙ୍ଗ

କେନ୍ଦୁଝର/ହାଟଡ଼ିହୀ,୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ):

କେନ୍ଦୁଝର ଜିଲା ଡିଏମ୍‌ଏଫ୍ ଫଣ୍ଡରେ ଅନିୟମିତତା ନେଇ ଅଗଷ୍ଟ ୧୩ ତାରିଖରେ କେନ୍ଦୁଝର ଡିଏମ୍‌ଏଫ୍‌ରେ 'ଅନୁଦାନ ଅନୁମୋଦନ ପୂର୍ବରୁ ଟେଣ୍ଡର ଆହ୍ୱାନ' ଶୀର୍ଷକ ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗକୁ ରିପୋର୍ଟ ମଗାଯାଇଛି। ଏ ନେଇ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗ ତରଫରୁ ଚିଠି (ନଂ. ୧୨୦୩୮/୧୯ ଅଗଷ୍ଟ ୨୦୨୫) ଅନୁସାରେ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି ହୋଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, କେନ୍ଦୁଝର ମତ୍ସ୍ୟ ବିଭାଗ ପାଇଁ ଏକ ପ୍ରକଳ୍ପ ବାବଦରେ ୧୨ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଟ୍ରଷ୍ଟ ବୋର୍ଡ ଦ୍ୱାରା ଅନୁମୋଦିତ ହୋଇଥିଲା। କିନ୍ତୁ ଉକ୍ତ ପ୍ରକଳ୍ପର ମୂଲ୍ୟକୁ ବେନିୟମ ଭାବେ ବୃଦ୍ଧି କରାଯାଇ ୧୬ କୋଟି ୨୧ ଲକ୍ଷ ଟଙ୍କା ପ୍ରଶାସନିକ ଅନୁମୋଦନ କରାଯାଇଥିଲା। ମାତ୍ର ପ୍ରକଳ୍ପର ପ୍ରଶାସନିକ ଅନୁଦାନ ଅନୁମୋଦନ ଏବଂ ମଞ୍ଜୁର ପୂର୍ବରୁ ଟେଣ୍ଡର ଆହ୍ୱାନକରି ଏଗ୍ରିମେଣ୍ଟ କରାଯାଇଥିଲା। ସେହିପରି ଆଉ ଏକ ପ୍ରକଳ୍ପ ବାବଦରେ ଜିଲା ସ୍କିଲ୍ ଡେଭଲପମେଣ୍ଟ ତଥା ଏମ୍ପ୍ଲୟମେଣ୍ଟ ବିଭାଗ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଟ୍ରଷ୍ଟ ବୋର୍ଡ ଦ୍ୱାରା ଅନୁମୋଦନ ହୋଇଥିଲା। କିନ୍ତୁ ଏହାର ମୂଲ୍ୟକୁ ମଧ୍ୟ ବେନିୟମ ଭାବେ ବୃଦ୍ଧି କରାଯାଇ ୧୨ କୋଟି ଟଙ୍କା ପ୍ରଶାସନିକ ଅନୁମୋଦନ ହୋଇଥିଲା। ପ୍ରକଳ୍ପ ବାବଦରେ ଅନୁଦାନ ଅନୁମୋଦନ ଏବଂ ମଞ୍ଜୁର ପୂର୍ବରୁ ମଧ୍ୟ ଏଗ୍ରିମେଣ୍ଟ ହୋଇଥିଲା। ଅନ୍ୟ ଏକ ପ୍ରକଳ୍ପ ବାବଦରେ ଡେପୁଟି ଡାଇରେକ୍ଟର ହର୍ଟିକଲ୍‌ଚର ପାଇଁ ୩୨କୋଟି ଟଙ୍କା ବ୍ୟୟ ଅଟକଳ ଅନୁମୋଦନ ହୋଇଥିଲା। କିନ୍ତୁ ଏହାର ମୂଲ୍ୟ ଇଚ୍ଛା ଅନୁସାରେ ବୃଦ୍ଧି କରାଯାଇ ୮୫ କୋଟି ୮୩ ଲକ୍ଷ ଟଙ୍କା ପ୍ରଶାସନିକ ଅନୁମୋଦନ ହୋଇଥିଲା। ୨୦୧୯ରେ ମୁଖ୍ୟ ଶାସନ ସଚିବଙ୍କ ୩୦:୪୦:୩୦ ଅନୁପାତରେ ଅନୁଦାନ ମଞ୍ଜୁର ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଗୋଟିଏ ପର୍ଯ୍ୟାୟରେ ଅଧା ଅନୁଦାନ ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ମଞ୍ଜୁର କରାଯାଇଥିଲା।

# ଡିଏମ୍‌ଏଫ୍ 'ଉଦ୍ୟମୀ'ର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କେନ୍ଦୁଝର, ୩।୯ (ନରେଶ ଚନ୍ଦ୍ର ପଟ୍ଟନାୟକ):

ବ୍ୟବସାୟ ମଣିଷକୁ ଏକ ସମୃଦ୍ଧ ଜୀବନ ଆଡ଼କୁ ନେଇଯିବ। ଯେଉଁମାନେ ସ୍ୱପ୍ନ ଦେଖିପାରନ୍ତି ସେମାନେ ଜୀବନରେ ସମୃଦ୍ଧି ହୁଅନ୍ତି। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ, ଏକ ପ୍ଲାଟଫର୍ମ ପ୍ରଦାନ କରୁଛି ଡ଼ିଏମଏଫ। ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ଡିଏମ୍‌ଏଫର 'ଉଦ୍ୟମୀ' ପ୍ରକଳ୍ପ ଉଦ୍‌ଘାଟନ ଅବସରରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ଉଦ୍‌ଘାଟନ କରି ଏମ୍‌ପି ନାୟକ ଆଦିବାସୀମାନେ କିପରି ଉଦ୍ୟୋଗୀ ହୋଇପାରିବେ, ସେ ବିଷୟରେ ବିଶେଷ ଧ୍ୟାନ ଦିଆଯିବା ପାଇଁ ପରାମର୍ଶ ଦେଇଛନ୍ତି। ଜିଲା ପାଇଁ ନିଶ୍ଚିତ ଭାବରେ ଆବଶ୍ୟକ ଏପରି ଏକ ପ୍ରକଳ୍ପ ଆରମ୍ଭ କରିବା ପାଇଁ ସେ ଡିଏମଏଫ କେନ୍ଦୁଝରର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଉଦ୍ୟମ ଦ୍ୱାରା ଡିଏମ୍‌ଏଫ୍ ଉଦ୍ୟୋଗୀ ରାଜ୍ୟରେ ଏକ ଉଦାହରଣ ସ୍ଥାପନ କରିପାରିବ। ଏହି ଅବସରରେ ଡିଏମଏଫ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରୀନା ପ୍ରଧାନ କହିଥିଲେ, ଏହି ପ୍ଲାଟଫର୍ମ ଏକ ଉଦ୍ୟୋଗ ଗଠନ କରିବା ପାଇଁ ଆଗ୍ରହୀ ବ୍ୟକ୍ତିଙ୍କୁ ଜ୍ଞାନ ବାଣ୍ଟିବା, ଦକ୍ଷତା ବିକାଶ, କ୍ରେଡିଟ୍ ଲିଙ୍କେଜ ପ୍ରଦାନ କରିବ। ଭାରତୀୟ ଉଦ୍ୟୋଗୀତା ବିକାଶ ପ୍ରତିଷ୍ଠାନର ଆଞ୍ଚଳିକ ମୁଖ୍ୟ ଚିତ୍ତରଞ୍ଜନ ପଟ୍ଟନାୟକ କହିଥିଲେ, ପ୍ରକଳ୍ପର ପ୍ରଥମ୬ ମାସ ମଧ୍ୟରେ ଜିଲାର ୭ଟି ବ୍ଲକ୍‌ରେ ୧୦୦ଟି ଉଦ୍ୟୋଗ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜିଲାପାଳ ବିଶାଲ ସିଂହ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ, ମହାପ୍ରବନ୍ଧକ ଡିଆଇସି, ଅଜୟ କୁମାର ମହନ୍ତ ମଞ୍ଚରେ ଉପସ୍ଥିତ ଥିଲେ।

# ଆପୋସ ସମାଧାନ ପାଇଁ ମହଲତ

## ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ଲୋଡିଂ ବିବାଦ

ଚମ୍ପୁଆ,୩।୯(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ଲୋଡିଂ ବିବାଦ ବଢ଼ିବାରେ ଲାଗିଛି। ଏ ନେଇ ସଂଘର କେତେଜଣ ସଦସ୍ୟ ବୁଧବାର ଚମ୍ପୁଆ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ବିଚାର କରି ଉପଜିଲାପାଳ ଉମାକାନ୍ତ ପରିଡ଼ା ସଂଘର କର୍ମକର୍ତ୍ତାଙ୍କୁ ଡାକି ଅଭିଯୋଗର ବିଚାର କରିବା ସହିତ ଆପୋଷ ସମାଧାନ ପାଇଁ ୧୦ ଦିନ ମହଲତ ଦିଆଯାଇଥିବା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ସଂଘର କର୍ମକର୍ତ୍ତାଙ୍କ ଗାଡ଼ି ଲୋଡିଂରେ ମନମାନି ଓ ନିଜନିଜ ଗାଡ଼ିଗୁଡ଼ିକ ଏକାଧିକ ଟ୍ରିପ୍ ଲୋଡିଂ ନେଇ ଅଭିଯୋଗ ହୋଇଥିଲା। ସଦସ୍ୟଙ୍କ ଗାଡି ଠିକ୍ ଭାବରେ ଲୋଡିଂ ପାଉ ନ ଥିବା ତଥା ସଂଘ ନିୟମ ଅନୁଯାୟୀ ସମସ୍ତ ସଦସ୍ୟଙ୍କଗାଡ଼ିକୁ ସମାନ ଭାବରେ ଟ୍ରିପ୍ ପ୍ରଦାନ କରାଯାଉ ନ ଥିବାରୁ କେତେଜଣ ସଦସ୍ୟ ଉପ ଜିଲାପାଳଙ୍କୁ ଭେଟି ଜଣାଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସଂଘ ସଭାପତି ମନୋଜ ମହାନ୍ତ, ସମ୍ପାଦକ ରାଜେନ୍ଦ୍ର ବାରିକ, ସହ ସମ୍ପାଦକ ମନ୍ମଥ ବେହେରା, ଉପଦେଷ୍ଟା ଯୁଧିଷ୍ଠିର ପଲେଇ, ସଦସ୍ୟ ଗୋବିନ୍ଦ ଖିଲାର ସମେତ ବହୁ କର୍ମକର୍ତ୍ତା ଏବଂ ଅଭିଯୋଗ କରିଥିବା ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଥିଲା। ଉପଜିଲାପାଳ ପରିଡ଼ା ଉଭୟଙ୍କ ଦାବିକୁ ଶୁଣିବା ପରେ ସଂଘର ନିୟମ ଅନୁଯାୟୀ ଗାଡ଼ିଗୁଡ଼ିକୁ ଲୋଡିଂ ଦେବା କର୍ମକର୍ତ୍ତାଙ୍କ ପ୍ରଥମ କର୍ତ୍ତବ୍ୟ। ତେଣୁ ୧୦ ଦିନ ମଧ୍ୟରେ ଆପୋଷ ବୁଝାମଣା କରି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ୧୦ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପ ଜିଲାପାଳ ସୂଚନା ଦେଇଛନ୍ତି।

# ସ୍ୱାମ ଶାସନରେ ହରିହାଟ



ସମୂହ ଭାଗବତ ପାଠ କରାଯାଉଛି।

ପାଟଣା,୩।୯(ବୀରକିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ପୁରାତନ ସ୍ୱାମ ଶାସନରେ ବୁଧବାର ହରିଙ୍କ ପାର୍ଶ୍ୱ ପରିବର୍ତ୍ତନ, ବାମନ ଜନ୍ମ ଓ ପବିତ୍ର ବଡ଼ ଏକାଦଶୀ ଅବସରରେ ହରିହାଟ ଅନୁଷ୍ଠିତ ହୋଇଛି। ସ୍ୱାମ ଶାସନ ମଧ୍ୟସ୍ଥ ମଣ୍ଡପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ, ଶ୍ରୀ ରାଧା, ଶ୍ରୀ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପିତ କରି ହରିହାଟ ଅନୁଷ୍ଠିତ ହୋଇଛି। ମଣ୍ଡପରେ ସାମୂହିକ ଗୀତା, ଭାଗବତ ଆବୃତ୍ତି କରାଯାଇଛି। ମୁଖ୍ୟ ପୂଜକଭାବେ ପଣ୍ଡିତ ଅଲେଖ ତ୍ରିପାଠୀ ଓ ସୁଶାନ୍ତ ଶେଖର ଦାଶ ନୀତିକାନ୍ତିରେ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ଗୌରୀ ରଞ୍ଜନ ମିଶ୍ର ଦେବନୀତି ସମ୍ପାଦନ କରିଥିଲେ। ବିଭିନ୍ନ ପୁରାଣକୁ ଅଜିତ ଦାଶ, ବୀର ମୋହନ ଦ୍ୱିବେଦୀ, ତରୁଣ ତ୍ରିପାଠୀ, ଗୌର ଚନ୍ଦ୍ର ତ୍ରିପାଠୀ, ସନ୍ତୋଷ ତ୍ରିପାଠୀ, ଶିବ ପ୍ରସାଦ ଦାଶ, ଭାଗୀରଥି ଦାଶ, ଦୈତାରି ଶତପଥୀ, ଭାବେଶ ରଞ୍ଜନ ତ୍ରିପାଠୀ, ଲୋକନାଥ ମିଶ୍ର, ଅମରେନ୍ଦ୍ର ମିଶ୍ର, ମହେନ୍ଦ୍ର ମିଶ୍ର, ମନୋ ରଞ୍ଜନ ଦାଶ, ତରୁଣ କୁମାର ଦାଶ, କୂଳ ମଣୀ ଶତପଥୀ ପ୍ରମୁଖ ଆବୃତ୍ତି କରିଥିଲେ। ସୁମିତି କୁମାର ପତି ଓ ଜ୍ଞାନେନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

# ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ସୁବିଧା ଶୁଭାରମ୍ଭ

କେନ୍ଦୁଝର,୩।୯(ଦୀପକ ମିଶ୍ର):

କେନ୍ଦୁଝର ସହର ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟରଠାରେ ମଙ୍ଗଳବାର ଟାଟା କମ୍ୟୁନିଟି ଇନିସିଏଟିଭ ଟ୍ରଷ୍ଟ ଓ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ ସହ ସହଭାଗିତାରେ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାର ଶୁଭାରମ୍ଭ କରାଯାଇଛି। ସମାରୋହରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଟାଟା ସନ୍ସ ଅଧୀନସ୍ଥ ଟାଟା ସଷ୍ଟେନେବିଲିଟି ଗ୍ରୁପ ସୋସିଆଲ ସର୍ଭିସେସ କ୍ଲଷ୍ଟର ମୁଖ୍ୟ ଶ୍ରୀରଙ୍ଗ ଧବାଲେ, ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର, ଟିସିଏସ ଡେଲିଭେରି ସେଣ୍ଟର ହେଡ୍ ବିଭୁ ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେଶନର ଯୋଡା କ୍ଲଷ୍ଟର ମୁଖ୍ୟ ରବିନ୍ଦ୍ର କୁମାର, ଡ. ରୋହିତ ଖାନ୍ନା, ଚିଫ୍ ହ୍ୟୁମାନ ରିସୋର୍ସ ସୁଧୀର ସିଂଙ୍କ ସହ ଟାଟା ଷ୍ଟିଲ ଏବଂ ଟିଏସଏଫର ବହୁ ଅଧିକାରୀ ଓ ଏଲ୍‌ଭି ପ୍ରସାଦ ଚିକିତ୍ସାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦୁଝର ଓ ଆଖପାଖ ଜିଲାର ଲୋକଙ୍କୁ ୧୩ ଗୋଟି ଅତ୍ୟାଧୁନିକ ଅସ୍ତ୍ରୋପଚାର ଓ ନିଦାନ ଉପକରଣ ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେଶନ ସିଇଓ ସୌରଭ ରୟ କହିଛନ୍ତି, ଟାଟା ଷ୍ଟିଲ୍ ଫାଉଣ୍ଡେଶନ ବହୁ ଦିନରୁ କେନ୍ଦୁଝରରେ ରୂପାନ୍ତର ଆଣିବା ଏବଂ ଶିକ୍ଷା ଓ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଡେଲ ଉପରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରୁଛି। ଫାଉଣ୍ଡେଶନ ଆକାଂକ୍ଷୀ ବ୍ଲକ୍ ଓ ଜିଲାରେ ସହଯୋଗିତା ଭିତ୍ତିକ ସମାଧାନ ଏବଂ ସମୟାନୁଯାୟୀ ଏକ ଢାଞ୍ଚା ଜରିଆରେ ଐତିହାସିକ ସାମାଜିକ ଆହ୍ୱାନର ମୁକାବିଲା ଏବଂ ବାସ୍ତବ ପ୍ରଭାବ ସୃଷ୍ଟି କରିପାରିଛି। ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ପବ୍ଲିକ ସିଷ୍ଟମକୁ ଲୋକଙ୍କ ନିକଟରେ ପହଞ୍ଚାଇ ସମ୍ଭାବନା ଓ ଜନ ଅଧିକାରକୁ ଜାଗ୍ରତ କରିବାକୁ ଆଶା ରଖାଯାଇଥିବା କହିଛନ୍ତି। ଶ୍ରୀରଙ୍ଗ ଧବାଲେ କହିଛନ୍ତି, ରାଷ୍ଟ୍ର ଗଠନର ମୂଲ୍ୟବୋଧକୁ ଟାଟା ଗ୍ରୁପ୍ ଦୀର୍ଘଦିନରୁ ବଜାୟ ରଖିଛି। ଉନ୍ନତୀକରଣ ସହିତ ବିଜୟାନନ୍ଦ ପଟ୍ଟନାୟକ ଆଇ କେୟାର ସେଣ୍ଟର ଓ ଚକ୍ଷୁ ସେବାରେ ଏକ ପ୍ରମୁଖ ହବ ଭାବେ କାର୍ଯ୍ୟ କରିବ ଏବଂ ଆଦିବାସୀ ଓ ଦୁର୍ଗମ ଅଞ୍ଚଳବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବ।

# ବିଚ୍ଛିନ୍ନାଞ୍ଚଳରେ ଜଗନ୍ନାଥ ଦାଶଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ।

କେନ୍ଦୁଝର,୩।୯ (ନରେଶ ଚନ୍ଦ୍ର ପଟ୍ଟନାୟକ):

ଓଡ଼ିଶା ସୀମାନ୍ତ ତଥା ବିଚ୍ଛିନ୍ନାଅଞ୍ଚଳ ପଶ୍ଚିମ ସିଂହଭୂମ ଜିଲାର ଚକ୍ରଧରପୁରରେ ଓଡ଼ିଆ ଭାଷା, ସାହିତ୍ୟ ଓ ଅସ୍ମିତାର ଅନ୍ୟତମ ପ୍ରମୁଖ ବିନ୍ଧାଣୀ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାଶଙ୍କ ଜୟନ୍ତୀ ପାଳନ କରାଯାଇଛି। ସାମାଜିକକର୍ମୀ ପୂର୍ବତନ ମୁଖିଆ ସଜ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝାଡ଼ଖଣ୍ଡ ଅଳ୍ପସଂଖ୍ୟକ ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଅଶୋକ ପ୍ରଧାନ, ବିଶିଷ୍ଟ ଅତିଥି ସାମାଜିକକର୍ମୀ ଭଗବତୀ ଚରଣ ଦୀକ୍ଷିତ, ମୁଖ୍ୟ ବକ୍ତାଭାବେ ପ୍ରଫେସର ଡ. ନାଗେଶ୍ୱର ପ୍ରଧାନ ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାଶଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ସାମାଜିକକର୍ମୀ ଦିଲୀପ ପ୍ରଧାନ ମଞ୍ଚ ସଂଚାଳନ କରିଥିଲେ। ୩୦ ଅକ୍ଟୋବର୨୦୨୫ ଠାରୁ ୫ ନଭେମ୍ବର୨୦୨୫ ପର୍ଯ୍ୟନ୍ତ ୭ ଦିନ ଓଡ଼ିଆ ଶ୍ରୀମଦ ଭାଗବତ ପାଠ ଚକ୍ରଧରପୁରସ୍ଥିତ ପୋଡ଼ାହାଟ ଷ୍ଟାଡିୟମରେ କରାଯିବା ନେଇ ଉପସ୍ଥିତ ସମସ୍ତ ଭାଗବତ ପ୍ରେମୀଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାର ଲୋକପ୍ରିୟ ପ୍ରବଚକ ପଣ୍ଡିତ ଜିତୁ ଦାଶ ଉପସ୍ଥିତ ହୋଇ ଶ୍ରୀମଦ ଭାଗବତ ଓଡ଼ିଆ ପ୍ରବଚନ ଦେବେ। ଏକ ସଂଚାଳନ ସମିତି ଗଠନ କରାଯାଇଛି। ନିର୍ଦ୍ଦେଶକ ମଣ୍ଡଳୀରେ ଭଗବତୀ ଚରଣ ଦୀକ୍ଷିତ, ଅଶୋକ ଷଡ଼ଙ୍ଗୀ, ଅଶୋକ ପ୍ରଧାନ, ଜଗଦୀଶ ନାୟକ, ଜୟ ଜଗନ୍ନାଥ ପ୍ରଧାନ, ଭବାନୀ ମିଶ୍ର, ବନମାଳୀ ପ୍ରଧାନ, ଡା. ଅନିଲ ପ୍ରଧାନ, କେଦାର ପ୍ରଧାନ, ସରୋଜ ପ୍ରଧାନ, ଭୁବନେଶ୍ୱର ମୁଣ୍ଡାରି, ଜିତ୍‌ମୋହନ ମହାତୋ, ପବନ ଶଙ୍କର ପାଣ୍ଡି, ଅଜୟ ଲାଲ, ଚିନ୍ତାମଣି ପ୍ରଧାନ, ଦିଲୀପ ପ୍ରଧାନ, ଦିଲୀପ ମହାତୋ, ଇଶ୍ୱର ଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ରଖାଯାଇଛି। ସଭାପତି ଡ. ନାଗେଶ୍ୱର ପ୍ରଧାନ, ଉପସଭାପତି କାମାକ୍ଷା ପ୍ରସାଦ ସାହୁ, ସମ୍ପାଦକ ଜୟ କୁମାର ସିଂହଦେବ, ଯୁଗ୍ମ ସମ୍ପାଦକ ଗୋପାଳ ପ୍ରଧାନ, କୋଷାଧ୍ୟକ୍ଷ ଭଗବତୀ ପ୍ରଧାନ ଓ ସତ୍ୟପ୍ରକାଶ କରଙ୍କୁ ସର୍ବସମ୍ମତି ଭାବେ ମନୋନୀତ କରାଯାଇଛି। ଏହା ବ୍ୟତୀତ ୫୧ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ରଖାଯାଇଛି। ସଭାରେ ପ୍ରଫେସର ସଞ୍ଜୟ ବାରିକ, ଦୁର୍ଯ୍ୟୋଧନ ପ୍ରଧାନ, ଶ୍ରୀବନ୍ତ ଷଡ଼ଙ୍ଗୀ, ଅମ୍ବୁଜ ଚରଣ ଦୀକ୍ଷିତ, ରାଜୀବ ସିଂହଦେବ, ଅମ୍ବିକା ଚରଣ ଦୀକ୍ଷିତ, ଶାନ୍ତନୁ ଦେହୁରୀ, ସଞ୍ଜିତ ମଣ୍ଡଳ, ଅମରଜିତ ଚଟାର୍ଜୀ, ମହଙ୍ଗି ପ୍ରଧାନ, ଆନନ୍ଦ ପ୍ରସାଦ ରାଉତ, କମଳେନ୍ଦୁ ମଣ୍ଡଳ ପ୍ରମୁଖ ଶତାଧିକ ଭାଗବତ ପ୍ରେମୀ ଉପସ୍ଥିତ ଥିଲେ।

# ଝରକା ଭାଙ୍ଗିଗଲାଣି, ଗୃହରେ ପାଣି ଗଳୁଛି

**ବିପଦପୂର୍ଣ୍ଣ ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରାବାସ**

■ ହସ୍ତାନ୍ତର ହେଉନି ନୂତନ ଗୃହ

ବଞ୍ଚୋ,୩।୯(ପ୍ରଦୋଷ କୁମାର ବିଶ୍ୱାଳ):

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରାବାସ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଗୃହରୁ ସାମାନ୍ୟ ବର୍ଷାରେ ପାଣି ଗଳୁଛି। ଝରକା ଭାଙ୍ଗିଯାଇଥିବା ବେଳେ ମରାମତି କରାଯାଉନାହିଁ। ଅନେକ ସମୟରେ ଗୃହରୁ ସାପ ବାହାରୁଛି। ଏଭଳି ପରିସ୍ଥିତିରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ଛାତ୍ରାବାସ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହେଉନାହିଁ। ଫଳରେ ପୁରୁଣା ଛାତ୍ରାବାସରେ ଛାତ୍ରମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି।

ପ୍ରକାଶ ଯେ, ୧୯୬୪ରେ ନିର୍ମିତ ଆନନ୍ଦପୁର ମହାବିଦ୍ୟାଳୟରେ ଜିଲା, ଜିଲା ବାହାରୁ ୧୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମହାବିଦ୍ୟାଳୟରେ ଛାତ୍ରଙ୍କ ନିମନ୍ତେ ୪୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ ରହିଛି। ମାତ୍ର ଛାତ୍ରାବାସ ଭାଙ୍ଗିରୁଜି ଯାଇଥିବା ବେଳେ ସାମାନ୍ୟ ବର୍ଷାରେ ରୁମ୍‌ରେ ପାଣି ଗଳୁଛି। ଝରକାଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ଅନେକ ସମୟରେ ରୋଷେଇଘର ଓ ରୁମ୍‌ରୁ ସାପ ବାହାରୁଛି। ଛାତ୍ରାବାସରେ ଖାଇବା ରୁମ୍ ନ ଥିବାରୁ ଛାତ୍ରମାନେ ରୁମ୍‌ରେ ତଳେ ବସି ଖାଉଛନ୍ତି। ଅନ୍ୟପକ୍ଷରେ ଜିଲା ଖଣିଜ ପାଣ୍ଠି ଅନୁଦାନରେ ତଥା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି(ଆଇଟିଡିଓ) ପକ୍ଷରୁ ନିର୍ମିତ ନୂତନ ଛାତ୍ରାବାସ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହେଉନାହିଁ। ୨ କୋଟି ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ କାର୍ଯ୍ୟରେ ନ ଲାଗି ମଧ୍ୟ ସେଥିରେ ଫାଟ ସୃଷ୍ଟି ହେଲାଣି। ତୃତୀୟ ମହଲାର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ସେଠାରେ ଛାତ୍ରମାନେ ରହିବାକୁ ଅମଙ୍ଗ ହେଉଛନ୍ତି। ଅନେକ ଛାତ୍ର ଏବେ ବାହାରେ ମେସ୍ କରି ପାଠ ପଢୁଥିବା ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ନୂତନ ଛାତ୍ରାବାସକୁ ଠିକ୍ ଭାବେ ମରାମତିକରି କାର୍ଯ୍ୟକାରୀ କରିବାକୁ ଦାବି ହେଉଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ମିଶ୍ର କହିଛନ୍ତି, ତୁରନ୍ତ ନୂତନ ହଷ୍ଟେଲ ହସ୍ତାନ୍ତର ପାଇଁ ଉପଜିଲାପାଳଙ୍କୁ ଅବଗତ କରିଛନ୍ତି। ଛାତ୍ରାବାସ ପାଇଁ ଆବଶ୍ୟକ ଫର୍ନିଚର ଓ ଆସବାବପତ୍ର ନିମନ୍ତେ ଆନନ୍ଦପୁର ମହାବିଦ୍ୟାଳୟ ପତ୍ର ସଂଖ୍ୟା ୧୦୯୧/୧୯ ଅଗଷ୍ଟରେ ୨୦୨୫ରେ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଛି। ଏନେଇ ଅବଗତ ହେବା ପରେ ଉପଜିଲାପାଳ ନୀଳମାଧବ ସୁନା ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



ଛାତ୍ରାବାସର ଏକ କୋଠରିର ଝରକା ଭାଙ୍ଗି ଝୁଲି ରହିଛି।

## ସଂକ୍ଷେପରେ

### ମୃତକଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ

ମୋରଡ଼ା,୩।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ଭାଜପା ଦାନ୍ତିଆମୁହାଁ ମଣ୍ଡଳର ସଭାପତି ଲକ୍ଷ୍ମଣ ମୁର୍ମୁ ଗତ ୨୯ ତାରିଖରେ ଚାଷ ଜମିରେ ପାଣି ମଟର ଯୋଗେ ପାଣି ମଡାଉ ଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ । ଲକ୍ଷ୍ମଣଙ୍କ ମୃତ୍ୟୁକୁ ନେଇ ମୋରଡା ଭାଜପାରେ ଶୋକର ଛାୟା ଖେଳି ଯାଇଥିବା ବେଳେ ମଙ୍ଗଳବାର ସକାଳେ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୁରେଇଡିହି ଗ୍ରାମସ୍ଥିତ ଲକ୍ଷ୍ମଣଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ତେବେ ଲକ୍ଷ୍ମଣଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ପରିବାରର ଜଣେ ସଦସ୍ୟ କିପରି ରୋଜଗାରକ୍ଷମ ହୋଇ ପାରିବ ସେ ନେଇ ମନ୍ତ୍ରୀ ପ୍ରତିଶୃତି ମଧ ଦେଇଥିବା ସୂଚନା ମିଳିଛି।

### ୮ରୁ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର

ବାରିପଦା,୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରତିରକ୍ଷା ବିଭାଗର ଷ୍ଟେଶନ ହେଡ୍‌କ୍ୱାର୍ଟର୍ସ ବାଲେଶ୍ୱର (ଚାନ୍ଦିପୁର-ଅନ-ସି) ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତିନିଦିନ ଧରି ବାରିପଦାର ଷ୍ଟେଶନବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପଠାରେ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଉଛି। ଆସନ୍ତା ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶିବିରରେ ପୂର୍ବତନ ସୈନିକ, ବୀରନାରୀ, ବୀରମାତା ଏବଂ ତା'ଙ୍କ ପରିବାରର ପତିତ ବ୍ୟକ୍ତିଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ। ଉକ୍ତ ଶିବିରରେ ହାଇଟେକ ହସ୍ପିଟାଲ ଏବଂ ଅନ୍ୟାନ୍ୟ ପ୍ରମୁଖ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର, ବିଶେଷଜ୍ଞମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ ସେବା ପ୍ରଦାନ ସହିତ ଅବସରକାଳୀନ ଭତ୍ତା, ଇସିଏଚଏସ, ସ୍ପର୍ଶ ଇତ୍ୟାଦି ସମ୍ବନ୍ଧରେ ଆଇନଗତ ପରାମର୍ଶ ଦିଆଯିବ। ପ୍ରତିରକ୍ଷା ବିଭାଗର ପୂର୍ବତନ କର୍ମଚାରୀଙ୍କ ବ୍ୟତୀତ ଉକ୍ତ ଶିବିରରେ ସାଧାରଣ ଜନତାଙ୍କ ପାଇଁ ମଧ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସେବା ଉପଲବ୍ଧ ହେବ। ସ୍ୱାସ୍ଥ୍ୟ ଶିବିରକୁ ଆସି ଏହାର ସୁଯୋଗ ନେବା ପାଇଁ ଷ୍ଟେଶନ ହେଡ୍‌କ୍ୱାର୍ଟର୍ସ ଓ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ୧୦ ମାସ ହେଲା ଆଶାକର୍ମୀଙ୍କୁ ମିଳୁନି ଦରମା

ବାରିପଦା,୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କୁଳିଅଣା ସିଏଚ୍‌ସି ଅଧୀନରେ କାର୍ଯ୍ୟ କରୁଥିବା ଆଶାକର୍ମୀମାନେ ୮ମାସ ଧରି ଦରମାରୁ ବଞ୍ଚିତ ରହିଛନ୍ତି। ଫଳରେ ପରିବାର ପ୍ରତିପୋଷଣରେ ସମସ୍ୟା ଉପୁଜିଥିବାରୁ ଦରମା ପ୍ରଦାନକାରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ ପାଇଛି। ଯାହାକୁ ନେଇ ୨୦ରୁ ଅଧିକ ଆଶାକର୍ମୀ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କୁଳିଅଣା ବ୍ଲକର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଆଶାକର୍ମୀମାନଙ୍କୁ ଦରମା ପ୍ରଦାନ କରାଯାଇ ନାହିଁ । ଏପରିକି ଏହିତାଲିକା ଦିନକୁଦିନ ଲମ୍ବିବାରେ ଲାଗିଥିବା ବେଳେ ଦରମା ପ୍ରଦାନକୁ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରିକି ୨୦୨୪ ମସିହାର ନଭେମ୍ବର ଓ ଡିସେମ୍ବର ସହିତ ଚଳିତ ବର୍ଷର ୮ମାସର ଦରମା ପାଇ ନ ଥିବାରୁ ଆଶାକର୍ମୀ ନିରାଶ ହୋଇଛନ୍ତି।

### ଜିଲା କୃଷି ଅଧିକାରୀଙ୍କ ଅକାଳ ବିୟୋଗ

ବାରିପଦା,୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ନୂତନ ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଭାବେ ଯୋଗଦାନ କରିଥିବା କମଳ ଲୋଚନ୍ ନାୟକଙ୍କ ଅକାଳ ବିୟୋଗ ଘଟିଛି। ୨ତାରିଖ ସନ୍ଧ୍ୟା ସମୟରେ ସେ ଇହଧାମ ତ୍ୟାଗ କରିଛନ୍ତି। ସେ ଗତ ୩୦ ତାରିଖରେ ମୟୂରଭଞ୍ଜ ଜିଲାରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ଜଣେ ଜ୍ଞାନୀ, କୁଶଳୀ ଏବଂ ଦକ୍ଷଅଧିକାରୀ ଭାବେ ଖୁବ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ବିୟୋଗରେ ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

# ସରିଲା ସ୍ୱାୟତ୍ତ ଶାସନ ଦିବସ ସମାରୋହ

ବାରିପଦା,୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)




ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ବାରିପଦା ପୌରପାଳିକା ଆନୁକୂଲ୍ୟରେ ୩ ଦିନ ଧରି ପାଳନ ହୋଇ ଆସୁଥିବା ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଉଦ୍‌ଯାପିତ ହୋଇଯାଇଛି। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ପୌରାଧକ୍ଷା ସୀମା ଦାସ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ପୌରାଧକ୍ଷ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ନିଜ କାର୍ଯ୍ୟକାଳ ସମୟରେ ବାରିପଦା ସହରର ଉନ୍ନତି ମୂଳକ କାର୍ଯ୍ୟ ତଥା ସହରବାସୀଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧି ବିଷୟରେ ଉଲ୍ଲେଖ କରିବା ସହିତ ଆଗାମୀ ସମୟରେ ସହରର ସର୍ବାଙ୍ଗୀନ ଉନ୍ନତିକଳ୍ପେ ହାତକୁ ନିଆଯାଇଥିବା ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ମହାପାତ୍ର କହିଥିଲେ ଯେ, ସହରାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଇତ୍ୟାଦି ମୌଳିକ ଆବଶ୍ୟକତା ସହଜରେ ଉପଲବ୍ଧ ହେଉଥିବାରୁ ଲୋକେ ସହରାଭିମୁଖୀ ହେଉଛନ୍ତି। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ବାରିପଦା ପୌରପାଳିକାକୁ ଆର୍ଥିକ କ୍ଷେତ୍ରରେ ସ୍ୱୟଂକ୍ରୀୟ କରିବାର ଲକ୍ଷ୍ୟ ରଖାଯାଇଛି। ଯଦ୍ୱାରା ରକ୍ଷଣାବେକ୍ଷଣ ସହ ଉନ୍ନତି ମୂଳକ କାର୍ଯ୍ୟ କରିବା ସମ୍ଭବ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ମୟୂରଭଞ୍ଜ ଜିଲାରେ ୬ଟି ନୂତନ ଏନ୍‌ଏସି ସୃଷ୍ଟି କରାଯିବା ସହ କରଞ୍ଜିଆ ଏନ୍‌ଏସିକୁ ପୌରପାଳିକାର ମାନ୍ୟତା ମିଳିଛି। ବିକାଶ ଧାରା ନିରନ୍ତର ଚାଲିଲେ ବାରିପଦା ସହର ଭବିଷ୍ୟତରେ ବିକଶିତ ଓ ସମୃଦ୍ଧ ହୋଇ ନିଶ୍ଚିତ ମହାନଗର ନିଗମରେ ପରିଣତ ହେବ ବୋଲି ମନ୍ତ୍ରୀ ଦୃଢୋକ୍ତି ପ୍ରକଶ କରିଥିଲେ।

ଏହି ଅବସରରେ ବରିଷ୍ଠ ଖବରଦାତା ଡ. ବିଜୟ କୁମାର ଅଗ୍ରୱାଲ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ରକ୍ତଦାନ କରି ଅନେକ ଅମୂଲ୍ୟ ଜୀବନ ବଞ୍ଚାଇଥିବା ଅମର ସେଠୀ, ଶବବାହକ ଗାଡ଼ିର ଚାଳକ ପ୍ରମୋଦ କୁମାର ବେହେରାଙ୍କୁ ତାଙ୍କର ମହତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ପୌରପାଳିକା ସ୍ୱଚ୍ଛତା ପାଇଁ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ମୋ ଖତ, ଏମ୍‌ସିସି ପ୍ଲାଣ୍ଟ, ଶୁଖିଲା ବର୍ଜ୍ୟ ବସ୍ତୁର ପୃଥକୀକରଣ କେନ୍ଦ୍ର, ମଳ ବିଶୋଧନ କେନ୍ଦ୍ର ଇତ୍ୟାଦିର କର୍ମଚାରୀ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୌରପାଳିକା ପକ୍ଷରୁ ନିମନ୍ତ୍ରିତ ଅତିଥିମାନଙ୍କୁ ଉତ୍ତରୀୟ, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା କାନ୍ଦ୍ରା ସୋରେନଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଓ ରଜନୀକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପାଳିକାର ବିଭିନ୍ନ ୱାର୍ଡର ପାରିଷଦ, ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛ ସାଥୀ, ସଫେଇ କର୍ମଚାରୀ, ଜମାଦାର, ସ୍ୱର୍ଗରଥ ଚାଳକ ,ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶାରଦୀୟ କ୍ରୀଡ଼ା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୋପବନ୍ଧୁ ନଗର,୩।୯(ଶାନ୍ତନୁ କୁମାର ମହୁଆଳ)

ଗୋପବନ୍ଧୁ ନଗର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଓ ଚୟନ ଶିବିର ଆରପଟା ପଞ୍ଚାୟତସ୍ଥିତ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା ପତାକା ଉତ୍ତୋଳନ କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କ୍ରୀଡ଼ା ଚୟନ ଶିବିରରେ ମୋଟ ୨୪ଟି ଉଚ୍ଚ ବିଦ୍ୟାଳୟର ୩୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିରେ ଜନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ ହୋଇଥିବା ବେଳେ ମୋଟ ୧୨ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡାଲ ପିଟି ଧନଞ୍ଜୟ ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡ଼, ସୀତାରାମ ଶୀଳ, ରଞ୍ଜନା ମହାନ୍ତ, ନିର୍ମଳ ଚନ୍ଦ୍ର ଦାସଙ୍କ ପ୍ରମୁଖ ୧୭ଟି ବିଦ୍ୟାଳୟର ଖେଳ ଶିକ୍ଷକ ପରିଚାଳନା କରିଥିଲେ। ବ୍ଲକସ୍ତରରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୬ ତାରିଖରେ ଜିଲ୍ଲାସ୍ତରକୁ ଯାଇ ଖେଳ ପ୍ରଦର୍ଶନ କରିବେ। ଉଦ୍ୟାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସଞ୍ଜୟ କୁମାର ସିଂ, ମୁଖ୍ୟ ବକ୍ତା ଜିଲ୍ଲା ନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ସମ୍ମାନିତ ଅତିଥି ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ଚନ୍ଦ୍ର ବେହେରା, ହରିକଳେବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା, ଯୁବ ନେତା ସଞ୍ଜୀବ କୁମାର ନାୟକ, ଶିକ୍ଷକ ମନୋଜ୍ଞ ଜେନା, ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜନା ମହାନ୍ତ ପ୍ରମୁଖ ଯୋଗଦେଇ ଆତ୍ମ ବିଶ୍ୱାସ ମଣିଷକୁ ଶୀର୍ଷରେ ପହଞ୍ଚାଇ ପାରେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଉତ୍ତବ କୁମାର ସାହୁ ଓ ନିର୍ମଳ ଚନ୍ଦ୍ର ଦାସଙ୍କ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭାସିଗଲା ବାଇକ୍

# ଅସ୍ଥାୟୀ ପୋଲ ଉପରେ ୩ ଫୁଟ ପାଣି

ଉଦଳା,୩।୯(ସନ୍ତୋଷ କୁମାର ବାଛିନୀ)



ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି।

ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢିବାରେ ଲାଗିଛି। କପ୍ତିପଦା ଉପଖଣ୍ଡର ବିଭିନ୍ନ ନଦୀ ଫୁଲିବାରେ ଲାଗିଛି। ସୋନ, ଦେଓ, ଗଙ୍ଗ, କାଳ, କଣ୍ଟାଳ, ନାଲୁହା ଭଳି ବିଭିନ୍ନ ନଦୀର ଜଳପ୍ରବାହ ବୃଦ୍ଧି ପାଇଛି। ଯାହାଫଳରେ ଉଦଳା -ବାଲେଶ୍ୱର ରାସ୍ତାର କର୍ଣ୍ଣଗାଡିଆଠାରେ ଥିବା ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ଦେଓ ନଦୀର ପାଣି ପ୍ରବାହିତ ହୋଇଛି । ଅସ୍ଥାୟୀ ପୋଲ ଉପରେ ୩ଫୁଟ ଉଚ୍ଚର ପାଣି ପ୍ରବାହିତ ହେବା ଫଳରେ ଉଦଳା ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ଅସ୍ଥାୟୀ ପୋଲ ଉପରେ ପାଣି ପ୍ରବାହିତ ହେଉଥିବା ବେଳେ ଉକ୍ତ ପୋଲ ଉପରେ ଜଣେ ବ୍ୟକ୍ତି ବାଇକ ନେଇ ଯାଉଥିବା ସମୟରେ ନଦୀର ସ୍ରୋତରେ ବାଇକ ସହିତ ଭାସି ଯାଇଥିଲେ। ହେଲେ ସୌଭାଗ୍ୟବଶତଃ ବାଇକ ଚାଳକ ପାଣିରେ ପହଁରି ବର୍ତ୍ତି ଯାଇଥିବା ବେଳେ ବାଇକଟି ନଦୀ ସ୍ରୋତରେ ଭାସିଯାଇଛି। ଉକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ସେପଟେ ଲଗାଣ ବର୍ଷା ଜାରି ରହିଥିବା କାରଣରୁ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

## ଚାପି ହୋଇ ବଳଦ ମୃତ

ଠାକୁରମୁଣ୍ଡା,୩।୯(ତାରାକାନ୍ତ ପଟ୍ଟନାୟକ)

ଲଗାଣ ବର୍ଷା ଯୋଗୁ ବୁଧବାର ସକାଳେ ଠାକୁରମୁଣ୍ଡା ବ୍ଲକ ଚମାଳି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଡ଼ିହା ଗ୍ରାମ ବଡ଼ସାହିର ରାମଦାସ ବନାରାଙ୍କ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପରିବାର ଲୋକେ ଅଳାପକେ ବର୍ତ୍ତି ଯାଇଥିବା ବେଳେ ଘର ଭିତରେ ଥିବା ତାଙ୍କର ଗୋଟିଏ ବଳଦର ମୃତ୍ୟୁ ଘଟିଛି। ଘର ଭିତରୁ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ୫ଟି ଛେଳିଙ୍କୁ ଉଦ୍ଧାର କରିଛନ୍ତି। ସେହିପରି ଉକ୍ତ ଗ୍ରାମପଞ୍ଚାୟତର ଗିରିବେଡା ଗ୍ରାମର ପବିତ୍ର ନାଏକଙ୍କ ଘର ଉପରେ ଏକ କେନ୍ଦୁ ଗଛ ଭାଙ୍ଗି ପଡ଼ିବାରୁ ତାଙ୍କର ୩ ବଖରା ଘର ଭାଙ୍ଗି ଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆ, ରାଜସ୍ୱ ନିରୀକ୍ଷକ, ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି।

# ଗୋରୁ ବୋଝେଇ ୫ ଗାଡ଼ି ଜବତ

ଠାକୁରମୁଣ୍ଡା,୩।୯(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା– କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର କେନ୍ଦୁଜିଆଣି ତେଲ ନଦୀ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ପିକଅପ ଭ୍ୟାନ ଯୋଗେ ଗୋରୁ ଓ ମଇଁଷି ବୋଝେଇ କରି ଚାଲାଣ ହେଉଥିବା ବେଳେ ଠାକୁରମୁଣ୍ଡା ଥାନା ପୋଲିସ ୫ଟି ଗାଡିକୁ ଜବତ କରିଛି। ଉକ୍ତ ଗାଡ଼ି ଗୁଡ଼ିକରୁ ୧୯ଟି ଗୋରୁ ଓ ୧୭ଟି ମଇଁଷିଙ୍କୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ୩ ଡ୍ରାଇଭରଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ୨ଟି ଗାଡିର ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣା ପଡ଼ିଛି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଓ ଅନ୍ୟ ପୋଲିସ କର୍ମଚାରୀମାନେ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଯାଜପୁରରୋଡ଼ ଓ ଶାଳବଣିରୁ ଗୋରୁ ଓ ମଇଁଷି ବୋଝେଇ ହୋଇ ଠାକୁରମୁଣ୍ଡା ଦେଇ ରାଇରଙ୍ଗପୁର ଆଡକୁ ଯାଇଥିବା ସମୟରେ ଗାଡି ଗୁଡିକୁ କେନ୍ଦୁଜିଆଣି ନିକଟ ତେଲନଦୀ ନିକଟରେ ରାସ୍ତା ଉପରେ ଅଟକାଇ ଥିଲେ।

# ଭାଲିଆଡିହା ଫୁଟ୍‌ବଲ ଟୁର୍ନାମେଣ୍ଟ

ବୈଶିଙ୍ଗା,୩।୯(ରତନ ଦାଶ)

ବୈଶିଙ୍ଗା ଥାନା ଅନ୍ତର୍ଗତ ଭାଲିଆଡିହା ଠାରେ ଚାଲିଥିବା ଦୁଇ ଦିନିଆ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଭାଲିଆଡିହାସ୍ଥିତ ଜିଆଲ ଝାର୍ଣ୍ଣା କୁଆଲ ସେମଲେଦ ଫୁଟବଲ କ୍ଲବ ପରିଚାଳନାରେ ଏହି ଦୁଇ ଦିନିଆ ଟୁର୍ନାମେଣ୍ଟରେ ଓଡ଼ିଶା ଓ ପଶ୍ଚିମବଙ୍ଗର ୧୬ ଗୋଟି ଦଳ ଭାଗ ନେଇଥିଲେ। ପ୍ରଥମ ଦିନରେ ୮ଟି ଦଳ ନିଜର ଖେଳ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ଓଡ଼ିଶା ଏଫସି ଟିମ୍ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଆ ପଞ୍ଚାୟତର ସରପଞ୍ଚ ମନମୋହନ ମାଝୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ଦୁଇ ଜଣ ଦକ୍ଷିଣ ଆଫ୍ରିକା ଖେଳାଳି ମଧ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ଚାମ୍ପିୟନ ହୋଇଥିବା ଓଡ଼ିଶା ଫୁଟବଲ କ୍ଲବ ଟିମ୍‌କୁ ୨ଲକ୍ଷ ଟଙ୍କା ,୧ମ ରନରଅପ ବାଘଡା ନାନ୍ଧୁବାବୁ ଫୁଟବଲ ଟିମକୁ ଦେଢ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ରନର୍ସଅପ ଟିମକୁ ୭୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଉତ୍ସବରେ କ୍ଲବର ସଭାପତି ପପୁ ମାଝୀ , ସମ୍ପାଦକ ଲାଛୁ ମାଝୀ ଓ ମୁଖ୍ୟ ପରିଚାଳକ ଗୋପାଳ ମାଝିଙ୍କ ସଂଯୋଜନାରେ ଆୟୋଜିତ ଫୁଟବଲ ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ ଲାଗି ରହିଥିଲା।


**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No.CHEP/TW-327/3381 (A) Date: 01.09.2025
No. CAD-1660
'e'-Procurement Notice
TENDER CALL NOTICE NO.CHEP-29/2025-26

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'B' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
| --- | --- | --- | --- |
| Renovation of Front & Back side Drains at E & F Type Quarters of OHPC Colony, CHEP, Chiplima | Rs.55,14,224.00 / EMD = Rs.55,150.00 | Rs.11,800.00 (Rs.10,000.00 + GST@18%) | 120 Days |

1. Availability of bids ONLINE: from 11:00 AM of dtd.04.09.2025 up to 05:00 PM of dtd.17.09.2025.
2. The date & time of opening of tender: At 11:30 AM of dtd.18.09.2025.

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.
Sd/- Unit Head, CHEP, Chiplima
OIPR-04006/11/0101/2526



**OFFICE OF THE SUPERINTENDING ENGINEER, BALASORE (ROADS & BUILDINGS) DIVISION-II**
AT/PO-BHASKARGANJ, BALASORE
Contact No:- 06782-263149, E MAIL ID: eepwdbls2@gmail.com
No.5756, Date: 02.09.2025
1ST CORRIGENDUM NOTICE
No.B-482: The tender invited for the work vide this office Bid Identification No. SE (R and B) BLS-II-16/2025-26 at Sl.No.1 to Sl.No.06 is hereby extended to dt.due to some unavoidable reasons. 1. The Bid documents will be available in the website: www.tendersorissa.gov.in from 10.00 Hours of 04.09.2025 to 16.00 Hours of 10.09.2025 for Online Bidding. 2.Bids shall be received only on "Online" on or before to 16.00 Hours of 10.09.2025. 3. Bids received online shall be opened at 16.30 Hours of 10.09.2025. All other terms & conditions of the DTCN shall remain unchanged.
Sd./- Superintending Engineer
Balasore (R&B) Division-II
OIPR-34155/11/0029/2526



**OFFICE OF THE NOTIFIED AREA COUNCIL, KHARIAR**
At/Po-Khariar,Dist-Nuapada, Pin-766107
e-mail:khariarn.hud@ori.nic.in, khariarnac@gmail.com
Letter No.2003, Dated 01.09.2025
1ST CORRIGENDUM
No.C-995:Due to unavoidable circumstances, the opening of EOI regarding "Leasing and Management of Kalyan Mandap-2, Ward No.07" vide EOI No.1918, dtd.20.08.2025 which will be opened on dtd.02.09.2025 at 11.00 AM has been postponed & it will be reschedule on dtd.08.09.2025 at 11.00 AM.
Sd./- Executive Officer
Notified Area Council, Khariar
OIPR-13136/11/0051/2526



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1657
IDCO/H.O./P&C/EST/E-2915/01/2025 25590 Date:26.08.2025
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820, Fax:2542956/2541982
Email: cgmpc@idco.in, Web:www.idco.in
BID IDENTIFICATION NO.P&C/EST/E-33/2025-26
NOTICE INVITING EXPRESSION OF INTEREST (EOI) THROUGH E-PROCUREMENT PORTAL OF GOVT. OF ODISHA
Odisha Industrial Infrastructure Development Corporation (IDCO) is pleased to invite organisations/reputed Agencies to participate in the **Expression of Interest (EOI) for the Public Private Partnership to Design, Build, Finance, Operate and Transfer (DBFOT), of IT Towers at Berhampur and Rourkela in the State of Odisha**. This project aims to develop and operate state-of-the-art IT Tower in Berhampur and Rourkela, Odisha to offer modern infrastructure facilities for information and technology (IT) companies and IT enabled service units. The development of the proposed IT Towers envisaged to be in Public Private Partnership (PPP) mode in Design, Build, Finance, Operate and Transfer (DBFOT) basis with a minimum concession period of 30 years. The detailed EOI can be downloaded from eProcurement system (tendersodisha.gov.in) from **05.00 PM of 04.09.2025**. The last date of receipt of required documents is **25.09.2025 till 05.00 PM.** The EOI will be opened online on **26.09.2025 at 12.30 PM** IDCO has the right to accept or reject the Notice/EOI without assigning any reasons thereof.
OIPR-14003/11/0233/2526 Sd./- Chief General Manager (P&C)



ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/P.O./P.S.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in
Letter No. 2453 Date: 01.09.2025
ADVERTISEMENT FOR INVITING EXPRESSION OF INTEREST FOR 26 Nos. OF STALLS UNDER MISSION SHAKTI HAAT
No. C-992: Interested WSHGs/SHG Federation having the willingness and aptitude for the activity/scheme titled **26 Nos. of Stalls under Mission Shakti Haat** are invited to submit their proposal through only postal service before the concerned Executive Officer, Titilagarh Municipality in the mentioned below format within 7 (Seven) days of this advertisement i.e. by 10.09.2025 before 5.30 P.M.
Sd./- Executive Officer
Titilagarh Municipality
OIPR-13095/11/0031/2526



**OFFICE OF THE DEAN AND PRINCIPAL SCB MEDICAL COLLEGE, CUTTACK**
No. 10992 Date: 02.09.2025
TENDER CALL NOTICE
No. E-359: Sealed tenders in two bid system (Technical and Financial) are invited from reputed publishers/authorised suppliers/aggregators for supply of Medical Books, Journals, e-books and e-journals quoting the discount on publishers price and latest editions which are to be purchased for the Central Library, SCB Medical College, Cuttack during the financial year 2025-26. The bidder should furnish their Technical and Financial proposals in two separate envelopes super-scribed with Medical Books/Journals/e-books/e-journals/Clinical decision support system. The last date of receipt of tender paper will be Dt.22.09.2025 by 5.00 P.M. from the date of publication in newspaper and be opened on the next working day at 3.30 P.M. in the office chamber of Dean and Principal, SCB Medical College, Cuttack. The bidders may download the tender document containing the details of term and condition directly from this College's website available at **http://scbmch.in** and also can be obtained on all working days from the budget section of office of the Dean and Principal, SCB Medical College, Cuttack by depositing cost of tender paper for Rs.1000/- (Non-refundable) in shape of Demand Draft in favour of **"Dean and Principal, SCB Medical College, Cuttack"** payable at Cuttack from any Nationalized Bank. Any tender received after the due date & time will be rejected and returned to the sender un-opened. The tender will be received through Regd. Post/Speed Post only. The authority reserve the right to reject any/all the tenders without assigning any reason thereof.
Place of Opening of Tender : Office Chamber of the Dean and Principal SCB Medical College, Cuttack - 753007
Sd./- Dean and Principal
SCB Medical College, Cuttack
OIPR-10039/11/0020/2526


See Career Appointment on every Wednesday & Saturday


**OFFICE OF THE DIVISIONAL FOREST OFFICER CHILIKA WILDLIFE DIVISION**
At/Po- Gopinathpur, Balugaon-752030, Dist-Khordha
Email-dfo.chilikawl@odisha.gov.in
SHORT TENDER NOTICE
Tender Notification No.02/01WL-706/2025, Dated 01.09.2025
SUPPLY OF TREE GUARD (BAMBOO GABION) TO CHILIKA WL DIVISION- 2025-26
No.MM-178: Sealed bids are requested from eligible bidders for supply of bamboo gabions (tree guards) for the avenue plantations in Ganjam District of Chilika Wildlife Division. The detailed tender document with terms and conditions is available in the tenders section of www.odishaforest.in. The tender schedule is as mentioned below-
A. SALE OF TENDER DOCUMENT : 01.09.2025 to 15.09.2025 (10.00 AM to 01.00 PM)
B. LAST DATE FOR SUBMISSION OF SEALED TENDER DOCUMENT : 15.09.2025 by 02.00 PM
C. OPENING OF BIDS : 15.09.2025 at 03.00 PM
Sd./- Divisional Forest Officer
Chilika Wildlife Division
OIPR-08015/11/0011/2526

# ଖରାସାହାପୁରରେ କୃତ୍ରିମ ବନ୍ୟା



ବାହାନଗା, ୩।୯(ଅରୂପ୍ କୁମାର ଦାସ)

ଗତ ରବିବାରଠାରୁ ଆରମ୍ଭ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଏହି ପଞ୍ଚାୟତର ୧୦, ୧୧ ନମ୍ବର ୱାର୍ଡ ଜଳମଗ୍ନ ହୋଇରହିଛି। ରାସ୍ତା କଡ଼ରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ସମୁଦ୍ରକୁ ବା ନଦୀକୁ ନିଷ୍କାସନ ହୋଇ ନ ପାରିବାରୁ ଗାଁ ଭିତରକୁ ପଶୁଛି। ଘର ଓ ଗୁହାଳରେ ପାଣି ପଶିବାରୁ ଲୋକମାନେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ପୂର୍ବରୁ ଥିବା ନୟନଯୋରିକୁ ଲୋକମାନେ ପୋତି ଦେଇ ନିଜ ଜମି ସହିତ ମିଶାଇ ଦେଇ ପୋତି ଦେଇଥିବାରୁ ପାଣି ନିଷ୍କାସନ ନ ହେବା ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଦୁଇ ଦିନ ଧରି ପାଣିଘେରରେ ୨ଟି ୱାର୍ଡ ବାସିନ୍ଦା ରହୁଥିବା ବେଳେ ସେମାନଙ୍କ ପାଖରେ ପ୍ରଶାସନ ନ ପହଞ୍ଚିବା ପରିତାପର ବିଷୟ ହୋଇଛି। ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଗ୍ରାମର ବିଦ୍ୟାସାଗର ନାୟକ, ଶଙ୍କର୍ଷଣ ଦାସ, ସଞ୍ଜୁଲତା ମହାଳିକ, ତିଳୋତ୍ତମା ମହାଳିକ, ସୁଦାମ ମହାଳିକ, ତୁଳସୀ ମହାଳିକ ଓ ଅଜିତ ମହାଳିକ ପ୍ରମୁଖ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।

# ଜଳକାରେ ପୁଣି ବନ୍ୟା ଆଶଙ୍କା

## ସତର୍କ ସଂକେତ ଉପରେ ଜଳସ୍ତର

ବାଲେଶ୍ୱର, ୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୁଧବାର ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଂକେତ ୬.୫ ମିଟର ରହିଛି। ଭୋର୍ ୪ଟା ସୁଦ୍ଧା ଏହାର ଜଳସ୍ତର ବୃଦ୍ଧି ପାଇ ୬.୦୧ ମିଟରରେ ପ୍ରବାହିତ ହେଉଥିଲା। ପୂର୍ବାହ୍ଣ ୯ଟା ସୁଦ୍ଧା ସତର୍କ ସଂକେତ ଟପି ୬.୦୫ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ସ୍ଥିର ଥିବାରୁ ଅପରାହ୍ଣ ୪ଟା ସୁଦ୍ଧା ୬.୦୫ ମିଟରରେ ରହିଛି। ନଦୀର ଉପରମୁଣ୍ଡ ତଥା ଜିଲାରେ ପୁଣି ଅଧିକ ପରିମାଣରେ ବୃଷ୍ଟିପାତ ହେଲେ ପୁଣି ବନ୍ୟା ଆସିବାର ସମ୍ଭାବନା ଥିବାରୁ ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ମଙ୍ଗଳବାର ବାଲେଶ୍ୱର ଜିଲାରେ ୬୦୫ମି.ମି. ବର୍ଷା ହୋଇଥିବା ବେଳେ ବୁଧବାର ବର୍ଷାର



ମଥାନୀଠାରେ ଜଳକା ନଦୀର ଜଳସ୍ତର।

ପରିମାଣ ୩୭୬ମି.ମି. ରେକର୍ଡ ହୋଇଛି। ସୋରରେ ସର୍ବାଧିକ ୪୫ମି.ମି. ଓ ଜଳେଶ୍ୱରରରେ ସର୍ବନିମ୍ନ ୧୧ମି.ମି . ବର୍ଷା ରେକର୍ଡ଼ ହୋଇଥିବା ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବସ୍ତା ଓ ସଦର ବ୍ଲକର ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ବନ୍ୟା ଆଶଙ୍କା ଚାଷୀଙ୍କୁ ଦୁର୍ଦ୍ଦଶା ଆଣିଦେଇଛି। ନଦୀକୂଳିଆ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି । ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ପଡ଼ୋଶୀ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଛି। ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପରମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡ଼ା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଇ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବନ୍ୟା ଆସିଲେ ବସ୍ତା ଓ ସଦର ବ୍ଲକ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ପ୍ରଭାବିତ ହେବା ସହ ହଜାର ହଜାର ହେକ୍ଟର ଖରିଫ ଧାନଚାଷ ନଷ୍ଟ ହେବାର ଆଶଙ୍କା ରହିଛି। ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଏଡିଏମ୍ ସୁଧାକର ନାୟକ ସୂଚନା ଦେଇଛନ୍ତି।

# ନୀଳଗିରି ମହିଳା କଲେଜରେ ପଶିଲା ପାଣି



ନୀଳଗିରି ମହିଳା ମହାବିଦ୍ୟାଳୟ ଶ୍ରେଣୀଗୃହରେ ବର୍ଷାପାଣି।

ନୀଳଗିରି, ୩।୯(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତିଠାରୁ ଲାଗି ରହିଥିବା ବେଳେ ମଙ୍ଗଳବାର ରାତିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା। ନୀଳଗିରି ଏନ୍ଏସି ଅଧୀନ ନିଜଗଡ଼ଠାରେ ଥିବା ମହିଳା ମହାବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ହେବା ସହ ଶ୍ରେଣୀଗୃହରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ଶ୍ରେଣୀ ଗୃହ ଭିତରେ ପାଣି ଥିବା ବେଳେ ଚେୟାର ବେଞ୍ଚରେ ବସି ଯୁକ୍ତ ୩ ସେକେଣ୍ଡ ସେମିଷ୍ଟାର ପାଇଁ ପରୀକ୍ଷା ଦେଉଥିଲେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ। ମହାବିଦ୍ୟାଳୟରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବା କାରଣରୁ ଶ୍ରେଣୀ ଗୃହର ଭିତର ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡ଼ିଥିଲା। ଶ୍ରେଣୀ ଗୃହରେ କାଦୁଅ ପାଣି ଏକ ଅପରିଷ୍କାର ପରିବେଶ ସୃଷ୍ଟି କରିଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି।

ମହାବିଦ୍ୟାଳୟର ତିନିପାର୍ଶ୍ୱରେ ବଡ଼ ବଡ଼ କୋଠା ଘର ମାନ ଗଢ଼ି ଉଠିଥିବା ଓ ଦିନକୁ ଦିନ ରାସ୍ତା ଉଚ୍ଚା ହେବା ସହ ସେହି ତୁଳନାରେ ମହାବିଦ୍ୟାଳୟର ପରିସର ଡାଉନ୍ ହୋଇଯିବାରୁ ପାଣି ପଶୁଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ଭବିଷ୍ୟତରେ ଶ୍ରେଣୀ ଗୃହରେ ପାଣି ନ ପଶିବା ଓ ମହାବିଦ୍ୟାଳୟ ପରିସରରୁ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଦିଗରେ ସ୍ଥାନୀୟ ପ୍ରଶାସନ, ନିର୍ବାଚିତ ଜନ ପ୍ରତିନିଧି ଓ ସଚେତନ ନାଗରିକ ତତ୍ପର ହେବା ଆବଶ୍ୟକ। ଏହି ଘଟଣା ପରେ ବୁଧବାର ଅପରାହ୍ଣରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ମହିଳା ମହାବିଦ୍ୟାଳୟକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି।

# ୮ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ

## ଏନଏସି ମାନ୍ୟତାରୁ ବଞ୍ଚିତ ଖଇରାବାସୀ

ଖଇରା, ୩।୯(ଉତ୍କଳବନ୍ଧୁ ପଣ୍ଡା)

ରାଜ୍ୟସରକାର ଖଇରାକୁ ଏନଏସି ମାନ୍ୟତା ପ୍ରଦାନ କରି ସେମାନଙ୍କୁ ସେମାନଙ୍କର ନାର୍ଯ୍ୟ ଅଧିକାରରୁ ବଞ୍ଚିତ କରିବା ପ୍ରତିବାଦରେ ବୁଧବାର ୮ଘଣ୍ଟିଆ ବନ୍ଦ ପାଳନ ସଫଳ ହୋଇଛି। ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସ୍ୱତଃପ୍ରବୃତ୍ତ ଭାବେ ନିଜ ଦୋକାନ ବନ୍ଦ ରଖିଥିବା ବେଳେ ସ୍କୁଲ, କଲେଜ, ବ୍ଲକ ଓ ତହସିଲ ମଧ୍ୟ ବନ୍ଦ ରହିଥିଲା। ସୋର–କୁପାରୀ ବସ୍ ସହିତ ସମସ୍ତ ଭାରିଯାନ ଚଳାଚଳ ବନ୍ଦ ରହିଥିଲା। ଖଇରା ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ବ୍ଲକ ଛକ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ବିକାଶ ପରିଷଦ, ଖଇରା ଜନଜାଗରଣ ମଞ୍ଚ,



ବ୍ଲକ ଛକରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଭିନ୍ନ ସଙ୍ଗଠନର ସଦସ୍ୟ।

ପ୍ରତିଭା ପରିବାର, ସାହିତ୍ୟ ସଂସଦ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେଶନ, ଖଇରା ସାମ୍ବାଦିକ ସଂଘ, ଆଞ୍ଚଳିକ ବ୍ରାହ୍ମଣ ସମିତି, ଲିଜେଣ୍ଡ ଲାୟନ୍ସ କ୍ଲବର କର୍ମକର୍ତ୍ତା ଏଥିରେ ସାମିଲ ହୋଇ ଖଇରାକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ଆମର ନ୍ୟାର୍ଯ୍ୟ ଅଧିକାର, ସରକାର ଖଇରାକୁ ଏନଏସି ଘୋଷଣା ନ କରିବା ଯାଏ ଆନ୍ଦୋଳନ, ସତ୍ୟାଗ୍ରହ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ସେପଟେ ଯଦି ଯଥାଶୀଘ୍ର ସରକାର ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନ ନିଅନ୍ତି ତେବେ ଖୁବଶୀଘ୍ର ଆମରଣ ଅନଶନ ପାଇଁ ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ମାରକପତ୍ର ବିଡିଓଙ୍କ ଜରିଆରେ ଜିଲାପାଳ, ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ସଚିବଙ୍କୁ ପ୍ରଦାନ କରାଯାଇଛି। ସଫଳତା ପାଇଁ ମଞ୍ଚ ତରଫରୁ ସମସ୍ତ ବ୍ୟବସାୟୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସ୍ୱତନ୍ତ୍ର ଟିକେଟ ଯାଞ୍ଚ ଅଭିଯାନ, ୫୮ ମାମଲା ରୁଜୁ

## ୨୬, ୨୩୦ଟଙ୍କା ଜରିମାନା ଆଦାୟ

ବାଲେଶ୍ୱର, ୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନରେ ଏକ ସ୍ୱତନ୍ତ୍ର ଟିକେଟ ଯାଞ୍ଚ ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଳ କର୍ତ୍ତୃପକ୍ଷ ଖୋର୍ଦ୍ଧାର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଆର୍ ବେହେରାଙ୍କ ତତ୍ତ୍ୱାବଧାନରେ ବିନା ଟିକେଟ୍ କିମ୍ବା ଅନିୟମିତ ଟିକେଟ୍ ସହିତ ଯାତ୍ରା କରୁଥିବା ଯାତ୍ରୀଙ୍କ ବିରୋଧରେ ୫୮ ମାମଲା ରୁଜୁ ହୋଇଥିଲା। ସେମାନଙ୍କଠାରୁ ମୋଟ୍ ୨୬ହଜାର ୨୩୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜରିମାନା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ଯାତ୍ରୀମାନଙ୍କୁ ସର୍ବଦା ବୈଧ ଟିକେଟ୍ କିମ୍ବା ପାସ୍ ସହିତ ଯାତ୍ରା କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଯାତ୍ରୀଙ୍କୁ ଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିବାକୁ ରେଲୱେ ପକ୍ଷରୁ କୁହାଯାଇଛି।

# ଡେଙ୍ଗୁପ୍ରବଣ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଟିମ୍



ଡେଙ୍ଗୁ ଅଞ୍ଚଳ ପରିଦର୍ଶନରେ ଯାଇଥିବା ସ୍ୱାସ୍ଥ୍ୟ ବିଭାଗ ଟିମ୍।

ଜଳେଶ୍ୱର, ୩।୯(ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଖୁଦିଆମାଝି ସାହି ପଞ୍ଚାୟତ ବେହେରାସାହି ଗ୍ରାମରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ୪ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର ୫୫ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା ଏବଂ ସେମାନଙ୍କ ରିପୋର୍ଟ ସବୁ ନେଗେଟିଭ ଆସିଛି। ବୁଧବାର ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଭୀଷ୍ମଚରଣ ପରିଡ଼ାଙ୍କ ନେତୃତ୍ୱରେ ଡେଙ୍ଗୁ ଅଞ୍ଚଳ ବେହେରାସାହି ପରିଦର୍ଶନ କରି ୩ଜଣଙ୍କ ରକ୍ତ ନମୁନା ମଧ୍ୟ ସଂଗ୍ରହ କରିଛନ୍ତି। ଏହି ଗ୍ରାମରେ କିପରି ଭାବରେ ପାଣି ଜମା ହୋଇ ନ ରହିବ ସେନେଇ ଗ୍ରାମବାସୀଙ୍କୁ ପରାମର୍ଶ ଦେବା ସହିତ ଗ୍ରାମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଏସ୍ଏଚ୍ଜି ମହିଳା ଜମା ରହିଥିବା ମଇଳା ପାଣି ସଫା କରିବା ସହିତ ସପ୍ତାହରେ ଗୋଟିଏ ଦିନ ଡ୍ରାଇ ଡେ ପାଳନ ପାଇଁ ପରାମର୍ଶ ଦେଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଣ୍ଟମୋଲୋଜିଷ୍ଟ ଜ୍ୟୋତିରଞ୍ଜନ କର, ଇନସେକ୍ଟ କଲେକ୍ଟର ବବିତା ପୁହାଣ, ଭାଗ୍ୟଶ୍ରୀ କର ଏବଂ ଆଶାକର୍ମୀ ପୁଷ୍ପଲତା ବେହେରା, ଭଲ୍ୟୁଣ୍ଟର ସାଜେଦା ବିବି ଓ ଫକୀରମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପାନ ଦୋକାନରୁ ଗଞ୍ଜେଇ ଜବତ, ମାଲିକ ଗିରଫ

ବସ୍ତା, ୩।୯(ହରିଶଙ୍କର ପାଢ଼ୀ)

ବସ୍ତା ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର ଭେଲୋରା ଛକ ନିକଟ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ପାନ ଦୋକାନରୁ ବୁଧବାର ବସ୍ତା ଅବକାରୀ ବିଭାଗ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି। ପେଟ୍ରୋଲ ପମ୍ପ ନିକଟରେ ପଦିମା ଗ୍ରାମର ସନ୍ତୋଷ ସିଂ ଦୀର୍ଘ ଦିନ ଧରି ପାନ ଦୋକାନ କରିଆସୁଥିଲେ। ତେବେ ବସ୍ତା ଅବକାରୀ ବିଭାଗ କୌଣସି ସୂତ୍ରରୁ ଗଞ୍ଜେଇ ଥିବା ଜାଣି ପାରି ଉକ୍ତ ଦୋକାନରେ ଚଢ଼ାଉ କରି ୫୦ଗ୍ରାମର ଗଞ୍ଜେଇ ଜବତ କରିବା ସହ ମାଲିକଙ୍କୁ ଗିରଫ କରିଛି।

# ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଲେ ବିଡିଓ

କାଳିପଦା, ୩।୯(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଡଗରା ଗ୍ରାମର ଭିନ୍ନକ୍ଷମ ସତ୍ୟପ୍ରକାଶ ମଣ୍ଡଳଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସରକାର ଏକ ପକ୍କା ଘର ଯୋଗାଇ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଛନ୍ତି। ମଙ୍ଗଳବାର ବିଡିଓ ରାଧାରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଏପିଓ ସୈମ୍ୟକାନ୍ତ ଦାସ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ସ୍ନେହାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ନିର୍ଦ୍ଧାରିତ ସମୟରେ ଗୃହ ଶେଷ କରିଥିବାରୁ ସେ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ସରପଞ୍ଚଙ୍କୁ ଆକ୍ରମଣ ଉଦ୍ୟମ

## କାର୍ଯ୍ୟାନୁଷ୍ଠାନ ପାଇଁ ଥାନାର ଦ୍ୱାରସ୍ଥ

ଖଇରା, ୩।୯(ଉତ୍କଳବନ୍ଧୁ ପଣ୍ଡା): ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସଙ୍କୁ ଆକ୍ରମଣ ଉଦ୍ୟମ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶତାଧିକ ସମର୍ଥକ ବୁଧବାର ସିମୁଳିଆ ଥାନା ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଗରସଙ୍ଗ ଗ୍ରାମର ରବୀନ୍ଦ୍ର ଦାସ ସୋମବାର ସନ୍ଧ୍ୟାରେ ଏକ ଲୁହାରଡ ନେଇ ସରପଞ୍ଚଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବେଳେ ଅଲେଖ ଜେନା ନାମକ ବ୍ୟକ୍ତି ଏଥିରେ ବାଧା ଦେଇଥିଲେ । ରବୀନ୍ଦ୍ର ଅନେକ ସମୟରେ ବଜାରରେ ଗାଳିଗୁଲଜ ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିଭଳି ଗରସଙ୍ଗରେ ବେଆଇନ ନିଶା କାରବାର ବ୍ୟାପକ ରୂପ ଧାରଣା କରିଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ସମର୍ଥକଙ୍କ ତରଫରୁ ଦାବି କରାଯାଇଛି।

# ‘ଶିକ୍ଷକ ମାନବ ଜାତିର ମାର୍ଗଦର୍ଶକ’

ସିମୁଳିଆ, ୩।୯(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅବଙ୍ଖୁଣା ପଞ୍ଚାୟତ ଅଧୀନ ରାମକୃଷ୍ଣପୁରର ‘କାଞ୍ଚନ କମଳା ଉଚ୍ଚ ବିଦ୍ୟାଳୟ’ରେ ଗତ ୨୫।୪।୮୮ ରୁ ୩୧।୭।୨୫ପର୍ଯ୍ୟନ୍ତ ଦୀର୍ଘ ୩୮ବର୍ଷ ଧରି ଏହ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ରୂପେ କାର୍ଯ୍ୟ ତୁଲାଇ ଆସୁଥିବା ଆଦର୍ଶ ଶିକ୍ଷକ ପ୍ରସନ୍ନ କୁମାର ଧଳଙ୍କୁ ବୁଧବାର ଏହି ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ନୂତନ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ଅତିଥିମାନେ ଶିକ୍ଷକ ଧଳଙ୍କ ଛାତ୍ର ବତ୍ସଳତା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ବଙ୍କବିହାରୀ ରାଉତ ପ୍ରସନ୍ନ ସାର୍ ମଣିଷ ତିଆରି କାରଖାନାର



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଧଳଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମାଲିକ ବୋଲି କହିଥିଲେ। ଖଇରା ବ୍ଲକ ସରସଙ୍ଗ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିବପ୍ରସାଦ ବଳ ଶିକ୍ଷକ ମାନବ ଜାତିର ମାର୍ଗଦର୍ଶକ ଓ ଶିକ୍ଷକଙ୍କ ଅବସର ନାହିଁ ବୋଲି କହିଥିଲେ । ଜଣେ ଶିକ୍ଷକ ଭଲ ପାଠକ ହୋଇ ନ ପାରିଲେ ଭଲ ଶିକ୍ଷକ ହୋଇପାରିବ ନାହିଁ ବୋଲି ରଘୁନାରାୟଣ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୁରାତନ ଛାତ୍ର ବସନ୍ତ କୁମାର ମହାନ୍ତି, ହଳଦୀପଦା ବ୍ଲକ ସମ୍ପାଦକ ହରିହର ଭୂୟାଁ, ଅବସରପ୍ରାପ୍ତ ବିଇଓ ଗଦାଧର ଦାସ, ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାସ ଓ ସମ୍ପାଦକ ବିଜୟ କୁମାର ପାତ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଅର୍ଜୁନ ଚରଣ ବଳ, ସରପଞ୍ଚ ଲକ୍ଷ୍ମୀଧର ବଳ, ବାହାନଗା ବ୍ଲକ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରବାସ ରଞ୍ଜନ ନାୟକ, ଓଷ୍ଟା ବ୍ଲକ ସଭାପତି ଭଗବାନ ବାରିକ, ବାଦଲ ଚନ୍ଦ୍ର ପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ କମଳାକାନ୍ତ ପତି, ହୃଷିକେଷ ପଣ୍ଡା, ଅଶୋକ କୁମାର ମହାନ୍ତି, ପଦ୍ମଲୋଚନ ଦାଶ, ସୂର୍ଯ୍ୟମଣୀ ବୋଇତି ପ୍ରମୁଖ ଥିଲେ। ବିଭିନ୍ନ ମହଲରୁ ବିଦାୟୀ ପ୍ରଧାନ ଶିକ୍ଷକ ଧଳଙ୍କୁ ଫୁଲତୋଡ଼ା, ଉପଢୌକନ ଓ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବିଦାୟୀ ଶିକ୍ଷକଙ୍କୁ ନିୟମିତ ବିଦ୍ୟାଳୟ ଆସିବା ପାଇଁ ବିଭିନ୍ନ ବର୍ଗରୁ ଅନୁରୋଧ କରାଯାଇଥିଲା। ବିଦ୍ୟାଳୟ ତାଙ୍କ ଜୀବନ, ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଶିକ୍ଷାଦାନ କରିଚାଲୁଥିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ପାଣି ମଞ୍ଚ ଆହ୍ୱାନ, ଛାତ୍ରୀ ଇତିଶ୍ରୀ ପଣ୍ଡୁଆ ସ୍ୱାଗତ ନୃତ୍ୟ ଓ ଛାତ୍ରୀମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା।

# ପାଣିରେ ବୁଡ଼ି ଯୁବକ ମୃତ

ବସ୍ତା, ୩।୯(ହରିଶଙ୍କର ପାଢ଼ି)

ବସ୍ତା ବ୍ଲକ ସିଂଲା ଥାନା ନାଇକୁଡି ପଞ୍ଚାୟତର ବାୟା ଗ୍ରାମରେ ପାଣିରେ ବୁଡି ଗୁରୁପଦ ମହାନ୍ତି(୪୬) ନାମକ ଯୁବକଙ୍କ ମୃତ୍ୟୁ ହୋଇଛି। ବୁଧବାର ସକାଳ ୬ଟା ବେଳେ ସେ ବିଲକୁ ସାର ପକାଇବାକୁ ଯାଇଥିଲେ। ତେବେ ୭ଟା ବେଳେ ଗ୍ରାମ ଆଉ କିଛି ଲୋକ ଉକ୍ତ ରାସ୍ତା ଦେଇ ବିଲକୁ ଯିବା ବେଳେ ବିଲ ପାଖରେ ପାଣି ଭର୍ତ୍ତି ଏକ ଖାଲୁଆ ଜାଗାରେ ଗୁରୁପଦ ପଡ଼ିଥିବା ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହଯୋଗରେ ତାଙ୍କୁ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଂଲା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ଅକ୍ଟୋବର ୧୪ରେ ଭୋଗରାଇରେ ଅର୍ଦ୍ଧବାର୍ଷିକ ପରୀକ୍ଷା

## ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରାଯିବ: ଶିକ୍ଷକ ସମନ୍ୱୟ ସମିତି



ବୈଠକରେ ଉପସ୍ଥିତ ଶିକ୍ଷକ ସମନ୍ୱୟ ସମିତିର କର୍ମକର୍ତ୍ତା।

ଭୋଗରାଇ, ୩।୯(ପ୍ରଦୀପ ଦାସ)

ଭୋଗରାଇ ବ୍ଲକରେ ପ୍ରାଥମିକ ସ୍ତରରୁ ହାଇସ୍କୁଲ ପର୍ଯ୍ୟନ୍ତ ପ୍ରଥମ ଅର୍ଦ୍ଧବାର୍ଷିକ ପରୀକ୍ଷା ଅକ୍ଟୋବର ୧୪ରୁ ଆରମ୍ଭ ହେବ। ଏନେଇ ମିଳିତ ସିଦ୍ଧାନ୍ତ ନିଆଯିବା ପରେ ଶିକ୍ଷକ ସମନ୍ୱୟ ସମିତି ଘୋଷଣା କରିଛି। ଏଥିପାଇଁ ଭୋଗରାଇ ସମନ୍ୱୟ ସମିତି ପକ୍ଷରୁ ମଙ୍ଗଳବାର ପ୍ରାଥମିକ ଏନପିଏସ ସଂଘ ଭବନରେ ସଂଘ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଏକ ବୈଠକ କରାଯାଇ ଏକକ ପରୀକ୍ଷା, ପ୍ରଶ୍ନପତ୍ର ଅଣାଯିବା ସହିତ ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ ରଖିବା ନିମନ୍ତେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଶିକ୍ଷକ ସମନ୍ୱୟ ସମିତି ମହାସଚିବ ନଟରଞ୍ଜନ ଘରାଇ, ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଓଷ୍ଟା ସମ୍ପାଦକ ବ୍ରଜଗୋପାଳ ଦାସ, ଏନପିଏସ ଶିକ୍ଷକ ସଂଘର ସଭାପତି ବଂଶୀଧର ମାଝୀ, ସମ୍ପାଦକ ଅଶୋକ କୁମାର ସାହୁ, ଓଲୋସ୍ତାର ସଭାପତି ଶ୍ୟାମାପଦ ଦତ୍ତ, ସମ୍ପାଦକ ତାପସ କୁମାର ପାତ୍ର, ପ୍ରଧାନ ଶିକ୍ଷକ ବାଲଗୋପାଲ ଦାସ, ଅଣଶିକ୍ଷକ ସଂଘ ସଭାପତି ସୁକୁମାର ଦାସ, ସିଆରସିସି ସ୍ୱାଗତ କୁମାର ସୁର ପ୍ରମୁଖ ଆଲୋଚନା କରିଥିଲେ।


# ଏଫ୍ଏମ୍ ବିଶ୍ୱବିଦ୍ୟାଳୟ | ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା

## ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ରରେ ନୂତନ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ

ବାଲେଶ୍ୱର, ୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ର ଆଧୁନିକ ଶିକ୍ଷାର ଏକ ନୂତନ ମାର୍ଗରେ ପଦାର୍ପଣ କରିଛି। ଅଗଷ୍ଟ ୩୦ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଦୂରାନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ପୁଣି ନୂତନ କରି ୧୧ଟି ସ୍ନାତକ ପାଠ୍ୟକ୍ରମର ଅନୁମୋଦନ ମିଳିବା ସହିତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ନୂତନ ସୁଯୋଗ ସୃଷ୍ଟି କରିଛି।

ସ୍ନାତକ ସ୍ତରରେ ଏବେ ଅର୍ଥନୀତି, ରାଜନୀତି ବିଜ୍ଞାନ, ସମାଜଶାସ୍ତ୍ର, ଇତିହାସ, ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ଶିକ୍ଷା ବିଷୟରେ ସମ୍ମାନ ସହିତ ବାଣିଜ୍ୟ, ବ୍ୟବସାୟ ପ୍ରଶାସନ, ପୁସ୍ତକାଳୟ ଓ ସୂଚନା ବିଜ୍ଞାନ ଏବଂ ସ୍ନାତକୋତ୍ତରରେ ପୁସ୍ତକାଳୟ ଓ ସୂଚନା ବିଜ୍ଞାନ ବିଷୟ ଆରମ୍ଭ ହୋଇଛି। ଏଥିସହିତ ପୂର୍ବରୁ ଚାଲିଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ଓଡ଼ିଆ, ଇଂରାଜୀ, ସଂସ୍କୃତ, ଅର୍ଥନୀତି, ରାଜନୀତି ବିଜ୍ଞାନ,





ଏଫ୍ଏମ୍ୟୁରେ ଦୂର ଓ ଆଭାଷୀ ଶିକ୍ଷା କେନ୍ଦ୍ର।

ଇତିହାସ, ସମାଜଶାସ୍ତ୍ର ଓ ଶିକ୍ଷାରେ ସ୍ନାତକୋତ୍ତର, ସମାଜସେବା ବିଭାଗ ଓ ବାଣିଜ୍ୟରେ ପ୍ରଦାନ କରାଯାଉଛି। ଗତ ଫେବୃୟାରୀରେ ଉକ୍ତ କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ୨୨୧ଜଣ ଛାତ୍ରୀଛାତ୍ର ବିବିଧ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ ଦେଇଥିବା ବେଳେ ବର୍ତ୍ତମାନ ଚାଲୁଥିବା ଜୁଲାଇ ପର୍ଯ୍ୟାୟରେ ୨୦୦ରୁ ଅଧିକ ଛାତ୍ରୀଛାତ୍ର ପଞ୍ଜିକରଣ କରିଛନ୍ତି। ଆଡମିଶନ୍ ପ୍ରକ୍ରିୟା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲୁଥିବାରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ସଫଳତା କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଦୃଢସଙ୍କଳ୍ପ ଓ ଉଚ୍ଚ ଶିକ୍ଷା ପ୍ରତି ସର୍ବୋଚ୍ଚ ପରିକଳ୍ପନା, ଓ ସମସ୍ତଙ୍କୁ ପ୍ରେରଣା ଦେବାର କ୍ଷମତାକୁ ସ୍ପଷ୍ଟ କରେ।

କୁଳପତି ପ୍ରଫେସର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଇଣ୍ଟରଫେସ୍ ମିଟିଂରେ ବିଭାଗୀୟ ମୁଖ୍ୟ ତଥା ନିୟୋଜିତ ଅଧ୍ୟାପକ–ଅଧ୍ୟାପିକାଙ୍କ ଉପସ୍ଥିତିରେ ପାଠ୍ୟସାମଗ୍ରୀ ପ୍ରସ୍ତୁତି, ଅଧ୍ୟାପିକାଅଧ୍ୟାପକଙ୍କ ପ୍ରଶିକ୍ଷଣ ଓ ପ୍ରକ୍ରିୟାଗତ କାର୍ଯ୍ୟସୂଚୀ ସମ୍ବନ୍ଧିତ ବିଭିନ୍ନ ଆଲୋଚନା କରାଯାଇଥିଲା। ଏହାର ମୁଖ୍ୟ କାର୍ଯ୍ୟାଳୟ ରେମୁଣାସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ କାର୍ଯ୍ୟକ୍ଷମ କରୁଛି। ଏହି ପରିପ୍ରେକ୍ଷୀରେ ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ. ମୁନେଶ ଚନ୍ଦ୍ର ଅଧିକାରୀ ଓ ଡେପୁଟି ରେଜିଷ୍ଟ୍ରାର ଡ. ଦେବଦତ୍ତ ଦାସ ଆରମ୍ଭ ହେବାକୁ ଯାଉଥିବା ସ୍ନାତକ ପାଠ୍ୟକ୍ରମଗୁଡିକର ସଫଳ କାର୍ଯ୍ୟାନ୍ୱୟନ ନେଇ ଆଶାପୋଷଣ କରିଛନ୍ତି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

**ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)**

ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ବାଙ୍କି ଥାନା ଅନ୍ତର୍ଗତ ସିଂହନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)। ସୂର୍ଯ୍ୟକାନ୍ତ ମଙ୍ଗଳବାର ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ନିଶା ନିବାରଣ କେନ୍ଦ୍ର (ଡିଅର୍ ଲାଇଫ୍ ହିଲିଂ ଆଣ୍ଡ୍ ୱେଲନେସ୍ ସେଣ୍ଟର) କର୍ତ୍ତୃପକ୍ଷ ପୋଲିସକୁ କହିଛନ୍ତି। ହେଲେ ପରିବାର ଲୋକେ ଏହି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଦାଦା ପ୍ରଶାନ୍ତ କୁମାର ମହାପାତ୍ର ଭରତପୁର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୫୧୮/୨୦୨୫) ପଞ୍ଜୀକୃତ କରି ତଦନ୍ତ ଆରମ୍ଭ କରିଛି। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ

**ହତ୍ୟା ମାମଲା ରୁଜୁ କରି ପୋଲିସର ତଦନ୍ତ**

**■ ୪ ଦିନ ତଳେ ଆସିଥିଲେ**

ପରେ ସୂର୍ଯ୍ୟକାନ୍ତଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଉକ୍ତ ନିଶା ନିବାରଣ କେନ୍ଦ୍ରର କର୍ତ୍ତୃପକ୍ଷ ଓ ଅନ୍ତେବାସୀଙ୍କୁ ପଚରାଉଚରା କରିଛି। ଏଥିସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ସତ୍ୟତା ଜାଣିବାକୁ ଚେଷ୍ଟା କରୁଛି।

ମିଳିଥିବା ସୂଚନା ଅନୁସାରେ, ସଞ୍ଜୟ ମହାପାତ୍ରଙ୍କ ପୁଅ ସୂର୍ଯ୍ୟକାନ୍ତ ନିଶାସେବନ ଛାଡୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ଗତ ୨୯ ତାରିଖରେ ସୂର୍ଯ୍ୟକାନ୍ତଙ୍କୁ ପରିବାର ଲୋକ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଛନ୍ତି ବୋଲି ମଙ୍ଗଳବାର ୪ଟାରେ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ତାଙ୍କ ଦାଦା


ସୂର୍ଯ୍ୟକାନ୍ତ ମହାପାତ୍ର

ପ୍ରଶାନ୍ତଙ୍କୁ କଲ୍ କରି ଜଣାଇଥିଲେ। ଭରତପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ସୂର୍ଯ୍ୟକାନ୍ତଙ୍କୁ ଅଣାଯାଇଥିବା କହିବାରୁ ଗାଁରୁ ପରିବାର ଲୋକେ ରାଜଧାନୀକୁ ଆସିଥିଲେ। ଏନେଇ ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ମାମଲାକୁ ତଦନ୍ତ କରାଯାଉଛି। ମୃତକଙ୍କ ଶରୀରର କୌଣସି ସ୍ଥାନରେ ମାଡ଼ ଦାଗ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ବାରମ୍ବାର ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ଏଭଳି ଅଭାବନୀୟ ଘଟଣା ଘଟୁଥିବାରୁ ଚିନ୍ତା ସୃଷ୍ଟି କରୁଛି। ପିପିଲି ଗୁଡିଆପୋଖରୀ ଛକସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ଜଣେ ଅନ୍ତେବାସୀଙ୍କୁ ହତ୍ୟା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପିପିଲି ପୋଲିସ ୭ଜଣଙ୍କୁ ଗିରଫ କରିଥିଲା। ପୂର୍ବରୁ ରାଜଧାନୀରେ ଏକାଧିକ ନିଶା ନିବାରଣ କେନ୍ଦ୍ରରେ ଏଭଳି ବିଭିନ୍ନ ଘଟଣା ଘଟିଥିବା ନଜିର ରହିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜରିଆରେ ଏନ୍‌ଜିଓ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ନିଶା ନିବାରଣ କେନ୍ଦ୍ର କରିବାକୁ ଅନୁମତି ଦିଆଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଏସ୍‌ଓପି ମଧ୍ୟ ରହିଛି। ହେଲେ ଅନେକ କ୍ଷେତ୍ରରେ ଏସ୍‌ଓପିର ଅନୁପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ବୁଧବାର ଯେଉଁ ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି, ତାହା ସରକାରୀ ସ୍ୱୀକୃତିପ୍ରାପ୍ତ କି ନୁହେଁ ସେନେଇ ଯାଞ୍ଚ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ନିଶା ଅଭ୍ୟାସ ଛଡ଼ାଇବାକୁ ପରିବାର ଲୋକେ ନିଶା ନିବାରଣ କେନ୍ଦ୍ରରେ ସମ୍ପର୍କୀୟଙ୍କୁ ଭର୍ତ୍ତି କରାଉଛନ୍ତି। ଏଥିପାଇଁ ବହୁ ଅର୍ଥ ଖର୍ଚ୍ଚ ମଧ୍ୟ କରୁଛନ୍ତି। ହେଲେ ଉକ୍ତ କେନ୍ଦ୍ରରେ ଅନ୍ତେବାସୀଙ୍କ ପ୍ରତି ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଯିବା କଥା ସେଭଳି କରାଯାଉ ନାହିଁ। ଏପରି କି ଆବଶ୍ୟକତା ଅନୁସାରେ ଅନ୍ତେବାସୀଙ୍କୁ କାଉନ୍‌ସେଲିଂ ଠିକ୍ ଭାବେ କରାଯାଇ ନ ପାରିବାରୁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ମାନସିକ ବିଶେଷଜ୍ଞ ମତ ଦେଉଛନ୍ତି।

# ନାବାଳକଙ୍କ ସମେତ ପରିବାରର ୬ ଜଣଙ୍କୁ ଆଜୀବନ କାରାଦଣ୍ଡ

**କ୍ଷେତ ଭିତରେ ପଶି ଆକ୍ରମଣ ସହ ଟ୍ରାକ୍ଟର ମଡ଼ାଇ ହତ୍ୟା ଘଟଣା**

**ନବରଙ୍ଗପୁର,୩।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ବାରମାସୀ ଗାଁରେ ୨୦୨୨ ଅଗଷ୍ଟ ୯ରେ ସଂଗଠିତ ଏକ ହତ୍ୟା ମାମଲାର ବିଚାରକରି ବୁଧବାର ନବରଙ୍ଗପୁର ଅତିରିକ୍ତ ଜିଲା ଦୌରା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଗୋଟିଏ ପରିବାରର ୬ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ୨୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ଜଣେ ନାବାଳକଙ୍କ ସମେତ ୬ ଜଣଙ୍କୁ ଆଜୀବନ କାରାଦଣ୍ଡ, ୧୦ହଜର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, କୋଡିଙ୍ଗା ଥାନା ଅଧୀନ ବାରମାସୀ ଗାଁର ଏକ ଚାଷଜମିରେ ପଦଲାମ ପୂଜାରୀ, ଡମ୍ବରୁ ପୂଜାରୀ, ମାଳତୀ ପୂଜାରୀ, କନକ ପୂଜାରୀ ଓ ଭଗବତୀ ପୂଜାରୀ ପ୍ରମୁଖ ବିହ୍ନ ତୋଳୁଥିଲେ। ଏହି ସମୟରେ ଜମିଜମା ବିବାଦକୁ କେନ୍ଦ୍ର କରି ଅନନ୍ତ ପୂଜାରୀ, ଶିବଶଙ୍କର ପୂଜାରୀ, ଚନ୍ଦନ ପୂଜାରୀ, ତୁମ୍ବର ପୂଜାରୀ, ଡାଳିମ୍ବ ପୂଜାରୀ ଓ ଜଣେ ନାବାଳକ ମାରଣାସ୍ତ୍ର ଧରି ପାଟିତୁଣ୍ଡ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଚନ୍ଦନ ଓ ତୁମ୍ବର ଉତ୍ତ୍ୟକ୍ତ ହୋଇ ପଦଲାମ ଓ ଡମ୍ବରୁ ପୂଜାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏପରି କି ଶିବା ପୂଜାରୀ ଓ ଅନ୍ୟ ଜଣେ ସେମାନଙ୍କ ଗୋଡ଼ ଉପରେ ଟ୍ରାକ୍ଟର ମଡ଼ାଇ ଦେଇ ପଳାଇଥିଲେ। ଖବରପାଇ ଡମ୍ବରୁଙ୍କ ଭାଇ ଭରତ ପୂଜାରୀ ଗୁରୁତର ଅବସ୍ଥାରେ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଭାଇ ଭରତ ପୂଜାରୀ କୋଡିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏତଲା ଆଧାରରେ କୋଡ଼ିଙ୍ଗା ପୋଲିସ ଏକ ମାମଲା(ନଂ. ୧୧୪/୨୦୨୨) ରୁଜୁକରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। କୋର୍ଟ କେସ୍ ନମ୍ବର ୭୫/୨୦୨୨ ଓ ଜୁଭେନାଇଲ କୋର୍ଟ କେସ୍ ନମ୍ବର ୭/୨୦୨୨ରେ ମାମଲା ରୁଜୁହୋଇ ଘଟଣାଟି ବିଚାରାଧୀନ ଥିଲା। ମାମଲାଟିକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ପରିଚାଳନା କରୁଥିଲେ।

# ଗଣିତ ଆସିଲାନି ବୋଲି ଛାତ୍ରୀଙ୍କୁ ନିସ୍ତୁକ ମାଡ଼

**ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା**

**ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଫେଜ୍-୨ସ୍ଥିତ ଏକ ଘରୋଇ ସ୍କୁଲରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ଗଣିତ ଆସିଲା ନାହିଁ ବୋଲି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ମାଡ଼ମାରି ଲହୁଲୁହାଣ କରିଛନ୍ତି। ଆହତ ଛାତ୍ରୀଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଯଦୁପୁର ଗାଁର ମିର୍ଜା ଅସଦ୍ ବେଗ୍‌ଙ୍କ ଝିଅ। ମାଡ ଫଳରେ ଛାତ୍ରୀଙ୍କ ଆଖିରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଏନେଇ ବାପା ଅସଦଙ୍କ ଏତଲାକ୍ରମେ ଖଣ୍ଡଗିରି ପୋଲିସ ବୁଧବାର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଅସଦ୍‌ଙ୍କ ଝିଅ ମଙ୍ଗଳବାର ସକାଳୁ ସ୍କୁଲକୁ ଯାଇଥିଲେ। ବିଦ୍ୟାଳୟରେ ଗଣିତ ଶିକ୍ଷୟିତ୍ରୀ ହରଣ ପଢାଇବା ସମୟରେ ଛାତ୍ରୀ ଜଣକ ବୁଝିପାରି ନ ଥିଲେ। ସେ ଶିକ୍ଷୟିତ୍ରୀଙ୍କୁ ଏକାଧିକ ଥର ପ୍ରଶ୍ନ କରିଥିଲେ। ଏଥିରେ ବିରକ୍ତି ହୋଇ ଶିକ୍ଷୟିତ୍ରୀ ଜଣକ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କ ଆଖିରେ ଆଘାତ ଲାଗିଥିଲା। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରୀଙ୍କୁ ନେଇ ଏକ ଚକ୍ଷୁ ଡାକ୍ତରଖାନାକୁ ଯାଇଥିଲେ। ତାଙ୍କ ଆଖିର ସମସ୍ତ ପ୍ରକାର ପରୀକ୍ଷା କରାଯାଇ ତୁରନ୍ତ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରି ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିସ୍ଫୋରକ ଜବତ, ୧୭ ମାଓବାଦୀ ଗିରଫ


ଗିରଫ ହୋଇଥିବା ମାଓବାଦୀ ।

**ମାଲକାନଗିରି, ୩।୯(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ବିଜାପୁର ଜିଲା ପୋଲିସ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୧୭ ମାଓବାଦୀଙ୍କୁ ଗିରଫ କରିଛି। ବିଜାପୁର ଜିଲା ସିଆରପିଏଫ ଓ କୋବ୍ରା ବାହିନୀ ମିଳିତ ଭାବେ ମାଓବାଦୀ ଦମନରେ ବାହାରିଥିବା ବେଳେ ବିଜାପୁର ଜିଲା ଗଙ୍ଗାଲୁର, ବାସାଗୁଡା ଓ ଜଙ୍ଗଲା ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ବାସାଗୁଡା ଥାନା ଅଞ୍ଚଳରୁ ୨ ଜଣ, ଗଙ୍ଗାଲୁର ଥାନା ଅଞ୍ଚଳରୁ ୬, ଜଙ୍ଗଲା ଥାନା ଅଞ୍ଚଳରୁ ୯ ଜଣଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ନଡଗୁ ବେକ, ବେଟି ମାଡବି, ବୋଡା ବେକୋ, ପାକଲୁ ଫରସା, ବାମନ କବାସୀ, ମୁନ୍ନା କୁହରାମୀ,ମୁନ୍ନା ବେକୋ, ମୁନ୍ନା କୁହରାମୀ, ବୁଧରୁ ଓରଫ ବଧରୁ ବାରସା, ଭୀମା ବାରସେ, ମାଡବି ପାଲା, ଜୋଗା ମାଡବି, କଲମୁ ମନକୀ, ବୁଦରୀ ବାରସେ, କଲମୁ ଫୁଲୋ, ନନ୍ଦା କୁାମ, ଭୀମା ମଡକମା ଏହି ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ ।

ଏମାନଙ୍କ ନିକଟରୁ ବିସ୍ଫୋଟକ, ପ୍ରଚାରପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପଚରାଉଚୁରା ବେଳେ ଏମାନେ ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ୍ କରି ଆଇଇଡି ବିସ୍ଫୋରଣ ଲାଗି ବିସ୍ଫୋଟକ ଓ ପ୍ରଚାର ସାମଗ୍ରୀ ଏକତ୍ର କରିଥିଲେ ।

# ଗଞ୍ଜେଇ କାରବାରରେ ଯୁବନେତା

**କାର୍ ସହ ୫୪ କେଜି ଗଞ୍ଜେଇ ଜବତ**

**ଫୁଲବାଣୀ/ଖଜୁରିପଡ଼ା, ୩।୯ (ରାକେଶ କୁମାର ରାଉତ/ ବିଦୁର ବେହେରା)**

ଫୁଲବାଣୀ ସଦର ଅବକାରୀ ବିଭାଗ ଖଜୁରିପଡ଼ା ଥାନା ଭେଟଖୋଲ ଘାଟି ପାଖରେ ବୁଧବାର ଗାଡ଼ି ଯାଞ୍ଚ କଲାବେଳେ ଏକ କାର୍‌ରୁ ୩ ବସ୍ତା ଗଞ୍ଜେଇ ଜବତ କରିଛି। କାର୍ ସହ ଉକ୍ତ ଗଞ୍ଜେଇ ଜବତ କରାଯାଇଥିବା ବେଳେ ରଘୁପତି କହଁର ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଡିମିରିଗୁଡ଼ାର ରଘୁପତି ଏକ ରାଜନୈତିକ ଦଳର ଯୁବନେତା ବୋଲି କୁହାଯାଉଛି। ସଦର ଅବକାରୀ ଅଧିକାରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ ଏବଂ ଅନ୍ୟ କର୍ମଚାରୀମାନେ ଭେଟଖୋଲ ଘାଟିରେ ପାଟ୍ରୋଲିଂ ସହ ଚେକିଂ କରୁଥିଲେ। ଏହି ସମୟରେ ଏକ କାର ବୌଦ୍ଧ ଅଭିମୁଖେ ଆସୁଥିଲା। ସନ୍ଦେହ ହେବାରୁ ତାହାକୁ ଅଟକାଇ ଯାଞ୍ଚ କଲାବେଳେ ସେଥିରୁ ୩ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇର ପରିମାଣ ୫୪ କେଜି । ଗାଡ଼ି ସହ ରଘୁପତିଙ୍କୁ ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏ ନେଇ ନଂ.୧୦୬/୨୫ରେ ମାମଲା ରୁଜୁ କରାଯାଇ ରଘୁପତିଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ରଘୁପତି ଗଞ୍ଜେଇ ଚାଲାଣ କରି ଅବକାରୀ ବିଭାଗ ହାତରେ ଧରାପଡ଼ି ଜେଲ ଯାଇଥିଲେ। କିଛି ବର୍ଷ ହେବ ସେ ପ୍ରମାଣ ଅଭାବରୁ ଖଲାସ ହୋଇଥିଲେ, ଯାହାକୁ ନେଇ ସବୁଠି ଚର୍ଚ୍ଚା, ଆଲୋଚନା ଜୋର୍ ଧରିଥିଲା ।

# ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା

**ବାଙ୍ଗିରିପୋଷି,୩।୯(ସଞ୍ଜୟ କୁମାର ଅଗ୍ରୱାଲ)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଚାଉଳଘୋରି ଗାଁରେ ଘଟିଛି ଏକ ହତ୍ୟାକାଣ୍ଡ। ଘରୋଇ କଳହକୁ କେନ୍ଦ୍ରକରି ଉତ୍ତ୍ୟକ୍ତ ସ୍ୱାମୀ ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ମୀନା ସିଂ(୨୭)। ଅଭିଯୁକ୍ତ ସ୍ୱାମୀ ବୀର ସିଂ (୩୫) ଓ ତାଙ୍କ ମା' ଏବଂ ଭଉଣୀଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ସ୍ୱାମୀ ବୀର ଉତ୍‌କ୍ଷିପ୍ତ ହୋଇ ଏକ ପଥରରେ ମୀନାଙ୍କ ମୁଣ୍ଡକୁ ଛେଚିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡ ପରେ ବୀର ମୃତଦେହ ଲୁଚାଇବା ପାଇଁ ଚେଷ୍ଟା କରିଥିଲେ ବୋଲି ପୋଲିସ କହିଛି। ବାଙ୍ଗିରିପୋଷି ପୋଲିସ ଏକ ମାମଲା (ନଂ.୨୫୫/୨୫) ରୁଜୁକରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି।

# ଯୁବକଙ୍କୁ ଛୁରି ଭୁସି ହତ୍ୟା, ଜଣେ ଗିରଫ

**ସମ୍ବଲପୁର,୩।୯(ପ୍ରମୋଦ ବହିଦାର)**

ସମ୍ବଲପୁର ଧନୁପାଲି ଥାନା ଭୁତାପଡ଼ା ଓରାମପଡ଼ାର ଏକ ମଦଭାଟି ନିକଟରେ ବୁଧବାର ସକାଳେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ମୋତିଝରଣ ଗୁଆଲାପଡ଼ାର ମହମ୍ମଦ ରିଙ୍କୁ ଓରଫ ଛୋଟୁ(୨୫)। ଏହି ଘଟଣାରେ ଧନୁପାଲି ଥାନା ପୋଲିସ ଅଭିଯୁକ୍ତ କଚେରି ନିକଟ ବ୍ୟାଙ୍କ କଲୋନୀର କାଳିଆ ଓରଫ ପ୍ରମୋଦ କଲେତ(୩୦)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ଧମକ ଦେଇ ରିଙ୍କୁ ଟଙ୍କା ଲୁଟିବାକୁ ଉଦ୍ୟମ କରୁଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ମୃତକଙ୍କ ବଡ଼ଭାଇ ମହମ୍ମଦ ସୈଫଙ୍କ ଏତଲାକ୍ରମେ ଧନୁପାଲି ଥାନାରେ ଏକ

**ମୃତକଙ୍କ ନାମରେ ରହିଛି ୧୩ ଆପରାଧିକ ମାମଲା**

ମାମଲା(ନଂ.୩୦୭/୨୫)ରୁଜୁ ହୋଇଛି। ଅଭିଯୁକ୍ତ କାଳିଆଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ମଣ୍ଡଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ନାମରେ ଧନୁପାଲି ଥାନାରେ ନିଶା କାରବାର, ଲୁଟ୍, ମରଣାନ୍ତକ ଆକ୍ରମଣ, ଚୋରି, ଡକାୟତି, ମାରପିଟ୍ ଆଦି ୧୩ଟି ଆପରାଧିକ ମାମଲା ରହିଛି ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ, ବୁଧବାର ସକାଳେ ମୃତକ ରିଙ୍କୁ କୌଣସି କାମରେ ଓରାମପଡ଼ାରେ ଥିବା ଏକ ମଦଭାଟି ନିକଟକୁ ଯାଇଥିଲେ। ସେଠାରେ


ଗିରଫ ଅଭିଯୁକ୍ତ ପ୍ରମୋଦ କଲେତ।

କାଳିଆ ତାଙ୍କୁ ଏକାକୀ ଦେଖି ଏକ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ରିଙ୍କୁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ତାଙ୍କ ବଡ଼ଭାଇ ମହମ୍ମଦ ସୈଫ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ରିଙ୍କୁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧନୁପାଲି ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରିଙ୍କୁଙ୍କ ବଡ଼ଭାଇ ମହମ୍ମଦ ସୈଫ୍ ତାଙ୍କ ଏତଲାରେ ଦର୍ଶାଇଛନ୍ତି, କୌଣସି କଥାକୁ ନେଇ ୪ଦିନ ତଳେ ବ୍ୟାଙ୍କ କଲୋନୀର କାଳିଆ ଓରଫ ପ୍ରମୋଦ କଲେତ ଏବଂ ତାଙ୍କ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ମଙ୍ଗଳବାର ମଧ୍ୟ ତାଙ୍କ ଭାଇଙ୍କୁ ପୁଣିଥରେ କାଳିଆ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ବୁଧବାର ଏକୁଟିଆ ଦେଖି ସେ ତାଙ୍କ ଭାଇଙ୍କୁ ହତ୍ୟା କରିଛନ୍ତି ବୋଲି ସୈଫ ଏତଲାରେ ଦର୍ଶାଇଛନ୍ତି।


# ନର୍ସିଂଛାତ୍ରୀଙ୍କୁ ନଗ୍ନ ଫଟୋ, ଭିଡିଓ ପଠାଇ ଯୁବକ ଗିରଫ


ଗିରଫ ଅଭିଜିତ ପାତ୍ର।

**ମଙ୍ଗୁଳି-ଜଗତପୁର, ୩।୯ (ମାନସ ସାମଲ)**

ଟାଙ୍ଗୀସ୍ଥିତ ଏକ ବିଶ୍ୱବିଦ୍ୟାଳୟର ଜଣେ ନର୍ସିଂଛାତ୍ରୀଙ୍କୁ ନଗ୍ନ ଫଟୋ ଓ ଭିଡିଓ ପଠାଇବା ସହ ଭିଡିଓ କଲରେ କଥା ହେବାକୁ ବାଧ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଯୁବକଜଣଙ୍କ ହେଲେ ବାଲେଶ୍ୱର ଜିଲା ନିଜାମପୁର ଗ୍ରାମର ଅଭିଜିତ ପାତ୍ର(୨୨)। ପୋଲିସ ସୂଚନା ମୁତାବକ, ଅଭିଜିତ ଟାଙ୍ଗୀସ୍ଥିତ ବିଶ୍ୱବିଦ୍ୟାଳୟର ବି.ଏସ୍.ସି. ନର୍ସିଂ ହଷ୍ଟେଲର ଏକାଧିକ ଛାତ୍ରୀଙ୍କୁ ହ୍ୱାଟ୍ସଆପ୍ ଚାଟିଂ, ନଗ୍ନ ଫଟୋ ଓ ଭିଡିଓ ପଠାଇବା ସହ ଭିଡିଓ କଲରେ କଥା ହେବାକୁ ବାଧ କରୁଥିଲେ। ଏନେଇ ଛାତ୍ରୀମାନେ ପ୍ରିନ୍ସିପାଲଙ୍କୁ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୮୫/୨୫) ରୁଜୁ କରି ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର ତଦନ୍ତ କରିଥିଲେ। ପୋଲିସ ଏକ ଟିମ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ବୁଧବାର ସକାଳୁ ବାଲେଶ୍ୱରରୁ ଗିରଫ କରିଥିଲା।

# ରାତିରେ ମାରଣାସ୍ତ୍ର ଧରି ବୁଲୁଛନ୍ତି ଅପରାଧୀ



**ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)**

ପାର୍ବଣ ପୂର୍ବରୁ କମିଶନରେଟ୍ ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଅପରାଧୀ ମାରଣାସ୍ତ୍ର ଧରି ବୁଲୁଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏପରିକି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରିବାକୁ ଏକତ୍ର ହୋଇଥିବା କୁହାଯାଉଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା

**ସିସିଟିଭିରେ କଏଦ ହେଲା ଦୃଶ୍ୟ**

ଖବର ଶୁଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ତେବେ ଏହାର ସିସିଟିଭି ଭିଡିଓ ଭାଇରାଲ ହୋଇଛି। ଏନେଇ ସ୍ଥାନୀୟ ମହାବିନାୟକ ଦୁର୍ଗାପୂଜା କମିଟି ପକ୍ଷରୁ ଭରତପୁର ଥାନାରେ ଏତଲା ହୋଇଛି। ପୋଲିସ ଏକ ମାମଲା (ନଂ.୫୧୭/୨୦୨୫) ରୁଜୁ କରି ତଦନ୍ତ କରୁଛି। କିଛି ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଥିବା ଜଣାପଡ଼ିଛି।

**ଭେଣ୍ଡିଂଜୋନରେ ମହିଳାଙ୍କୁ ହତ୍ୟା ଘଟଣା**

# ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ

**ପଟ୍ଟାମୁଣ୍ଡାଇ, ୩।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପୌର ପରିଷଦ ଭେଣ୍ଡିଂ ଜୋନ କ୍ୟାବିନରେ ମହିଳା ବନିତା ରାଉତ ହତ୍ୟାକାଣ୍ଡ ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପରିଡା ଓରଫ ଚକୁଲିଙ୍କୁ ମଙ୍ଗଳବାର ଗିରଫ କରିଛି। ପୋଲିସ ଚକୁଲିଙ୍କୁ ବୁଧବାର ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦାଶେଖର ସାହୁ ଖବରଦାତାଙ୍କୁ ଦେଇଥିବା ସୂଚନା ଅନୁସାରେ ଅଗଷ୍ଟ ୨୮ରେ ବନିତା ନିଖୋଜ ନେଇ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନିଖୋଜ ମାମଲା ରୁଜୁ ହୋଇଥିଲା। ପରେ ୩୧ ତାରିଖରେ

**ହତ୍ୟା ଘଟଣାର ପର୍ଦ୍ଦାଫାଶ କଲେ ଅତିରିକ୍ତ ଏସ୍‌ପି**

ଭେଣ୍ଡିଂ ଜୋନ୍ କ୍ୟାବିନ୍ ମାଲିକ ଦୋକାନରୁ ଦୁର୍ଗନ୍ଧ ଆସୁଥିବା ଏବଂ ଜରିପାଲରେ କିଛି ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବନିତାଙ୍କ ଗଳିତ ମୃତଦେହ ଜବତ କରିଥିଲେ। ଏହାର ୩ ଦିନ ପରେ ପୋଲିସର ଏକ ଟିମ୍ ଯାଜପୁର ଜିଲା ପାଣିକୋଇଲି ପାଖ ଆଖୁବିଲରୁ ଅଭିଯୁକ୍ତ ଚକୁଲିଙ୍କୁ ମଙ୍ଗଳବାର ଗିରଫ କରିଥିଲେ।

ପୋଲିସ ସୂଚନା ମୁତାବକ, ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ବନିତା ରାଉତ ନିଜ ପୁଅର ପାଠପଢ଼ା ପାଇଁ ପଟ୍ଟାମୁଣ୍ଡାଇ ବେଲତଳ ଅଞ୍ଚଳରେ ରହି ଆସୁଥିଲେ। ସେଠାରେ ଯାଜପୁର ଜିଲା ବରୀ ଅଞ୍ଚଳର ଚକୁଲି ରହୁଥିଲେ। ତାଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିବାରୁ ବନିତା ଧାରସୂତ୍ରରେ ଚକୁଲିଙ୍କଠାରୁ ୮୦ ହଜାର ଟଙ୍କା ନେଇଥିଲେ। ବିଭିନ୍ନ ସମୟରେ ଚକୁଳି ବନିତାଙ୍କୁ ପଇସା ମାଗୁଥିଲେ। ସେ ସୁଧ ବାବଦରେ ୫ ହଜାର ଟଙ୍କା ଫେରାଇ ଥିଲେ। ଅଗଷ୍ଟ ୨୮ ଅପରାହ୍ନ ସାଢ଼େ ୩ଟାରେ ବନିତା ୮ ବର୍ଷର ପୁଅକୁ ବାହାରପଟୁ କବାଟ ଦେଇ ଚକୁଳିଙ୍କ ଦୋକାନକୁ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବନିତା ରାଗି ଯାଇ ଚକୁଳିଙ୍କ ତଣ୍ଟିକୁ ଧରିଥିଲେ। ମାତ୍ର ଚକୁଳି ପ୍ରତିରୋଧ କରିବାକୁ ଯାଇଁ ବନିତାଙ୍କୁ ପାଲଟା ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବନିତା ତଳେ ପଡି ଯାଇଥିଲେ। ପରେ ଚକୁଳି ଏକ ସେଲୋ ଟେପରେ ବନିତାଙ୍କ ମୁହଁ ହାତ ଓ ଏକ ଟିଉରେ ତାଙ୍କ ବେକକୁ ଚାପି ମାରି ଦେଇଥିଲେ। ଏନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ନଂ. ୨୬୬/୨୫ରେ ମାମଲା ରୁଜୁ କରିଥିଲା।

# ଗୋମାଂସ ବୋଝେଇ ଆଇଚର୍ ଅଟକ, ୪ ଗିରଫ

**ଭଦ୍ରକ,୩।୯(ସନାତନ ରାଉତ)**

ଭଦ୍ରକ ଜିଲା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ବାରିକପୁର ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ଗୋମାଂସ ବୋଝେଇ ଆଇଚର୍‌କୁ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଜବତ କରିଛି। ଗାଡ଼ିରେ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଏକ ଆଇଚର୍ (ନଂ. ଡବ୍ଲୁବି ୨୫କେ ୫୦୧୪) ରେ ଗୋମାଂସ ବୋଝେଇ ହୋଇ ଯାଉଥିବାର ଖବରପାଇ ବାରିକପୁର ଛକ ନିକଟରେ ଗୋରକ୍ଷକମାନେ ଗାଡ଼ିକୁ ଅଟକାଇ ଗ୍ରାମାଞ୍ଚଳ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଗାଡ଼ିକୁ ଥାନାକୁ ଆଣିବା ସହ ଟ୍ରକ୍‌ରେ ଥିବା ପଶ୍ଚିମବଙ୍ଗର ମିନାଜ ମଣ୍ଡଳ, ଆଲାମ ଗିରି ହୋସେନ, ଜାହାଙ୍ଗୀର ମଣ୍ଡଳ, ହବିବୁଲ ରହେମାନ ମଲ୍ଲିକଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଗିରଫ କରିଛି। ମାଛ ବୋଝେଇ କରାଯାଉଥିବା ସୋଲ ବାକ୍ସରେ ଗୋମାଂସ ବୋଝେଇ କରି ଆଇଚର୍‌ଟି କଟକରୁ ପଶ୍ଚିମବଙ୍ଗ ଯାଉଥିବା ବେଳେ ବାଲେଶ୍ୱର ନିକଟରେ ଗାଡ଼ିକୁ କିଛି ଲୋକ ପିଛା କରିବାରୁ ଗାଡ଼ିଟି ପୁଣିଥରେ କଟକ ଅଭିମୁଖେ ଫେରିଆସୁଥିଲା ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ନୀରଜ ସାମଲ କହିଛନ୍ତି। ଏ ନେଇ ଥାନାରେ ମାମଲା (ନଂ ୫୦୨/୨୫) ରୁଜୁ ହୋଇଛି।


ଜବତ ହୋଇଥିବା ଗୋମାଂସ ବୋଝେଇ ଗାଡ଼ି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରପ୍ତାନି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି

### ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନ

ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)

ରପ୍ତାନି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି। ବିଭିନ୍ନ ଦେଶରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ମଧ୍ୟ ରପ୍ତାନି ବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ତେଣୁ ଓ ରପ୍ତାନିକାରୀ ବନ୍ଧୁଗଣ ଏହି ସୁଯୋଗର ସଦୁପଯୋଗ କରି ବିକଶିତ ଓ ଗଠନ ଦିଗରେ ଆଗେଇ ଆସିବାକୁ ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେଇ ରାଷ୍ଟ୍ରଦୂତମାନେ ଆହ୍ୱାନ ଦେଇଛନ୍ତି। ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ବୁଧବାର ରପ୍ତାନୀ ନୀତି ଓ ବିଶ୍ୱ ବଜାର ସଂଯୋଗୀକରଣ ଶୀର୍ଷକ ପ୍ରଶିକ୍ଷଣ ଅଧିବେଶନରେ ଯୋଗ ଦେବା ଅବସରରେ ରାଷ୍ଟ୍ରଦୂତମାନଙ୍କ ପକ୍ଷରୁ ଏହି ମତ ପ୍ରକାଶ ପାଇଛି। ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ ନାରଙ୍ଗ, ମାଲଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗତେ ପ୍ରମୁଖ ଅନ୍ତର୍ଜାତୀୟ ସହଯୋଗ ଓ ରପ୍ତାନୀ ବୃଦ୍ଧିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରପ୍ତାନିକାରୀମାନେ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଭାବ ବିନିମୟ ବୃଦ୍ଧି କରିବା ପାଇଁ ରାଷ୍ଟ୍ରଦୂତମାନେ ଆହ୍ୱାନ କରିଥିଲେ୍। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁଯୋଗର ଲାଭ ଉଠାଇ ଓଡିଆ ରପ୍ତାନିକାରୀ ବନ୍ଧୁମାନେ ବିଦେଶ ଉପକୂଳରେ ସଫଳତାର ଛାପ ଛାଡ଼ିବେ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ଏହି ଆଲୋଚନାକୁ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ସଞ୍ଚାଳନ କରିଥିଲେ। ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିବା ସହ ଓ ଥିବା ରପ୍ତାନୀ ସମ୍ଭାବନା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। କୋଲକାତାସ୍ଥିତ ଆପେଡା ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଏମପେଡାର ଉପ-ନିର୍ଦ୍ଦେଶକ ଡକ୍ଟର ଅଚିମାନ ଲାହିରି, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଜ୍ଞାନ ମହାନ୍ତି, ଫିକି ପକ୍ଷରୁ ରାଜେନ ପାଢୀ, ଏଫଆଇଇଓ ଓ ମୁଖ୍ୟ କମଳକାନ୍ତ ସାହୁ ପ୍ରମୁଖ ରପ୍ତାନୀ କ୍ଷେତ୍ରକୁ ବିସ୍ତାର ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।



# ବଢ଼ିଲା ସୁନା, ରୁପା ଦର

ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)

ପାର୍ବଣ ଋତୁରେ ନିୟମିତ ଭାବେ ସୁନା ଓ ରୁପା ଦର ବଢ଼ିବାରେ ଲାଗିଛି। ବୁଧବାର ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୧,୦୬,୯୭୦ ଟଙ୍କା ରହିଛି । ମଙ୍ଗଳବାର ୧,୦୬,୦୯୦ ଟଙ୍କା ଥିଲା। ଏଥିରେ ୮୮୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୮,୦୫୦ ଟଙ୍କା ରହିଛି । ମଙ୍ଗଳବାର ଏହା ୯୭,୨୫୦ ଟଙ୍କା ଥିଲା। ଏଥିରେ ୮୦୦ ଟଙ୍କା ବୃଦ୍ଧି ହୋଇଛି । ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୮୦,୨୩୦ ଟଙ୍କା ରହିଛି । ଗତକାଲି ୭୯,୫୭୦ ଟଙ୍କା ଥିଲା। ଏଥିରେ ୬୬୦ ଟଙ୍କା ବୃଦ୍ଧି ହୋଇଛି । ସେହିପରି ରୁପା ଦାମ ମଧ୍ୟ ବୃଦ୍ଧି ହୋଇଛି। ମଙ୍ଗଳବାର ୧୦୦ ଗ୍ରାମ ରୁପା ଦାମ ରୁପା ଦର ୧୩,୬୧୦ ଟଙ୍କା ଥିଲା । ଏଥିରେ ୯୦ ଟଙ୍କା ବୃଦ୍ଧି ହୋଇ ରୁପା ଦର ୧୩,୭୦୦ ଟଙ୍କାରେ ପହଞ୍ଚିଛି।

# ଟାଇମ ୧୦୦ ଏଆଇ ତାଲିକାରେ ରବି କୁମାର



ରବି କୁମାର ଏସ୍

ଭୁବନେଶ୍ୱର,୩।୯

କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ ସ୍ଥାନ ପାଇଛନ୍ତି। ଏନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଟାଇମ ୧୦୦ ଏଆଇ ତାଲିକା ଆଜିର ଏଆଇ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ଲିଡର, ଥିଙ୍କର, ବୈଜ୍ଞାନିକ ଓ ନୀତିନିର୍ମାତାମାନଙ୍କୁ ସ୍ୱୀକୃତି ପ୍ରଦାନ କରିଥାଏ। ତେବେ ରବି କୁମାରଙ୍କ ନେତୃତ୍ୱରେ କଗ୍ନିଜାଣ୍ଟ ଏଣ୍ଟରପ୍ରାଇଜ ଏଆଇକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୩ରେ ୧ ମିଲିୟନ ଡଲାରର ନିବେଶ ଘୋଷଣା କରିଥିଲା। କମ୍ପାନୀ ଏହାର ଗ୍ଲୋବାଲ ସିନାପ୍‌ସ ସ୍କିଲିଂ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ଏଆଇ ଓ ଆଡଭାନ୍ସଡ୍ ଟେକ୍ନୋଲୋଜିଜ୍ କ୍ଷେତ୍ରରେ ଦକ୍ଷତା ଓ ପ୍ରଶିକ୍ଷଣ ସୁଯୋଗ ସହ ୧ ମିଲିୟନ ଲୋକଙ୍କ ନିକଟରେ ପହଞ୍ଚିଛି। ଏହାସହ ରବି କୁମାର ନିକଟରେ ସମସ୍ତ ସ୍ତରରେ ଏଆଇ ସାକ୍ଷରତା ବଢାଇବା ପାଇଁ କଗ୍ନିଜାଣ୍ଟ କର୍ମଚାରୀଙ୍କ ମଧ୍ୟରେ ବିଶ୍ୱର ସବୁଠାରୁ ବଡ଼ ଭାଇବ କୋଡିଂ ଇଭେଣ୍ଟର ଆୟୋଜନ କରିଥିଲେ। ଏହା ଏକ ଅନ୍‌ଲାଇନ ଜେନେରେଟିଭ ଏଆଇ ହାକାଥନରେ ସର୍ବାଧିକ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଥିଲା। ସେହିପରି ରବି କୁମାର ୨୦୨୩ରେ ବ୍ଲୁବୋଲ୍ଟ ପ୍ରୋଗ୍ରାମକୁ କାର୍ଯ୍ୟକାରୀ କରିଥିଲେ, ଯାହା କର୍ମଚାରୀଙ୍କୁ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷରୁ ଅଧିକ ଆଇଡିଆ ଶେୟାର କରିବା ପାଇଁ ସଶକ୍ତ କରିଥିଲା।

# ଏଆଇପିଏନ୍‌ବିପିଏର ତ୍ରୈବାର୍ଷିକ ସାଧାରଣ ବୈଠକ




### ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବ୍ୟାଙ୍କ ବହନ କରିବାକୁ ଦାବି

ଭୁବନେଶ୍ୱର,୩।୯

ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପେନ୍‌ସନର୍ସ ଆସୋସିଏଶନର ଭୁବନେଶ୍ୱର ସର୍କଲ ପକ୍ଷରୁ ତ୍ରୈବାର୍ଷିକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଇମେଜ୍‌ର କନ୍‌ଫେରେନ୍ସ ହଲ୍‌ରେ ସଂଘର ସର୍କଲ ସଭାପତି ଅରବିନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂଘର ଅଧ୍ୟକ୍ଷ ସୁପ୍ରୀତ ସରକାର ଭାଷଣରେ ବ୍ୟାଙ୍କଗୁଡିକରେ ପେନ୍‌ସନ ସଂଶୋଧନଠାରୁ ନୂତନ ଭାବେ ପ୍ରଚଳିତ ହୋଇଥିବା ସ୍ୱତନ୍ତ୍ର ଭତ୍ତା ଉପରେ ପେନ୍‌ସନ ଓ ଗ୍ରାଚ୍ୟୁଇଟି ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ ବ୍ୟାଙ୍କ ବହନ କରିବାର ଦାବି ସମ୍ପର୍କରେ ସଂଘର ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି କହିଥିଲେ। ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦେ ସଂଘକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇବିଏ ବରିଷ୍ଠ ଉପଦେଷ୍ଟା ବିକାଶ ନାରାୟଣ ମିଶ୍ର, ପିଏନ୍‌ବି ଭୁବନେଶ୍ୱର ସର୍କଲ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ଏଆଇପିଏନ୍‌ବିଓଏ ସମ୍ପାଦକ ବୈଲୋଚନ ସାହୁ, ଏଆଇପିଏନ୍‌ବିପିଏର କାର୍ଯ୍ୟକାରୀ ସଭାପତି ସୁବ୍ରତ ଦାଶଗୁପ୍ତା, ଡିଜିଏସ୍ ତରୁଣେଇ ଚାଟାର୍ଜି, ଏଆଇବିପାର୍କ ଓଡ଼ିଶାର ସଭାପତି ଅମିତ କୁମାର ମୋତାୟଦ, ସମ୍ପାଦକ ନିରଞ୍ଜନ ଯୋଗାଣିଆ, ସଂଗଠନ ସମ୍ପାଦକ ମନ୍ମଥ ନାଥ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ମହେନ୍ଦ୍ର ନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୟ କୁମାର ଶୁକ୍ଳା, ସମ୍ପାଦକ, ଏଆଇପିଏନ୍‌ବିପିଏ, ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଲେଶ୍ୱର, ବ୍ରହ୍ମପୁର, କଟକ ଓ ସମ୍ବଲପୁର ସଂଘର ସଦସ୍ୟମାନେ ଏଥିରେ ଯୋଗଦେଇଥିଲେ। ଏଆଇପିଏନ୍‌ବିପିଏ କର୍ମକର୍ତ୍ତା ନିର୍ବାଚନରେ ଅଧ୍ୟକ୍ଷ ଭାବେ ନିରଞ୍ଜନ ଯୋଗାଣିଆ, ସଭାପତି ଭାବେ ଅରବିନ୍ଦ ବେହେରା ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ଶୁକ୍ଳା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପରିଶେଷରେ ରାଜକିଶୋର ନାୟକ ଧନ୍ୟବାଦ ଦେଇଥିଲେ।

# ନୁଭୋକୋ ସିମେଣ୍ଟର ସମ୍ପ୍ରସାରଣ ଯୋଜନା

ଯାଜପୁର,୩।୯(ହର୍ଷବର୍ଦ୍ଧନ ବେହେରା)

ସିମେଣ୍ଟ ପ୍ରସ୍ତୁତକାରୀ ସଂସ୍ଥା ନୁଭୋକୋ ଭିସ୍ତାସ୍ କର୍ପ ଲିମିଟେଡ୍ ପୂର୍ବାଞ୍ଚଳରେ ଏହାର ସମ୍ପ୍ରସାରଣ ଯୋଜନା ଘୋଷଣା କରିଛି। ଏଥିରେ ୨୦୦ କୋଟି ଟଙ୍କା ନିବେଶ ସହ ୪ ଏମ୍‌ଏମ୍‌ଟିପିଏ ସିମେଣ୍ଟ ଗ୍ରାଇଣ୍ଡିଂ କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଛି। ଏହାପରେ ଏହାର ଉତ୍ପାଦନ କ୍ଷମତା ୧୯ରୁ ୨୩ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି ପାଇବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆରାସମେଟା ସିମେଣ୍ଟ ପ୍ଲାଣ୍ଟରେ ଏକ ନୂତନ ମିଲ୍ ମାଧ୍ୟମରେ ଗ୍ରାଇଣ୍ଡିଂ କ୍ଷମତାକୁ ବିସ୍ତାର କରିବାର ଯୋଜନା କରୁଛି। ଯାହା ପ୍ରମୁଖ ଉତ୍ପାଦନରେ ଯୋଜୋବେରା, ପାନାଗଡ଼ ଓ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟ ଦ୍ୱାରା ପରିପୂରକ। ଏକ ନୂତନ ମିଲ୍ ସମେତ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉପକରଣ ଅପ୍‌ଗ୍ରେଡ୍, ପ୍ରକ୍ରିୟା ଉନ୍ନତି ଏବଂ ଆଭ୍ୟନ୍ତରୀଣ ସମସ୍ୟା ଦୂର ପାଇଁ ପଦକ୍ଷେପ ଗ୍ରହଣ କରିବ।

୨୦୨୫-୨୬ ଆର୍ଥିକ ବର୍ଷର ତ୍ରୈମାସ ଶେଷ ସୁଦ୍ଧା ପ୍ରାୟ ୧ ଏମ୍‌ଏମ୍‌ଟିପିଏ ଅତିରିକ୍ତ କ୍ଷମତା, ବର୍ଷ ଶେଷ ସୁଦ୍ଧା ପ୍ରାୟ ୨ ଏମ୍‌ଏମ୍‌ଟିପିଏ ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୧ ଏମ୍‌ଏମ୍‌ଟିପିଏ ଅତିରିକ୍ତ କ୍ଷମତା ଅନ୍ତର୍ଭୁକ୍ତ ହେବ। ଏହି ଉନ୍ନତି ସହିତ ପୂର୍ବାଞ୍ଚଳରେ ନୁଭୋକୋର ସିମେଣ୍ଟ ଉତ୍ପାଦନ କ୍ଷମତା ଆଗାମୀ ଦେଢ଼ ବର୍ଷ ମଧ୍ୟରେ ୨୯% ରୁ ଅଧିକ ବୃଦ୍ଧି ପାଇବ। କମ୍ପାନୀ ସୋନାଡିହ ସିମେଣ୍ଟ ପ୍ଲାଣ୍ଟରେ ଏକ ନୂତନ କୋଇଲା ଅନ୍‌ଲୋଡିଂ ଏବଂ କ୍ଲିଙ୍କର ଲୋଡିଂ ୱାଗନ୍ ସିଷ୍ଟମ ସମେତ ପ୍ରକ୍ରିୟାଗୁଡ଼ିକୁ ବୃଦ୍ଧି କରାଯାଉଛି, ଯାହା ରେକ୍ ପରିଚାଳନା ସମୟକୁ ପ୍ରାୟ ୫୦% ହ୍ରାସ କରିବ। ଏହା ସହ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟର ରେଳ ସାଇଡିଂ ଜରିଆରେ କଞ୍ଚାମାଲ ଏବଂ ସିମେଣ୍ଟର ପରିବହନ କ୍ଷମତା ସୁଧୁରିବା ସହ ମାଲ ପରିବହନ ଖର୍ଚ୍ଚ ହ୍ରାସ କରିବ। ପୂର୍ବ ମଧ୍ୟପ୍ରଦେଶ, ପୂର୍ବ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ବଜାରରେ ଅଧିକ ପ୍ରବେଶ ସହ ପ୍ରତିଯୋଗିତାମୂଳକ ଏବଂ ସ୍ଥାୟୀ ଭାବରେ ପ୍ରଦାନ କରିବାରେ ନୁଭୋକୋର କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କୃଷ୍ଣସ୍ୱାମୀ କହିଛନ୍ତି, ଭାରତରେ ସିମେଣ୍ଟ ଚାହିଦା ୨୦୨୫-୨୬ ଆର୍ଥିକ ବର୍ଷରେ ୭ ରୁ ୮% ସିଏଜିଆର୍‌ରେ ବୃଦ୍ଧି ପାଇବାର ଆକଳନ କରାଯାଇଛି।

# ଜନସୁରକ୍ଷା ଯୋଜନାର ପ୍ରଚାରପ୍ରସାର କରୁଛି ଓଜିବି

ଭୁବନେଶ୍ୱର,୩।୯

ଜନସୁରକ୍ଷା ଯୋଜନା ଅଧୀନରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତ ସ୍ତରୀୟ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ଚାଲିଛି। ଏହି ଅଭିଯାନ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତିବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଆଦିର ଗ୍ରାମାଞ୍ଚଳରେ ପ୍ରଚାରପ୍ରସାର କରୁଛି। ଓଜିବି ଖଲ୍ଲିକୋଟ ଶାଖା ପକ୍ଷରୁ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ୍‌ର ମଥୁରା ଗ୍ରାମରେ ଅନୁଷ୍ଠିତ ଏକ ଶିବିରରେ ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତି ଉପସ୍ଥିତ ରହି ରିଜର୍ଭ ବ୍ୟାଙ୍କର ରି-କେୱାଇସି, ଏକୀକୃତ ଲୋକପାଳ ଯୋଜନା, ଦାବିହୀନ ଜମାରାଶି ଓ ସାଇବର ଫ୍ରଡ୍ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଜିବିର ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ କୁମାର ପ୍ରଧାନ, ଆର୍‌ବିଆଇର ପ୍ରବନ୍ଧକ ନବଘନ ରାଉତ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ପ୍ରିୟବ୍ରତ ସାହୁ, ସ୍ଥାନୀୟ ସରପଞ୍ଚ ହେମନ୍ତ ସେଠୀ, ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ, ଗଞ୍ଜାମ ଏଲ୍‌ଡିଏମ୍ ହିମାଞ୍ଚଳ ସାହୁ ଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

3BHK Ready to move flat for sale at Sundarpada. Price-60 Lakhs. Contact: 7606024182. D-1842




Newly open health benefits SPA by expert therapist. Contact-8280961126. D-76935

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.- ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୪୫୩ /୨୦୨୪

ନରେଶ ଚନ୍ଦ୍ର ନାୟକ ....ବାଦୀ

ବନାମ

ପ୍ରବେଶ କୁମାର ବିଶ୍ୱାଳ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାଇଧର ସାହୁ, ପିତା ସ୍ୱର୍ଗତ ଗିରିଧାରୀ ସାହୁ, ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୪। ପ୍ରେମଲତା ଦେବୀ, ପିତା ସ୍ୱର୍ଗତ ବନମାଳୀ ପଣ୍ଡା, ଗ୍ରାମ/ପୋଷ୍ଟ- ପ୍ରତାପ ଶାସନ, ଥାନା- ବାଲିଅନ୍ତା, ଜିଲା- ଖୋର୍ଦ୍ଧା, ୫। ତୁଟୁ ଓଝା, ପିତା ସ୍ୱର୍ଗତ ଚକର ଓଝା, ୬। ଗୋପୀ ଓଝା, ପିତା ସ୍ୱର୍ଗତ ଅପରତି ଓଝା, ୭। ଦୋଷୀ ଓଝା, ପିତା ସ୍ୱର୍ଗତ ଗୋବିନ୍ଦ ଓଝା।

ପ୍ରତିବାଦୀ ୫,୬ ଏବଂ ୭ମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨, ୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ ୬ ଏବଂ ୭ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩, ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୯।୧୦।୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଘାଟିକିଆ, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ସାବକ ଖାତା ନଂ.- ୨୦୫, ସାବକ ପ୍ଲଟ୍ ନଂ.- ୧୧୩୯, ଏରିଆ- ଏ.୦.୦୯୦ଡି., ହାଲ୍ ଖାତା ନଂ.- ୪୨୨, ହାଲ୍ ପ୍ଲଟ୍ ନଂ.- ୪୦୧୬/୯୦୮୪, ଏରିଆ- ଏ.୦.୦୯୦ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-1847


# ବିଓବି ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ଭୁବନେଶ୍ୱର,୩।୯

୩ ମାସିଆ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେଶନ ଅଭିଯାନର ଏକ ଅଂଶ ଭାବରେ ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ରାମେଶ୍ୱର ଗ୍ରାମ ପଞ୍ଚାୟତ (ନିରାକାରପୁର)ରେ ଆର୍ଥିକ ପ୍ରସାର ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦୦ରୁ ଅଧିକ ଗ୍ରାମବାସୀ ଯୋଗଦେଇଥିଲେ। ଉଦଘାଟନୀ ସଭାରେ ବ୍ୟାଙ୍କ ଅଫ ବରୋଦାର ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ଏବଂ କ୍ଷେତ୍ରୀୟ ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସେ ଦେଶର ସର୍ବଶେଷ ଲୋକ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ଓ ଗ୍ରାମୀଣ ଲୋକଙ୍କୁ ସହଜରେ ଆର୍ଥିକ ପ୍ରୟୋଗରେ ସଶକ୍ତ କରିବା ପାଇଁ ବ୍ୟାଙ୍କର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ ବରୋଦାର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଜୋନାଲ ହେଡ ସ୍ୱପ୍ନା ବନ୍ଦୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କର ବକ୍ତବ୍ୟରେ ଆର୍ଥିକ ସାକ୍ଷରତା, ସମାଜିକ ସୁରକ୍ଷା ଯୋଜନାରେ ସମୟୋଚିତ ନାମାଙ୍କନ ଏବଂ ଗ୍ରାମୀଣ ଭାରତରେ ଡିଜିଟାଲ ଠକେଇର ପ୍ରତିରୋଧର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଏହି ସଭାରେ ଖୋର୍ଦ୍ଧା ଜିଲାର ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ଅନିଲ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ସମାପନୀ ସଭାରେ ବ୍ୟାଙ୍କ ଅଫ ବରୋଦାର ନିରକାରପୁର ଶାଖା ପ୍ରବନ୍ଧକ ମନୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।




# ସେଣ୍ଟର ଫର୍ ସାଇଟରେ ମିଳିବ ଆଡଭାନ୍ସଡ ରେଟିନାଲ ସେବା




ଭୁବନେଶ୍ୱର,୩।୯

ସୁପର-ସ୍ପେଶାଲିଟି ଆଇ ହସ୍ପିଟାଲ ଶୃଙ୍ଖଳା ସେଣ୍ଟର ଫର ସାଇଟ ଗ୍ରୁପ ଅଫ୍ ଆଇ ହସ୍ପିଟାଲସ୍ ପକ୍ଷରୁ ଭୁବନେନଶ୍ୱରରେ ଏହାର ଆଡଭାନ୍ସଡ ରେଟିନା ସେବାର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଓଡିଶାରେ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଏହି ଶୁଭାରମ୍ଭ ସମୟରେ ସେଣ୍ଟର ଫର୍ ସାଇଟ ପକ୍ଷରୁ ଭିଟ୍ରିଓରେଟିନାଲ ସର୍ଭିସ ପାଇଁ ଏହାର ସିନିଅରଣ୍ କନ୍‌ସଲ୍‌ଟାଣ୍ଟ ଭାବେ ଭାରତର ଅଗ୍ରଣୀ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ରେଟିନା ୟୁନିଟ ଡାଇବେଟିକ ରେଟିନୋପାଥି, ରେଟିନାଲ ଡିଟାଚମେଣ୍ଟ, ଏଜ-ରିଲେଟେଡ ମାକ୍ୟୁଲାର ଡିଜେନେରେଶନ (ଏଆରଏମଡି), ମାକ୍ୟୁଲାର ହୋଲ୍ ଓ ଜଟିଳ ଭିଟ୍ରିଓରେଟିନାଲ ରୋଗ ଭଳି ଏକ ବିସ୍ତୃତ ଶୃଙ୍ଖଳାର ରେଟିନା ରୋଗର ନିଦାନ ଓ ଚିକିତ୍ସା ପ୍ରଦାନ କରିବ। ଏହି ଅବସରରେ ଡା. ମିଶ୍ର କହିଛନ୍ତି, ରେଟିନା ସମ୍ବନ୍ଧିତ ରୋଗଗୁଡିକ ପ୍ରାୟତଃ ନୀରବରେ ଗମ୍ଭୀର ସ୍ଥିତି ଆଡକୁ ଅଗ୍ରସର କରିଥାଏ ଏବଂ ଏହାକୁ ସଠିକ ସମୟରେ ଚିକିତ୍ସା କରାନଗଲେ ତାହା ଅପରିବର୍ତ୍ତନୀୟ ଦୃଷ୍ଟିଶକ୍ତି କ୍ଷୟର କାରଣ ହୋଇପାରେ। ସୂଚନା ଥାଉକି, ଏମକେସିଜି ମେଡିକାଲ କଲେଜ, ବ୍ରହ୍ମପୁର ଏବଂ ଭିମସାର, ବୁର୍ଲାର ଜଣେ ଛାତ୍ର ଥିବା ଡା. ମିଶ୍ର ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟରେ ପ୍ରଶିକ୍ଷିତ ଅଟନ୍ତି ଏବଂ ସଙ୍କର ନେତ୍ରାଳୟ, ଚେନ୍ନାଇ ଓ କୋଲକାତାରେ ନିଜର ଫେଲୋସିପ ସମ୍ପୂର୍ଣ୍ଣ କରିଛନ୍ତି। ଆଡଭାନ୍ସଡ ରେଟିନାଲ ସର୍ଜରୀ କ୍ଷେତ୍ରରେ ୨୫ ବର୍ଷରୁ ଅଧିକ ଦକ୍ଷତା ସହିତ ଡା. ମିଶ୍ର ଓଡିଶାର ଅଗ୍ରଣୀ ହସ୍ପିଟାଲଗୁଡିକରେ ଭିଟ୍ରିଓରେଟିନାଲ ସେବାର ନେତୃତ୍ୱ ନେଇଛନ୍ତି। ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ପ୍ରଫେସର (ଡକ୍ଟର) ମହିପାଲ ଏସ. ସଚଦେବଙ୍କ ଦ୍ୱାରା ୧୯୯୬ରେ ସ୍ଥାପିତ ସେଣ୍ଟର ଫର ସାଇଟ ୩୦ରୁ ଅଧିକ ସହରରେ ୮୫ରୁ ଅଧିକ ହସ୍ପିଟାଲ, ୩୫୦ରୁ ଅଧିକ ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ ଏବଂ ପ୍ରାୟ ୩ ଦଶନ୍ଧିର ବିଶେଷଜ୍ଞତା ସହିତ ଭାରତର ଅନ୍ୟତମ ବିଶ୍ୱସନୀୟ ଆଇ କେୟାର ନେଟ୍‌ୱର୍କରେ ପରିଣତ ହୋଇଛି।

# ଜଲସା...ଜଲସା...

ଓଲିଉଡ୍‌ରେ ଏବେ ଏକ ଚଳଚ୍ଚିତ୍ରର ଗୀତକୁ ନେଇ ବେଶ୍ ଚର୍ଚ୍ଚା। ଉକ୍ତ ଗୀତଟି ହେଲା, ଜଲସା..ଜଲସା..। ଏହାକୁ ନିର୍ମାଣାଧୀନ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'ରେ ଦର୍ଶକ ଦେଖିବାକୁ ପାଇବେ। ସୋସିଆଲ ମିଡିଆରେ ଏହି ଗୀତ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଏହାକୁ ପରିକଳ୍ପନା କରିଛନ୍ତି ଚିତ୍ରଟିର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏବଂ ପ୍ରଯୋଜିକା ବର୍ଷା ପଟ୍ଟନାୟକ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁ ଉପରେ ଦୃଶ୍ୟାୟନ କରାଯାଇଛି। ଏହାକୁ କୋରିଓଗ୍ରାଫି କରିଛନ୍ତି ଆଗଧାଡ଼ିର କୋରିଓଗ୍ରାଫର ଅମିତ ନାୟକ। ମନୋଜ କୁମାର ପଣ୍ଡା ଗୀତଟିକୁ ରଚନା କରିଥିବା ବେଳେ ସ୍ୱର ଦେଇଛନ୍ତି ଆଶିଷ ପ୍ରଧାନ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଏହି ଗୀତଟି ଏଥର ପୂଜା ବଜାରରେ ବେଶ୍ ଶ୍ରୋତାଦୃତ ହେବ ବୋଲି ନିର୍ଦ୍ଦେଶକ ଦୃଢ଼ ଆଶା ରଖିଛନ୍ତି। ଅମିୟ ପଟ୍ଟନାୟକ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ସାର୍ଥକ ଭରଦ୍ୱାଜ, ଭୂମିକା ଦାଶ, ଦ୍ୱୀପନ୍ୱୀତ ଦାଶମହାପାତ୍ର, ହର ରଥ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର।



'ମନ୍ତ୍ରମୁଗ୍ଧ' ଫିଲ୍ମର ଜଲସା ଗୀତରେ ସୂର୍ଯ୍ୟମୟୀ

# ସାର୍ ଆସୁଛନ୍ତି

ନୂଆ ଓଡ଼ିଆ ସିନେମା 'ସାର୍'ର ସମସ୍ତ କାମ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ଜଣାପଡିଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ଅଭିଷେକ ରଥ ଏବଂ ଆର୍ଲିନ ଅଙ୍କିତା। କାହାଣୀ ଅନୁସାରେ ଅଗଣି ମହାନ୍ତି ଜଣେ କରନ୍ତି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଡା. କମଳ ଲୋଚନ ସାହୁ ଏହାର ପ୍ରଯୋଜନା କରିବା ସହ କାହାଣୀ ଏବଂ ସଂଳାପ ମଧ୍ୟ ଲେଖିଛନ୍ତି। ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେଶବ ମଲ୍ଲିକ। ସ୍ୱର ସଂଯୋଜନା କରିଛନ୍ତି ଆରୋହୀ ଅଜିତା।



(ବାମରୁ) ଆର୍ଲିନ, କେଶବ, ଅଭିଷେକ ଏବଂ ଡା. କମଲ ଲୋଚନ ସାହୁ

ଶିକ୍ଷକ। ସମୟକ୍ରମେ ଦୁଇ ଜଣ– ରମେଶ ଛୋଟରାୟ ଏବଂ ମୁରଲୀ ନାୟକ ତାଙ୍କ ପାଖରୁ ପାଠ ପଢ଼ି ଭଲ ଚାକିରି କରନ୍ତି। ହେଲେ ପରବର୍ତ୍ତୀ ସମୟରେ ସାର୍‌ଙ୍କୁ ଖୋଜିବାକୁ ଯାଆନ୍ତି। ଆଉ ସେତେବେଳକୁ ଅଗଣି ସାର୍ କିପରି ଅବସ୍ଥାରେ ଥାଆନ୍ତି ଏବଂ ଏହି ଦୁଇ ଜଣ ତାଙ୍କୁ କିପରି ସାହାଯ୍ୟ ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସମରେଶ ରାଉତରାୟ, ଅଶ୍ରୁମୋଚନ ମହାନ୍ତି, ଦ୍ୱିପନ୍ୱୀତ ଦାସମହାପାତ୍ର, ସସ୍ମିତା ମହାନ୍ତି, ମିଲି ମିଶ୍ର, ନୀଳମଣି ସାହୁ, ରିଷି ପଟ୍ଟନାୟକ, ଚିତ୍ତ ରଞ୍ଜନ ମହାନ୍ତି ଏବଂ ଶିଶୁ କଳାକାର ଯଶ କ୍ରିଷ୍ଣା। ଚିତ୍ରଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।



କ୍ୟାଟ୍ରିନା

# ଭାଙ୍ଗିପଡ଼ି ନ ଥିଲେ କ୍ୟାଟ୍ରିନା

କ୍ୟାଟ୍ରିନା କୈଫ ଇତିମଧ୍ୟରେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦିତ କରିପାରିଛନ୍ତି। ପ୍ରଥମ ସିନେମା 'ବୁମ୍' (୨୦୦୩) ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। କିନ୍ତୁ ସେଥିରେ ସେ ଭାଙ୍ଗି ପଡ଼ି ନ ଥିଲେ। ନିଜ ଉପରେ ତାଙ୍କର ଶତ ପ୍ରତିଶତ ବିଶ୍ୱାସ ଥିଲା। ବାସ୍, ତାକୁ ପାଥେୟ କରି ସେ ଆଗକୁ ପାଦ ଥାପିଥିଲେ। ଅବଶ୍ୟ ଏହା ପୂର୍ବରୁ ସେ ମଡେଲିଂ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିସାରିଥିଲେ। ଅଭିନୟ ପାଇଁ ସୁଯୋଗ ପାଇବା ପରେ ତାହାକୁ ସେ ହାତଛଡ଼ା କରି ନ ଥିଲେ। ହେଲେ ୨୦୦୪ରେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ତେଲୁଗୁ ଫିଲ୍ମ 'ମାଲ୍ଲେଶ୍ୱରୀ' ହିଟ୍ ସାବ୍ୟସ୍ତ ହେବା ପରେ ତାଙ୍କର ମନୋବଳ ଆହୁରି ଦୃଢ଼ ହୋଇଥିଲା। ତା'ପରେ କେତୋଟି ହିନ୍ଦୀ ସିନେମା ଦର୍ଶକାଦୃତ ହେଲା। ବାସ୍, ସେଠାରୁ କ୍ୟାଟ୍ରିନାଙ୍କ ଅଭିନୟ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। 'ମୈନେ ପ୍ୟାର୍ କ୍ୟୁଁ କିୟା', 'ନମସ୍ତେ ଲଣ୍ଡନ', 'ନ୍ୟୁୟର୍କ' ବକ୍ସ ଅଫିସରେ ଭଲ ବିଜନେସ କଲା। 'ମେରି ବ୍ରଦର କି ଦୁଲହନିୟାଁ' ପାଇଁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଏ ବିଷୟରେ କ୍ୟାଟ୍ରିନା କହନ୍ତି, 'ଆକ୍ଟିଂ ଏଭଳି ଏକ ଲାଇନ୍ ଯେଉଁଥିରେ ଅପ୍ ଡାଉନ୍ ଲାଗିରହିଥାଏ। ମୋ କ୍ଷେତ୍ରରେ ମଧ୍ୟ ସେଇଆ ହୋଇଥିଲା। ମଡେଲିଂରୁ ଅଭିନୟକୁ ଆସିବା ପରେ ମୋର ଅନେକ ଆଶା ଥିଲା। ଯାହାହେଉ ବଲିଉଡ୍‌ର ଅଗଣିତ ଦର୍ଶକ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।'' ହାୱାଇର ଏକ ଜୁଏଲେରି କ୍ୟାମ୍ପେନ ପାଇଁ ସେ ପ୍ରଥମେ ମଡେଲିଂ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୪ ବର୍ଷ ବୟସ ହୋଇଥିଲା। କ୍ୟାଟ୍ରିନା କେବଳ ଜଣେ ଅଭିନେତ୍ରୀ ନୁହନ୍ତି ସେ ମଧ୍ୟ ଜଣେ ଭଲ ଚିତ୍ରକର। ଅବସର ମିଳିଲେ ସେ ପେଣ୍ଟିଂ କରିବାକୁ ବସିପଡ଼ନ୍ତି। ତା' ସହ ନିଜର ଫିଟନେସ୍‌କୁ ନେଇ ସବୁବେଳେ ସଚେତନ ଥାଆନ୍ତି ଏହି ଅଭିନେତ୍ରୀ।

# ନର୍ଗିସଙ୍କୁ ସମୟ ମିଳିଲେ...


ସାଧାରଣତଃ କଳାକାରମାନେ ସେମାନଙ୍କ ପେସାକୁ ନେଇ ବ୍ୟସ୍ତ ଥାଆନ୍ତି। ହେଲେ ଯେତେବେଳେ ମଡେଲ-କମ୍-ଅଭିନେତ୍ରୀ ନର୍ଗିସ ଫକ୍ରିଙ୍କୁ ଯେତେବେଳେ ସମୟ ମିଳେ ସେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାକୁ ଭଲ ପାଆନ୍ତି। ଏ ବିଷୟରେ ସେ କହନ୍ତି, ''ମୋର କ୍ୟାରିୟର ଆରମ୍ଭ ମଡେଲିଂରୁ। ପୁଣି ମୋତେ ସେତେବେଳେ ମାତ୍ର ୧୬ ବର୍ଷ ବୟସ ହୋଇଥିଲା। ଏହା ବ୍ୟତୀତ ଦୀର୍ଘ ୧୪ ବର୍ଷ ଧରି ମୁଁ ଅଭିନୟ ସହ ଜଡିତ। ଫୁର୍‌ସତ୍ ମିଳେ ସେତେବେଳେ ମୁଁ ବିଭିନ୍ନ ଟୁରିଷ୍ଟ ସ୍ଥାନ ବୁଲିବାକୁ ଯାଇଥାଏ। ମୋର ଆଉ ଏକ ଅଭ୍ୟାସ ରହିଛି। ମନ ପସନ୍ଦର ଖାଦ୍ୟ ଦେଖିଲେ ତାକୁ ନ ଖାଇ ମୁଁ ରହି ପାରେନା। ମୋତେ ଚକୋଲେଟ୍ ଖାଇବାକୁ ବେଶି ଭଲ ଲାଗେ। ଯେହେତୁ ମୁଁ ଭଲ ଭାବରେ ହିନ୍ଦୀ କହିପାରୁ ନ ଥିଲି ତେଣୁ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଡର ଲାଗୁଥିଲା। କିନ୍ତୁ ସମୟକ୍ରମେ ତାହା ଦୂର ହୋଇଗଲା।'' ତାଙ୍କର ଏହି କ୍ୟାରିୟର ଭିତରେ ସେ ମାତ୍ର ୧୬ଟି ହିନ୍ଦୀ ସିନେମାରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ହାଉସଫୁଲ ୫' ଆଶାନୁରୂପ ବିଜନେସ୍ କରିଥିଲା।



ନର୍ଗିସ

# କେବେ ଭାବି ନ ଥିଲେ କରୀନା...

କରୀନା କପୁର ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ପରିଗଣିତ ହୁଅନ୍ତି। ତାଙ୍କର ଜନ୍ମ ଏକ କଳାକାର ପରିବାରରେ। ତେଣୁ ଏଭିଳ ଏକ ପରିବେଶରେ ତାଙ୍କର ପିଲାଦିନ କଟିଥିଲେ ମଧ୍ୟ ଭବିଷ୍ୟତରେ ସେ ଦିନେ ଆକ୍ଟିଂକୁ କ୍ୟାରିୟର କରିବେ ସେ କଥା କେବେ ଭାବି ନ ଥିଲେ। ଆଇନ ପଢୁଥିବା ବେଳେ ତାଙ୍କର ଏକ ଆଶା ଥିଲା। ପାଠ ପଢ଼ା ପରେ ସେ ଜଣେ କ୍ରିମିନାଲ ଓକିଲ ହେବେ। ହେଲେ କ'ଣ ହେବ ? ସତେ ଯେମିତି ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ନ ଥିଲେ। ଯାହା ଭାବୁଥିଲେ ତାହା ତ ହେଲେ ନାହିଁ, ଶେଷକୁ ବଲିଉଡ୍‌ରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ସ୍ଥିର କରିଥିଲେ ଏହି ଅଭିନେତ୍ରୀ। ଏ ବିଷୟରେ କରୀନା କହନ୍ତି, ''ପାଠ ପଢ଼ିବା ବେଳେ ମୋର ରୁଚି ଆଦୌ ଅଭିନୟ ପ୍ରତି ନ ଥିଲା। ଆମ ପରିବାର ବଲିଉଡ୍ ସହ ଜଡିତ, ହେଲେ ଅଭିନୟକୁ କ୍ୟାରିୟର କରିବା କଥା କେବେ ଚିନ୍ତା କରି ନ ଥିଲି। ଯେହେତୁ ମୁଁ ଜଣେ ଆଇନ ଛାତ୍ରୀ ଥିଲି, ତେଣୁ ଓକିଲାତିକୁ ପେସା କରିବାକୁ ଚାହିଁଥିଲି। କିନ୍ତୁ ବିଧିର ବିଧାନ ଅଲଗା। ଶେଷକୁ ମୋତେ ଆକ୍ଟିଂ କରିବାକୁ ପଡିଥିଲା। ଯାହାହେଉ ଦର୍ଶକଙ୍କ ଭଲ ପାଇବା ମୋତେ ଆଜି ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛି।'' କିନ୍ତୁ ତାଙ୍କର ଅଭିନୟ କ୍ୟାରିୟର ଭିତରେ ଅନେକ ଉତ୍‌ଥାନ ପତନ ଘଟିଥିଲା। କେତେକ ଭଲ ଭଲ ଅଫର ସେ ହାତଛଡା କରିଥିଲେ। ସେଗୁଡ଼ିକ ମଧ୍ୟ ରହିଛି ସୁପରହିଟ୍ ଫିଲ୍ମ 'କହୋନା ପ୍ୟାର ହେ', 'କଲ୍ ହୋ ନା ହୋ' ଏବଂ 'କୁଇନ୍'ରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା। ହେଲେ ଏଗୁଡ଼ିକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ।




କରୀନା

ନୂଆ ସିନେମା

# ସ୍ୱାଗ ରାଜା

ଅଭିନେତା ସ୍ୱରାଜ ବାରିକ ଏଥର ନୂଆ ଅବତାରରେ ପଦରା ଉପରକୁ ଆସୁଛନ୍ତି। ଆଉ ଏଭଳି ଏକ ଭୂମିକା ପାଇବା ପରେ ଏହାର ସଫଳତାକୁ ନେଇ ବେଶ୍ ଆଶାବାନ୍ଧିଛନ୍ତି ସେ। 'ତୁ ମୋ ଲଭ୍ ଷ୍ଟୋରି'ରୁ ତାଙ୍କର ନାୟକ କ୍ୟାରିୟର ଆରମ୍ଭ ହୋଇଥିଲା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଥିଲେ, ଯାହାର ଶୁଟିଂ ଏବେ ଆରମ୍ଭ ହୋଇଯାଇଛି। ଏହି ଚିତ୍ରର ଟାଇଟଲ ରହିଛି 'ସ୍ୱାଗ ରାଜା'। ତେବେ ସେ କିଏ, ତାହାର ଅଭିସନ୍ଧି କ'ଣ–ଏସବୁ ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଗୁରର୍ଭି ପ୍ରଡକ୍ସନ ବ୍ୟାନରରେ ଏବଂ ସିଦ୍ଧାର୍ଥ ମ୍ୟୁଜିକ ସହାୟତାରେ ଏହାକୁ ନିର୍ମାଣ କରାଯାଉଛି। ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ସଂଗ୍ରାମ ତ୍ରିପାଠୀ ଏବଂ ସାଇ ସନାତନ। ଏହାକୁ ପରିକଳ୍ପନା କରିବା ସହ ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ସସ୍ମିତ ଜେନା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି



ସ୍ୱରାଜ

ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ। ଗୀତଗୁଡିକର ସ୍ୱର ଦେଇଛନ୍ତି ବର୍ତ୍ତମାନର ଆଗଧାଡିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। କ୍ୟାମେରା ପରିଚାଳନାରେ ଅଛନ୍ତି ବିଭୂତି ଭୂଷଣ ବିଶ୍ୱାଳ। ସବୁଠାରୁ ଖାସ୍ କଥା ହେଲା, ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁପରହିଟ୍ ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ'ରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକ ଜଗଦୀଶ ମିଶ୍ର।

ଶୁଟିଂ ଚାଲିଛି

# ରାମରାଜ୍ୟ



ପ୍ରେମ ପରିଜା

ଓଲିଉଡ୍‌ର ଆଗଧାଡ଼ିର ତଥା ଯୁବ ପ୍ରଯୋଜକ ପ୍ରୀତମ ସାହୁ ଏବେ ଏକ ସିନେମା ନିର୍ମାଣରେ ବ୍ୟସ୍ତ ଅଛନ୍ତି। କିଛି ବର୍ଷ ପୂର୍ବେ ତାଙ୍କ ଦ୍ୱାରା ପ୍ରଯୋଜିତ 'କଟକ : ଶେଷରୁ ଆରମ୍ଭ' ଦଶହରାରେ ହିଟ୍ ସାବ୍ୟସ୍ତ ହୋଇଥିଲା। ବାସ୍, ଏହାର କାହାଣୀ ଯେଉଁଠି ଶେଷ ହୋଇଥିଲା ଏହି ନୂଆ ସିନେମାର କଥାବସ୍ତୁ ସେଠାରୁ ହିଁ ଆରମ୍ଭ ହେଉଛି। ଫିଲ୍ମଟିର ଟାଇଟଲ ରହିଛି 'ରାମ ରାଜ୍ୟ'। ଏହି ପ୍ୟାନ୍-ଇଣ୍ଡିଆ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ବରିଷ୍ଠ ନର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଚିତ୍ରଟିର ଶୁଟିଂ ଏବେ ଚାଲୁ ରହିଛି। ଏହାର ନାୟକ ଚରିତ୍ରରେ ଅଭିନୟ କରୁଛନ୍ତି ନବାଗତ ପ୍ରେମ ପରିଜା। ଏହାପୂର୍ବରୁ ସେ ବିପୁଲ ଶାହାଙ୍କ ମେଗା ଧାରାବାହିକ ତଥା ଜିଓ ହଟ୍‌ଷ୍ଟାରରେ ପ୍ରସାରିତ 'କମାଣ୍ଡୋ'ରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ମୁମ୍ବାଇରେ ରହୁଥିବା ପ୍ରେମ ଏହି ଫିଲ୍ମରେ ଆକ୍ସନ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହାର ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ମୁମ୍ବାଇର ରୋହିତ ରାୟ, କନିକା ମାନ୍‌ଙ୍କ ବ୍ୟତୀତ ଅଭିଷେକ ପଣ୍ଡା, ପୁନମ୍ ମିଶ୍ର, ଜ୍ୟୋତି ମିଶ୍ର ଏବଂ ଏକ ବିଶେଷ ଭୂମିକାରେ ପ୍ରଯୋଜକ ପ୍ରୀତମ୍‌ଙ୍କୁ ଦେଖିବାକୁ ମିଳିବ। ତେବେ ସମ୍ପୂର୍ଣ୍ଣ ଆକ୍ସନ-ପ୍ୟାକ୍‌ଡ ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ସୁଧାଂଶୁ।

# ଜୋକୋଭିଚ୍-ଅଲ୍‌କାରାଜ ସେମିଫାଇନାଲ

**ନ୍ୟୁୟର୍କ, ୩।୯**

ସର୍ବିଆର ନୋଭାକ୍ ଜୋକୋଭିଚ୍ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୭ମ ସିଡ୍ ଜୋକୋଭିଚ୍ ସେମିଫାଇନାଲରେ ୨ୟ ସିଡ୍ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜଙ୍କୁ ଭେଟିବେ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୪ର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବରୁ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଅଲ୍‌କାରାଜ ୨୦ତମ ସିଡ୍ ଚେକ୍ ରିପବ୍ଲିକ୍‌ର ଜିରି ହେହେକାଙ୍କୁ ୬-୪, ୬-୨, ୬-୪

## ୟୁଏସ୍ ଓପନ୍ ଟେନିସ୍

ସେଟ୍‌ରେ ହରାଇ ଦେଇଥିଲେ। ଆସନ୍ତା ଶନିବାର ପ୍ରଥମ ସେମିଫାଇନାଲରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ହେଭିୱେଟ୍ ମୁକାବିଲା ହେବ। ୨୦୨୩ରେ ଚାମ୍ପିୟନ ହେବାପରେ ଅଲ୍‌କାରାଜ ଆର୍ଥର ଆଶ୍ ଷ୍ଟାଡିୟମରେ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୪ ଥର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ଅଲ୍‌କାରାଜଙ୍କୁ ପରାସ୍ତ କରିଥିଲେ। ଅଲ୍‌କାରାଜଙ୍କୁ ଏବେ ୨୨ ବର୍ଷ। ଇତିମଧ୍ୟରେ ସେ ୯ଟି ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଏ କ୍ଷେତ୍ରରେ କେବଳ ରାଫାଲ ନାଡାଲ ୨୩ ବର୍ଷରେ ପହଞ୍ଚିବା ପୂର୍ବରୁ ୧୦ଟି ସେମିଫାଇନାଲ ଖେଳିଥିଲେ।




କାର୍ଲୋସ ଅଲ୍‌କାରାଜ ଓ ନୋଭାକ ଜୋକୋଭିଚ୍।

### ପେଗୁଲା-ସାବାଲେଙ୍କା ଭେଟ

ମହିଳା ସିଙ୍ଗଲ୍ସରେ ନଂ.୧ ଆରିନା ସାବାଲେଙ୍କା ଓ ଜେସିକା ପେଗୁଲାଙ୍କ ମଧ୍ୟରେ ମୁକାବିଲା ହେବ। ମାର୍କେଟା ଭୋନ୍ଦ୍ରୋସୋଭା ଓହରି ଯିବାରୁ ୱାକ୍‌ଓଭର ପାଇ ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ୪ର୍ଥ ସିଡ୍ ପେଗୁଲା ୬-୩, ୬-୩ ସେଟ୍‌ରେ ବାର୍ବରା କ୍ରେଜିକୋଭାଙ୍କୁ ହରାଇ ଦେଇଛନ୍ତି। କ୍ୟାରିୟରରେ ଦ୍ୱିତୀୟଥର ପାଇଁ ଏକ ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିଥିବା ପେଗୁଲା ଗୋଟିଏ ବର୍ଷ ପୂର୍ବରୁ ଫ୍ଲସିଂ ମାଡୋସରେ ଫାଇନାଲରେ ସାବାଲେଙ୍କାଙ୍କଠାରୁ ହାରିଯାଇଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ୍‌ର ୪ର୍ଥ ରାଉଣ୍ଡ, ଫ୍ରେଞ୍ଚ୍ ଓପନ ୩ୟ ରାଉଣ୍ଡ ଏବଂ ୱିମ୍ବେଲଡନ ପ୍ରଥମ ରାଉଣ୍ଡରେ ହାରିଯାଇଥିବା ପେଗୁଲା ୟୁଏସ୍ ଓପନରେ କୌଣସି ସେଟ୍ ନ ହାରି ସେମିଫାଇନାଲରେ ପହଞ୍ଚିଛନ୍ତି।

### ଭେନସ୍‌ଙ୍କ ଅଭିଯାନ ଶେଷ

ଦୁଇ ବର୍ଷ ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରିଥିବା ୪୫ ବର୍ଷୀୟ ଭେନସ ୱିଲିୟମ୍ସଙ୍କ ଡବଲ୍ସ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଲୈଲା ଫର୍ନାଣ୍ଡେଜ୍‌ଙ୍କୁ ସାଥିକରି ଖେଳିଥିବା ଭେନସ୍ କ୍ୱାର୍ଟର ଫାଇନାଲରେ ଟେଲର ଟାଉନସେଣ୍ଡ ଓ କାଟରିନା ସିନିକୋଭା ଯୋଡ଼ିଙ୍କଠାରୁ ୧-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଭେରୋନିକା କୁଦରମେଟୋଭା ଓ ଇଲିସେ ମେର୍ଟେନ୍ସ ଯୋଡ଼ି ୬-୪, ୬-୨ରେ ମୀରା ଆନ୍ଦ୍ରିଭା ଓ ଡିଆନା ସ୍ନେଡରଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ଡୋପିଂ: କାଲିରାମନ ୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ,୩।୯(ପି.ଟି.)**

୨୦୨୧ ୱାର୍ଲ୍ଡ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ସ ୪X୪୦୦ ମିଟର ମିକ୍ସଡ୍ ରିଲେ ବ୍ରୋଞ୍ଜ୍ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ସୁମି କାଲିରାମନଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଆଣ୍ଟି-ଡୋପିଂ ଡିସିପ୍ଲିନାରି ପାନେଲ (ଏଡିଡିପି) ପକ୍ଷରୁ ଦୁଇବର୍ଷ ଲାଗି ବ୍ୟାନ୍ କରାଯାଇଛି। କାଲିରାମନ ୨୦୨୪ରେ ଡୋପ୍ ଟେଷ୍ଟରେ ଫେଲ୍ ହୋଇଥିଲେ। ୨୨ ବର୍ଷୀୟ ସୁମିଙ୍କ ଡୋପ୍ ନମୁନାରେ କ୍ଲୋମିଫେନେ ନାମକ ନିଷିଦ୍ଧ ଔଷଧ ମିଳିଥିଲା। ଏଥିଯୋଗୁ ନାଡା ପକ୍ଷରୁ ତାଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଥିଲା। ତାଙ୍କର ଏହି ବାସନ୍ଦାଦେଶ ଗତବର୍ଷ ଅକ୍ଟୋବର ୧୪ରୁ ଆରମ୍ଭ ହୋଇଛି। ଡିଷ୍ଟାନ୍ସ ରନର ଶ୍ରୀରାଗ ଏ ଏସ୍ ଓ ରେଶ୍ମା ଦତ୍ତା କେଭଟେଙ୍କୁ ଯଥାକ୍ରମେ ୪ ଓ ୫ ବର୍ଷ ଲାଗି ବାସନ୍ଦ କରାଯାଇଛି। ୱେଟ୍‌ଲିଫ୍ଟର ସିମରନ୍‌ଜିତ କୌର (୫ ବର୍ଷ), ବକ୍ସର ରୋହିତ୍ ଚାମୋଲି (୨), ରେସ୍‌ଲର ଆରଜୁ (୪), କବାଡ଼ି ଖେଳାଳି ମୋହିତ ନାନ୍ଦାଲ (୪) ଓ ରେସର ଅନିରୁଦ୍ଧ ଅରବିନ୍ଦ(୩)ଙ୍କୁ ଡୋପିଂ ଲାଗି ବାସନ୍ଦ କରାଯାଇଛି।



ଏସିଆ କପ୍ ହକିରେ ବୁଧବାର ଚାଇନା ଓ ମାଲେସିଆ ମଧ୍ୟରେ ମୁକାବିଲା।

# ଚାଇନାକୁ ହରାଇଲା ମାଲେସିଆ

**ରାଜଗିର, ୩।୯**

## ଏସିଆ କପ୍ ହକି

ଏସିଆ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ମାଲେସିଆ ୨-୦ ଗୋଲରେ ଚାଇନାକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଚାଇନା କଡ଼ା ଟକ୍କର ଦେଇ ମ୍ୟାଚକୁ ଗୋଲଶୂନ୍ୟ ରଖିବାରେ ସକ୍ଷମ ହୋଇଥିଲା। ମାତ୍ର ତୃତୀୟ କ୍ୱାର୍ଟରରେ ମାଲେସିଆର ସୟଦ ଚୋଲାନ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରର ଅନୁଆର ଅଖିମୁଲା ଏକ ଫିଲ୍ଡ ଗୋଲ ଦେଇ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଚାଇନା ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା। ୫ରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜାପାନ ୨-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇ ଦେଇଛି। ମ୍ୟାଚର ୫ମ ଓ ୧୧ଶ ମିନିଟରେ ବିଜୟୀ ଦଳ ପକ୍ଷରୁ ଶିନୋହାରା ର୍ୟୋଶୁକେ ଗୋଲ ୨ଟି ଦେଇଥିଲେ। ପରବର୍ତ୍ତୀ ୩ଟି କ୍ୱାର୍ଟର ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲା।

# ଆଇଓଏକୁ ଆଇଓସି ପାଣ୍ଠି ଯୋଗାଇବ

**ନୂଆଦିଲ୍ଲୀ,୩।୯(ପି.ଟି.)**

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଭାରତକୁ ପୁନଃ ପାଣ୍ଠି ଯୋଗାଇଦେବାକୁ ନିଷ୍ପତ୍ତି ନେଇଛି। ଏକ ବର୍ଷ ତଳେ ଅଲିମ୍ପିକ୍ ସଲିଡାରିଟି ପ୍ରୋଗ୍ରାମ ଅଧୀନରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ)କୁ ପାଣ୍ଠି ଯୋଗାଇବା ବନ୍ଦକରି ଦିଆଯାଇଥିଲା। ଆଇଓଏ ତା'ର ଆନ୍ତଃକନ୍ଦଳ ଓ ଶାସନଗତ ସମସ୍ୟାର ସମାଧାନ କରିବା ପରେ ଆଇଓସି ଏଭଳି ନିଷ୍ପତ୍ତି ନେଇଛି।

ଗତବର୍ଷ ଆଇଓଏର ସିଇଓ ଭାବେ ରଘୁରାମ ଆୟାରଙ୍କ ନିଯୁକ୍ତିକୁ ୧୨ ସଦସ୍ୟବିଶିଷ୍ଟ କାର୍ଯ୍ୟକାରୀ ପରିଷଦ ଅନୁମତି ଦେବାକୁ ମନା କରିଦେଇଥିଲା। ଏଥିଯୋଗୁ ଆଇଓସିର ଏକ୍‌ଜିକ୍ୟୁଟିଭ୍ ବୋର୍ଡ ଭାରତକୁ ପ୍ରଦାନ କରାଯିବାକୁ ଥିବା ବାର୍ଷିକ ୧୫ କୋଟି ଟଙ୍କାର ଅନୁଦାନକୁ ରୋକି ଦେଇଥିଲା। କିନ୍ତୁ କ୍ରୀଡ଼ାମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଚଳିତ ବର୍ଷ ଜୁଲାଇ ୨୪ରେ ଆଇଓଏ ସଭାପତି ପିଟି ଉଷା ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟଙ୍କ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ଘଟିଥିଲା। ପରେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ(ଏସ୍‌ଜିଏମ୍)ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତର ବିଡ୍‌କୁ ମଞ୍ଜୁରୀ ମିଳିଥିଲା।

ତୁମ ଜାତୀୟ ଅଲିମ୍ପିକ୍ କମିଟି(ଆଇଓଏ)ରେ ଥିବା ଅନ୍ତଃକନ୍ଦଳ ଓ ଶାସନଗତ ସମସ୍ୟାର ସମାଧାନ ପାଇଁ ଗତ କିଛି ସପ୍ତାହରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସମସ୍ତ ସମସ୍ୟା ଓ ଭୁଲ୍ ବୁଝାମଣା ସମ୍ପର୍କରେ ତୁମ କାର୍ଯ୍ୟକାରୀ ପରିଷଦରେ ପାରଦର୍ଶିତା ସହ ଆଲୋଚନା ହୋଇଥିଲା। ପରିଷଦର ସଦସ୍ୟମାନେ ମିଳିତ ଭାବେ ଏକତ୍ରିତ ହୋଇ ଶାନ୍ତିରେ ଆଗକୁ ବଢ଼ିବାକୁ ରାଜି ହୋଇଥିଲେ ଏବଂ ଅଗଷ୍ଟ ୧୩ରେ ବସିଥିବା ସାଧାରଣ ବୈଠକରେ ଅଡିଟ୍ ସହ ଅନ୍ୟାନ୍ୟ ବକେୟା ରିପୋର୍ଟ୍ସ ଆନୁଷ୍ଠାନିକ ଭାବେ ଅନୁମୋଦିତ ହୋଇଥିଲା। ଯାହା ଫଳରେ ଆମେ ଖୁସିର ସହ ସ୍ପଷ୍ଟ କରୁଛୁ ଯେ, ଆଇଓସି ଓ ଅଲିମ୍ପିକ୍ ସଲିଡାରିଟି ଏବେ ଆଇଓଏ ଲାଗି ସମସ୍ତ ପାଣ୍ଠି ଯୋଗାଇବା ସହ କାର୍ଯ୍ୟ ସମ୍ପର୍କକୁ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହିତ ଆଇଓଏ ତା'ର ଦୈନନ୍ଦିନ କାର୍ଯ୍ୟକଳାପରେ ସ୍ୱଚ୍ଛତା ବଜାୟ ରଖିବ ବୋଲି ଆଇଓସି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହାର ପ୍ରତିକ୍ରିୟାରେ ଆଇଏଓ ପକ୍ଷରୁ କୁହାଯାଇଛି ଯେ, ଅଲିମ୍ପିକ୍ ସଲିଡାରିଟି ଯୋଜନାରେ ପୁନଃ ସାମିଲ କରାଯିବା ଦ୍ୱାରା ଭାରତର ଆଥଲେଟ୍ ସବୁଠୁ ଅଧିକ ଫାଇଦା ପାଇବେ। ଏହି ସମର୍ଥନ ଆମକୁ ସିଧାସଳଖ ପାଣ୍ଠି ମାଧ୍ୟମରେ ମିଳିବ। ଏହାଦ୍ୱାରା ଆଥଲେଟ୍‌ଙ୍କ ବିକାଶ ଲାଗି ଟ୍ରେନିଂ, ପ୍ରସ୍ତୁତି ସହିତ ଅଲିମ୍ପିକ୍ସ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ଉପରେ ଖର୍ଚ୍ଚ ହେବ।

## କ୍ରୀଡ଼ା ପ୍ରଶାସନକୁ ଫେରିଲେ ଶ୍ରୀନିବାସନ୍

**ନୂଆଦିଲ୍ଲୀ,୩।୯(ପି.ଟି.):** ବିସିସିଆଇର ପୂର୍ବତନ ସଭାପତି ଏନ୍. ଶ୍ରୀନିବାସନ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଚେୟାରମ୍ୟାନ ଭାବେ କ୍ରୀଡ଼ା ପ୍ରଶାସନରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଏହା ଫ୍ରାଞ୍ଚାଇଜ୍ ପାଇଁ ଏକ ବରଦାନ ବୋଲି ସିଇଓ କାଶୀ ବିଶ୍ୱନାଥନ୍ ବୁଧବାର କହିଛନ୍ତି। ୮୦ ବର୍ଷୀୟ ଶ୍ରୀନିବାସନ୍‌ଙ୍କୁ କିଛି ସପ୍ତାହ ତଳେ ବସିଥିବା ଚେନ୍ନାଇ ଫ୍ରାଞ୍ଚାଇଜ୍‌ର ବୋର୍ଡ ମିଟିଂରେ ଚେୟାରମ୍ୟାନ ନିଯୁକ୍ତ କରାଯାଇଥିଲା। 'ଶ୍ରୀନିବାସନ୍ ଫେରିବା ଆମ ପାଇଁ ଏକ ବରଦାନ ସଦୃଶ। ସେ ଆମ ଲାଗି ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀ ରହିଛନ୍ତି। ସେ ସିଏସ୍‌କେକୁ ଫେରି ଆସିଥିବାରୁ ମୁଁ ବହୁତ ଖୁସି। ଅଧିକ ଟ୍ରାଭେଲ କରୁ ନ ଥିବାରୁ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଆମେ ତାଙ୍କ ଯୋଗାଯୋଗରେ ରହିବୁ' ବୋଲି ବିଶ୍ୱନାଥନ୍ କହିଛନ୍ତି।

# ପ୍ରଥମଥର କ୍ୱାର୍ଟରରେ ଭାମ୍ବ୍ରି

**ନ୍ୟୁୟର୍କ, ୩।୯(ପି.ଟି.)**

ଭାରତର ୟୁକି ଭାମ୍ବ୍ରି କ୍ୟାରିୟରରେ ପ୍ରଥମଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୟୁଏସ୍ ଓପନ୍ ପୁରୁଷ ଡବଲ୍ସରେ ସେ ମାଇକେଲ ଭେନସ୍‌ଙ୍କୁ ସାଥିକରି ଏହି ସଫଳତା ପାଇଛନ୍ତି। ୧୪ଶ ସିଡ୍ ଏହି ଭାରତ-ନ୍ୟୁଜିଲାଣ୍ଡ ଯୋଡ଼ି ୧ ଘଣ୍ଟା ୨୩ ମିନିଟ ସମୟ ନେଇ ଜର୍ମାନୀ ଯୋଡ଼ି କେଭିନ କ୍ରାୱିଜ ଓ ଟିମ୍ ପୁଏଜଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଭାମ୍ବ୍ରି-ଭେନସ୍ କ୍ରୋଏସିଆର ନିକୋଲା ମେକ୍‌ଟିକ୍ ଓ ଆମେରିକାନ୍ ଭେଟେରାନ୍ ରାଜୀବ ରାମଙ୍କୁ ଭେଟିବେ। କ୍ୟାରିୟରରେ ଅଧିକାଂଶ ସମୟ ଆହତ ସମସ୍ୟା ଦେଇ ଗତି କରିଥିବା ଭାମ୍ବ୍ରି ସିଙ୍ଗଲ୍ସରେ କେବେହେଲେ ପ୍ରଥମ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ମାତ୍ର ଡବଲ୍ସରେ ତାଙ୍କ ପ୍ରଦର୍ଶନ ଭଲ ରହିଛି। ଚଳିତ ବର୍ଷ ଫ୍ରେଞ୍ଚ୍ ଓପନ୍ ଏବଂ ୱିମ୍ବେଲଡନ୍‌ରେ ସେ ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ।



ମ୍ୟାଚ ଜିତିବାପରେ ମାଇକେଲ ଭେନସ୍ ଓ ୟୁକି ଭାମ୍ବ୍ରି।

### ଜୁନିୟରରେ ଭାରତୀୟ ଅଭିଯାନ ଶେଷ

ଜୁନିୟର ମୁକାବିଲାରେ ଭାରତର ଅଭିଯାନ ଶେଷ ହୋଇଛି। ବାଳିକା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରତିଭାସମ୍ପନ୍ନ ମାୟା ରାଜେଶ୍ୱରନ ରେଭଥି ୨ୟ ସିଡ୍ ବ୍ରିଟେନ୍‌ର ହାନା କ୍ଲୁଗମାନ୍‌ଙ୍କଠାରୁ ୬(୧)-୭, ୬-୪, ୩-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଲାଇମା ସିନାଲିଙ୍କୁ ସାଥିକରି ଖେଳିଥିବା ମାୟା ବାଳିକା ଡବଲ୍ସରୁ ମଧ୍ୟ ବିଦାୟ ନେଇଛନ୍ତି। ସେହିପରି ବାଳକ ଡବଲ୍ସରେ ହିତେଶ ଚୌହାନ ଓ କ୍ରିଶ୍ ତ୍ୟାଗୀ ସେମାନଙ୍କ ଡବଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି।

### ବେଙ୍ଗାଲୁରୁ ଦଳାଚକଟା

## ମୁହଁ ଖୋଲିଲେ କୋହଲି

**ବେଙ୍ଗାଲୁରୁ,୩।୯(ପି.ଟି.):** ଗତ ଜୁନ୍ ୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ବିଜୟ ଉତ୍ସବ ବେଳେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଘଟିଥିବା ଦଳାଚକଟା ଘଟଣା ସମ୍ପର୍କରେ ବିରାଟ କୋହଲି ବୁଧବାର ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ଏହି ଘଟଣାରେ ୧୧ ଜଣ ପ୍ରଶଂସକଙ୍କର ମୃତ୍ୟୁ ଘଟିଥିଲା।

ଜୀବନରେ କିଛି ବି ତୁମକୁ ଜୁନ୍ ୪ ତାରିଖ ଭଳି ହୃଦୟବିଦାରକ ଘଟଣା ଲାଗି ପ୍ରସ୍ତୁତ କରେନାହିଁ। ଯାହା ଆମ ଫ୍ରାଞ୍ଚାଇଜ୍ ଇତିହାସର ସବୁଠୁ ସୁଖଦ ମୁହୂର୍ତ୍ତ ହେବାର ଥିଲା, ତାହା ଆମ ପାଇଁ ଏକ ଦୁଃଖଦ ଘଟଣାରେ ପରିଣତ ହେଲା। ସେହି ଦୁର୍ଘଟଣାରେ ଆମେ ଯେଉଁମାନଙ୍କୁ ହରାଇଦେଲୁ ଓ ଯେଉଁ ପ୍ରଶଂସକମାନେ ଆହତ ହେଲେ ସେମାନଙ୍କ ପରିବାର ବର୍ଗଙ୍କ ଲାଗି ମୁଁ ପ୍ରାର୍ଥନା କରୁଛି। ତୁମେ ଯାହା ହରାଇଛ, ତାହା ଏବେ ଆମ କାହାଣୀର ଅଂଶ।

## କିଟ୍‌ରେ ରଶ୍ମିତା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୩।୯(ତପନ ସ୍ୱାଇଁ)**

ଶ୍ରୀନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ୨ଟି ସ୍ୱର୍ଣ୍ଣ ଜିତିଥିବା ରଶ୍ମିତା ସାହୁଙ୍କୁ ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପାଇଁ ରଶ୍ମିତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍‌କି ବାତ୍ କାର୍ଯ୍ୟକ୍ରମରେ କଥା ହୋଇଥିଲେ। ସମ୍ବର୍ଦ୍ଧନା ଅବସରରେ ରଶ୍ମିତାଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ରଶ୍ମିତା ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିବା ଅବସରରେ ରଶ୍ମିତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ।



ରଶ୍ମିତା ସାହୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

# ସଭାପତି, ଆଇପିଏଲ୍ ଚେୟାରମ୍ୟାନ୍ ପଦ ଉପରେ ନଜର

**ନୂଆଦିଲ୍ଲୀ, ୩।୯(ପି.ଟି.)**

## ବିସିସିଆଇ ନିର୍ବାଚନ

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଚଳିତମାସ ଶେଷଭାଗରେ ହେବାର ଅଛି। ଏହି ଅବସରରେ ସଭାପତି ଓ ଆଇପିଏଲ ଚେୟାରମ୍ୟାନ୍ ଆଦି କେତେକ ଶୀର୍ଷ ପଦ ଉପରେ ନଜର ରହିବ। ବର୍ତ୍ତମାନର ଆଇପିଏଲ ଚେୟାରମ୍ୟାନ୍ ଅରୁଣ ଧୂମାଲ ସମ୍ଭବତଃ ୩ ବର୍ଷ ପାଇଁ ବାଧ୍ୟତାମୂଳକ କୁଲିଂ ପିରିୟଡ୍‌ରେ ରହିବେ। କାରଣ ସେ ଅଫିସ୍‌ରେ ୬ ବର୍ଷ ବିତାଇ ସାରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ୩ ବର୍ଷ ଶେଷ କରିଥିବା ଦେବଜିତ ସାଇକିଆ(ଯୁଗ୍ମ ସମ୍ପାଦକ ଭାବେ ୨ ବର୍ଷ ୩ ମାସ ଓ ସମ୍ପାଦକ ଭାବେ ୯ ମାସ) ନିଜ ପଦରେ ଅପରିବର୍ତ୍ତିତ ରହିବେ। ଆଇପିଏଲ୍ ଚେୟାରମ୍ୟାନ୍ ପଦ ପାଇଁ ପୂର୍ବତନ ମୁମ୍ବାଇ କ୍ରିକେଟ୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ନାଏକ ଏବଂ ବର୍ତ୍ତମାନ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳାଙ୍କ ନାମ ଆସୁଛି। ତେବେ କିଛି ଚୂଡ଼ାନ୍ତ ହୋଇନାହିଁ। ଯଦି କଂଗ୍ରେସର ଶୁକ୍ଳା ପୁଣି ଆଇପିଏଲ ଚେୟାରମ୍ୟାନ୍ ହୁଅନ୍ତି ତେବେ ବିହାର କ୍ରିକେଟ ଆସୋସିଏଶନ ସଭାପତି ତଥା ଭାଜପା ନେତା ରାକେଶ ତିୱାରୀ ବିସିସିଆଇ ଉପସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି।

ସେହିପରି ଗତ ଜୁଲାଇରେ ୭୦ ବର୍ଷ ବୟସରେ ପଦାର୍ପଣ କରିଥିବା ରୋଜର ବିନ୍ନି ବର୍ତ୍ତମାନର ସମ୍ବିଧାନ ଅନୁସାରେ ଆଉ ସଭାପତି ପଦରେ ପୁନଃନିର୍ବାଚିତ ହୋଇପାରିବେ ନାହିଁ। ତାଙ୍କ ସ୍ଥାନରେ କିଏ ନୂଆ ସଭାପତି ହେବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସାଧାରଣତଃ କ୍ରିକେଟ୍‌ରେ ନିପୁଣ ବ୍ୟକ୍ତି ନିକଟ ଅତୀତରେ ସଭାପତି ପଦ ମଣ୍ଡନ କରି ଆସିଛନ୍ତି। ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କ ମନରେ ମଧ୍ୟ ଏହି ଭାବନା ରହିଛି। ତେବେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ଭାରତର ପ୍ରଥମ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରୋଜର ବିନ୍ନିଙ୍କ ପରି ଆଉ କେଉଁ କ୍ରିକେଟର ଏହି ପଦ ପାଇଁ ଆଶାୟୀ ରହୁଛନ୍ତି ତାକୁ ନେଇ ନିଶ୍ଚିତ କୌତୂହଳ ରହିବ। ବିସିସିଆଇ ଏଜିଏମ୍ ସେପ୍ଟେମ୍ବର ଶେଷ ସପ୍ତାହରେ ହେବା ସମ୍ଭାବନା ରହିଛି। ଏହି ସମୟରେ ଆସୋସିଏଶନର ନିଜସ୍ୱ ନିୟମ ଅନୁସାରେ ଖାଲି ପଡ଼ିଥିବା କେତେକ ପଦ ପୂରଣ ହେବା ନେଇ ଆଶା କରାଯାଉଛି।









1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ